୬ ଆଫଗାନିସ୍ତାନ ବିପକ୍ଷ ସିରିଜ୍ ପାଇଁ ଦଳ ଘୋଷଣା
ଟିମ୍ ଇଣ୍ଡିଆରେ ପୁଣି ଚାଲିବ ରୋ-କୋ ଜଲୱା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା
The Sambad Kalika TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ–୩୩ • ସଂଖ୍ୟା–୧୦୯ • ୨୦ ମଇ ୨୦୨୬ ବୁଧବାର • ଭୁବନେଶ୍ୱର • Vol -33 • Issue-109 • 20th May 2026, Wednesday • Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ବଡ଼ ଘୋଷଣା

# ଦେଶରୁ ନିଶ୍ଚିହ୍ନ ହେଲା ନକ୍ସଲବାଦ

**ନୂଆଦିଲ୍ଲୀ, ୧୯ ।୫**

ନକ୍ସଲମୁକ୍ତ ଭାରତ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବଡ ଘୋଷଣା କରିଛନ୍ତି। ସେ କହିଛନ୍ତି ଛତିଶଗଡ଼ର ବସ୍ତର ଏବେ ନକ୍ସଲମୁକ୍ତ ହୋଇଛି । ଭୟର ବାତାବରଣରୁ ମୁକ୍ତ ହୋଇଛି ଛତିଶଗଡ଼। ଦେଶରେ ନକ୍ସଲବାଦର ନିଶ୍ଚିହ୍ନ ହୋଇଛି। ନକ୍ସଲମୁକ୍ତ ଅଞ୍ଚଳରେ ବିକାଶ ପହଞ୍ଚିଛି । ନକ୍ସଲମୁକ୍ତ ଅଞ୍ଚଳରେ ଲୋକଙ୍କୁ ବ୍ୟାଙ୍କ ସୁବିଧା ବି ମିଳୁଛି । ସହଜ ପରିବହନ, ଉନ୍ନତ ସ୍ୱାସ୍ଥ୍ୟ ସେବା ପହଞ୍ଚି ପାରିଛି ବୋଲି ସେ କହିଛନ୍ତି ।

ସେ ଆହୁରି କହିଛନ୍ତି ଏବେ ଲୋକମାନଙ୍କୁ ଡିଜିଟାଲ୍ ସେବା ମିଳୁଛି। ଲୋକଙ୍କ ଦକ୍ଷତା ବିକାଶ ସହ ସେମାନଙ୍କୁ ସ୍ୱାବଲମ୍ବୀ କରାଯାଉଛି । ଆଦିବାସୀ ମହିଳା, ପୁରୁଷ ବିକାଶରେ ଭାଗିଦାରୀ ହେଉଛନ୍ତି । ଗାଁରେ ଡାଏରୀ ଫାର୍ମ ବ୍ୟାପକ ହେବ, ଲୋକେ ରୋଜଗାରକ୍ଷମ ହେବେ। ଲୋକଙ୍କୁ ଗାଈ ଦିଆଯିବ, ଯେଉଁଥିରୁ ଦୁଗ୍ଧଜାତ ସାମଗ୍ରୀ ବେଶୀ ଉତ୍ପାଦନ ହେବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ବିକାଶର ଧାରା ଦ୍ରୁତ ହେଉଛି। ନକ୍ସଲ ପ୍ରଭାବିତ ଅଞ୍ଚଳରେ ୫୦୦୦ ମୋବାଇଲ୍ ଟାୱାର ବସିଛି । ଆଗାମୀ ଦିନରେ ଆଉ ୧୩ ହଜାର ମୋବାଇଲ୍ ଟାୱାର ବସିବ । ସେହିପରି ଆଦିବାସୀ ସଂସ୍କୃତିଙ୍କୁ ବଞ୍ଚାଇବାକୁ ବଡ଼ ପଦକ୍ଷେପ ନିଆଯାଉଛି । ସୁରକ୍ଷାରୁ ବିଶ୍ୱାସ, ବିଶ୍ୱାସରୁ ସମୃଦ୍ଧି, ସମୃଦ୍ଧିରୁ ବିକାଶ ଆମର ଲକ୍ଷ୍ୟ ବୋଲି କହିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ।



## ପାକିସ୍ତାନକୁ ପ୍ରତିରକ୍ଷା ମନ୍ତ୍ରୀଙ୍କ ସ୍ପଷ୍ଟ ବାର୍ତ୍ତା

# ଭାରତ ପରମାଣୁ ବ୍ଲାକମେଲ୍‌କୁ ସହ୍ୟ କରିବ ନାହିଁ

**ହନୋଇ, ୧୯ ।୫**

ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବର୍ତ୍ତମାନ ଭିଏତନାମ ଗସ୍ତରେ ଅଛନ୍ତି। ମଙ୍ଗଳବାର ଭାରତ ଏବଂ ଭିଏତନାମ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ପ୍ରମୁଖ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବ ଏବଂ ଭବିଷ୍ୟତର ପ୍ରଯୁକ୍ତିବିଦ୍ୟାରେ ସହଯୋଗ ପାଇଁ ପଥ ଖୋଲିବ ବୋଲି ବିଶ୍ୱାସ କରାଯାଉଛି। ପ୍ରତିରକ୍ଷା ମନ୍ତ୍ରୀ ଏହାକୁ ଭାରତ ଏବଂ ଭିଏତନାମ ମଧ୍ୟରେ ରଣନୈତିକ ସହଭାଗୀତାରେ ଏକ ପ୍ରମୁଖ ଏବଂ ଭବିଷ୍ୟତମୁଖୀ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ନିରନ୍ତର ମଜଭୁତ ହେଉଛି ଏବଂ ଭାରତ ଏହି ସହଭାଗୀତାକୁ ଆଗକୁ ନେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ସେ ଭିଏତନାମ ପ୍ରତିରକ୍ଷା ମନ୍ତ୍ରୀ ଫାନ୍ ଭାନ୍ ଗିଆଙ୍ଗଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ଏହି ବୈଠକ ସମୟରେ, ପ୍ରତିରକ୍ଷା ସହଯୋଗ, ସାମୁଦ୍ରିକ ସୁରକ୍ଷା, ସାମରିକ ତାଲିମ, ପ୍ରତିରକ୍ଷା ଶିଳ୍ପ ଏବଂ ଆଞ୍ଚଳିକ ସ୍ଥିରତା ସମେତ ଦୁଇ ଦେଶ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ରାଜନାଥ ସିଂହ କହିଛନ୍ତି ଯେ ଭାରତ ଏବଂ ଭିଏତନାମ କେବଳ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ ବରଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଶାନ୍ତି ଏବଂ ସ୍ଥିରତା ବଜାୟ *(ପୃଷ୍ଠା ୭ରେ)*



## ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

**ଭୁବନେଶ୍ୱର, ୧୯ ।୫**
**ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଛତ୍ରପୁର ତହସିଲର ପ୍ରଫୁଲ୍ଲ ପ୍ରଧାନ (ପିତା – ଘନ ପ୍ରଧାନ )ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏହି ସୂଚନା ଦିଆଯାଇଛି।

## ଆଜିର ମୁଖ୍ୟ ଖବର

- ଭାରତ ଆସିବେ ପୁଟିନ।
- ୟୁକ୍ରେନ ଉପରେ ୫୨୪ ଡ୍ରୋନ୍ ଓ ୨୨ କ୍ଷେପଣାସ୍ତ୍ର ମାଡ଼ କଲା ଋଷ୍।
- ନେପାଳରେ ପ୍ରବେଶ କରୁଥିବା ଭାରତୀୟ ନାଗରିକ ୫୭୦ ଗ୍ରାମ ସୁନା ଏବଂ ୨୦,୦୦୦ ଆମେରିକୀୟ ଡଲାର ସହିତ ଗିରଫ।
- ଆୟୁଷ ଅନୁଦାନ ପୋର୍ଟାଲ ଆରମ୍ଭ, ଅନୁଦାନ ପ୍ରକ୍ରିୟା ହେବ ସହଜ।
- ଭାରତ ପାଇଁ ଆପାଚି ହେଲିକପ୍ଟର ସହାୟତା ଚୁକ୍ତିକୁ ଅନୁମୋଦନ କଲା ଆମେରିକା।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୭୦୪ (+୮୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୯୫ (+୭୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୭୮ (+୬୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୫ (-୫)

## ଭୁବନେଶ୍ୱରରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ

# ଚାଷୀ ଓ ମାଟିର ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟର ରୋଡମ୍ୟାପ୍




**ଭୁବନେଶ୍ୱର, ୧୯ ।୫**
**ନ୍ୟୁଜ୍ ବ୍ୟୁରୋ**

ପୂର୍ବ ଭାରତର କୃଷି ବିକାଶ ଓ କୃଷକଙ୍କ କଲ୍ୟାଣ ପାଇଁ ଭୁବନେଶ୍ୱରଠାରେ ମଙ୍ଗଳବାର 'ପୂର୍ବାଞ୍ଚଳ କ୍ଷେତ୍ରୀୟ କୃଷି ସମ୍ମିଳନୀ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା, ବିହାର, ଛତିଶଗଡ଼, ଝାରଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ୫ଟି ରାଜ୍ୟର କୃଷି ବିକାଶ ପାଇଁ ପ୍ରସ୍ତୁତ ହେବ ରୋଡ ମ୍ୟାପ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବ ଭାରତରେ କୃଷିର ଭବିଷ୍ୟତ ଓ ଚାଷୀଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ସଂପର୍କରେ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ କ୍ରାନ୍ତିକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ସୂଚନା ଦେଇଛନ୍ତି।କୃଷି ସମ୍ମିଳନୀରେ ଯୋଗଦେଇ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଓଡ଼ିଶାର ଚାଷୀ ଓ କୃଷି ବିକାଶର ଭୂୟସୀ ପ୍ରଶଂସା କରିଛନ୍ତି। ଚଳିତ ବର୍ଷ ଧାନ କ୍ରୟ କ୍ଷେତ୍ରରେ ଓଡ଼ିଶା ସରକାର ଏକ ବଡ଼ *(ପୃଷ୍ଠା ୭ରେ)*

# ଇଏସଆଇ ମେଡିକାଲ କଲେଜ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୯ ।୫**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରର ଅନ୍ଧାରୁଆଠାରେ ଇଏସଆଇ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଏବଂ ଭାରତ ସରକାରଙ୍କ କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍ଆଇସି) ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଏହି ବୃହତ ପ୍ରକଳ୍ପର ସ୍ଥାୟୀ ଭିତ୍ତିଭୂମି ଅନ୍ଧାରୁଆଠାରେ ନିର୍ମାଣ ହେବାକୁ ଥିବାବେଳେ, ମେଡିକାଲ କଲେଜର କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ବର୍ତ୍ତମାନ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ସ୍ଥିତ ଇଏସ୍ଆଇ ହସ୍ପିଟାଲକୁ ବ୍ୟବହାର କରାଯିବ। ଏଥିପାଇଁ ଶ୍ରମ ବିଭାଗ ପକ୍ଷରୁ ଉକ୍ତ ହସ୍ପିଟାଲକୁ ଆନୁଷ୍ଠାନିକ ଭାବେ କର୍ମଚାରୀ ରାଜ୍ୟ ବୀମା ନିଗମଙ୍କୁ ହସ୍ତାନ୍ତର କରାଯାଇଛି।

ଏହି ଆନୁଷ୍ଠାନିକ ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମ ଭୁବନେଶ୍ୱର ସ୍ଥିତ ଖାରବେଳ ଭବନର ପଞ୍ଚମ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ଏହି ଚୁକ୍ତିନାମାକୁ କାର୍ଯ୍ୟକାରୀ କରିବା ଏବଂ ହିତାଧିକାରୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ପ୍ରଶାସନିକ ସ୍ତରର ଅନେକ ବରିଷ୍ଠ ଅଧିକାରୀ ଏଠାରେ ଏକତ୍ରିତ ହୋଇଥିଲେ। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି।

ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ପକ୍ଷରୁ ଅତିରିକ୍ତ ଶାସନ ସଚିବ ରାଜେଶ କୁମାର ଅଗ୍ରୱାଲ, ଇ.ଏସ୍.ଆଇ ସ୍କିମର ନିର୍ଦ୍ଦେଶିକା ମଧୁମିତା ନାୟକ, ଯୁଗ୍ମ ନିର୍ଦ୍ଦେଶକ ଡ. ସୂର୍ଯ୍ୟନାରାୟଣ ପାଢ଼ୀ ଏବଂ ଚନ୍ଦ୍ରଶେଖରପୁର ଇ.ଏସ୍.ଆଇ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଡ. ଅମୀୟ କୁମାର ସାମଲ ପ୍ରମୁଖ ଏମଓୟୁ ସ୍ୱାକ୍ଷର କରିଥିଲା ବେଳେ, ଇ.ଏସ୍.ଆଇ.ସି ପକ୍ଷରୁ ଇଷ୍ଟ ଜୋନର ମେଡିକାଲ କମିଶନର ଡ. ରଚିତା ବିଶ୍ୱାସ, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ୍ତ, *(ପୃଷ୍ଠା ୭ରେ)*



# ଆଜି ବନ୍ଦ ରହିବ ଦେଶବ୍ୟାପୀ ଔଷଧ ଦୋକାନ

**ଭୁବନେଶ୍ୱର, ୧୯ ।୫**
**ନ୍ୟୁଜ୍ ବ୍ୟୁରୋ**

ଡିଜିଟାଲ୍ ବା ଅନଲାଇନ୍ ପ୍ଲାଟଫର୍ମରେ ଔଷଧ ବିକ୍ରିକୁ ବିରୋଧ କରାଯାଇଛି । ମେ ୨୦ରେ ଦେଶବ୍ୟାପୀ ଦିଆଯାଇଛି ବନ୍ଦ ଡାକରା । ଫଳରେ ରାଜ୍ୟରେ ବୁଧବାର ୨୪ ଘଣ୍ଟା ପାଇଁ ସମସ୍ତ ଔଷଧ ଦୋକାନ ବନ୍ଦ ରହିପାରେ ।

ଉତ୍କଳ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ୍ ଆସୋସିଏସନ୍ ମଧ ରାଜ୍ୟବ୍ୟାପୀ ଔଷଧ ଦୋକାନ ବନ୍ଦ ରଖିବାକୁ ଘୋଷଣା କରିଛି । ଘୋଷଣା ଅନୁସାରେ, ମଙ୍ଗଳବାର ମଧ୍ୟ ରାତ୍ରୀରୁ ବୁଧବାର ମଧ୍ୟ ରାତ୍ରୀ ପର୍ଯ୍ୟନ୍ତ ରାଜ୍ୟର ପ୍ରାୟ ୩୦ ହଜାର ଔଷଧ ଦୋକାନ ବନ୍ଦ ରହିପାରେ । ଦେଶବ୍ୟାପୀ ଔଷଧ ଦୋକାନ ବନ୍ଦ ଡାକରା ଦେଇଛି ଅଲ୍ ଇଣ୍ଡିଆ ଅର୍ଗାନାଇଜେସନ୍ ଅଫ୍ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ। ବୁଧବାର ମେଡିସିନ୍ ଷ୍ଟୋର୍ ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହି ସମୟରେ ଜରୁରୀକାଳୀନ ଔଷଧ ସେବା ଯୋଗାଇ ଦିଆଯିବ ବୋଲି କୁହାଯାଇଛି । ମେ ୨୦ରେ ଔଷଧ ଦୋକାନ *(ପୃଷ୍ଠା ୭ରେ)*



# ପେଟ୍ରୋଲରେ ଏବେ ମିଶିବ ୩୦% ଇଥାନଲ !

**ନୂଆଦିଲ୍ଲୀ, ୧୯ ।୫**

ଭାରତ ଏବେ ପେଟ୍ରୋଲରେ ଇଥାନଲର ମିଶ୍ରଣ ବୃଦ୍ଧି କରିବା ଦିଗରେ ଦ୍ରୁତ ଗତିରେ ଅଗ୍ରସର ହେଉଛି। ବିଦ୍ୟମାନ ଇ-୨୦ ଯୋଜନାରୁ ଆଗକୁ ବଢ଼ି, ସରକାର ଇ-୨୨, ଇ-୨୫, ଇ-୨୭ ଏବଂ ଇ-୩୦ ଇନ୍ଧନ ମିଶ୍ରଣ ପାଇଁ ବୈଷୟିକ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏହା ସୂଚାଇ ଦିଏ ଯେ, ଭବିଷ୍ୟତରେ, ପେଟ୍ରୋଲକୁ ୨୨%, ୨୫%, ୨୭% ଏବଂ ୩୦% ପର୍ଯ୍ୟନ୍ତ ଇଥାନଲ ସହିତ ମିଶ୍ରଣ କରାଯାଇପାରିବ।

ସରକାରଙ୍କ ଏହି ପଦକ୍ଷେପ ଏକ ସ୍ପଷ୍ଟ ସଙ୍କେତ ପଠାଏ ଯେ ଭାରତ ବିଦେଶୀ ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା ହ୍ରାସ କରିବାକୁ ଲକ୍ଷ୍ୟ ରଖିଛି। ସାମ୍ପ୍ରତିକ ସମୟରେ, ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ଉତ୍ତେଜନା ଏବଂ ଅଶୋଧିତ ତୈଳ ମୂଲ୍ୟରେ ନିରନ୍ତର ଅସ୍ଥିରତା ଶକ୍ତି ସୁରକ୍ଷାକୁ ଏକ ପ୍ରମୁଖ ଚିନ୍ତାର ବିଷୟ କରିଛି। ଏହାକୁ ଦୃଷ୍ଟିରେ ରଖି, ସରକାର ଏକ ଦୀର୍ଘକାଳୀନ ରଣନୀତି ଉପରେ କାର୍ଯ୍ୟ କରୁଛି।

ଏକ ବିଜ୍ଞପ୍ତିରେ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ ଏହି ନୂତନ ଇନ୍ଧନ ମିଶ୍ରଣ ପାଇଁ ମାନକ ପ୍ରକାଶ କରିଛି। ଏହି ନୂତନ ନିୟମ ୧୫ ମଇ, ୨୦୨୬ ରେ କାର୍ଯ୍ୟକାରୀ ହୋଇଛି। ବର୍ତ୍ତମାନ, ଇ-୨୦ ଇନ୍ଧନ ମିଶ୍ରଣ ଯେଉଁଥିରେ ପେଟ୍ରୋଲ ସହିତ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ଅନ୍ତର୍ଭୁକ୍ତ ସାରା ଦେଶରେ ପ୍ରଚଳନ କରାଯାଉଛି। ସରକାରଙ୍କ ଏହି ନିଷ୍ପତ୍ତି ଏପରି ସମୟରେ ଆସିଛି ଯେତେବେଳେ ଆମେରିକା ଏବଂ ଇରାନ ମଧ୍ୟରେ ସଂଘର୍ଷ ଯୋଗୁଁ ହର୍ମୁଜ ପ୍ରଣାଳୀ ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ବନ୍ଦ ରହିଛି। ଏହି ପରିସ୍ଥିତି ବିଶ୍ୱବ୍ୟାପୀ ଅଶୋଧିତ ତୈଳ ଯୋଗାଣ ଉପରେ ଯଥେଷ୍ଟ ଚାପ ପକାଇଛି।

ନୂତନ ବିଆଇଏସ୍ ମାନକଗୁଡ଼ିକ ଅଧିକ ଇଥାନଲ ସାମଗ୍ରୀ ସହିତ ପେଟ୍ରୋଲରେ ଚାଲିବା ପାଇଁ ଡିଜାଇନ ହୋଇଥିବା ଇଞ୍ଜିନ ଏବଂ ଯାନବାହାନ ପାଇଁ ବୈଷୟିକ ନିର୍ଦ୍ଦିଷ୍ଟକରଣ ସ୍ଥାପନ କରେ। ଏହି ମାନକଗୁଡ଼ିକ ଇନ୍ଧନ ଗୁଣବତ୍ତା, ଅକ୍ଟାନ ସ୍ତର, ସଲଫର ସୀମା, *(ପୃଷ୍ଠା ୭ରେ)*




## ଲିଟର ପିଛା ୯୦ ପଇସା ବଢ଼ିଲା ପେଟ୍ରୋଲ ଓ ଡିଜେଲ ଦର

**ନୂଆଦିଲ୍ଲୀ, ୧୯ ।୫**

ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ମଧ୍ୟରେ, ରାଷ୍ଟ୍ରାୟତ୍ତ କ୍ଷେତ୍ରର ତୈଳ ଏବଂ ଗ୍ୟାସ ବିପଣନ କମ୍ପାନୀମାନେ ପୁଣିଥରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି କରିଛନ୍ତି। ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଲିଟର ପିଛା ପ୍ରାୟ ୯୦ ପଇସା ବୃଦ୍ଧି ପାଇଛି। ଏକ ସପ୍ତାହ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏହା ଦ୍ୱିତୀୟ ବୃଦ୍ଧି।

ଇଣ୍ଡିଆନ୍ ଅଏଲ୍ ଅନୁଯାୟୀ, ଏହି ବୃଦ୍ଧି ପରେ ନୂଆଦିଲ୍ଲୀରେ ପେଟ୍ରୋଲର ମୂଲ୍ୟ ଲିଟର ପିଛା ୮୭ ପଇସା ବୃଦ୍ଧି ପାଇ ୯୮.୬୪ ଟଙ୍କାରେ ପହଞ୍ଚିଛି। ଏଥି ସହିତ, ଡିଜେଲ ୯୧ ପଇସା ବୃଦ୍ଧି ସହିତ ଲିଟର ପିଛା ୯୧.୫୮ ଟଙ୍କାରେ ପହଞ୍ଚିଛି। ମୁମ୍ବାଇରେ ପେଟ୍ରୋଲ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ପୋଲିସି ଆମର ବହୁତ ବଢିଆ
ହୋଇ ପୁରା ପୁରି ଜୋସ୍
କୁସ୍ତି କସରତ କରି ଏକଦମ୍ ଫିଟ୍
ଦିଲ୍ ତାଙ୍କ ପୁରା ଖୁସ୍
ହେଲେ ଆକ୍ସନରେ ଫୁସ୍
ଅପରାଧୀ ନିତି ରକତେ ଖେଳନ୍ତି
କେବେକୁ ପସିବ ହୋସ୍

# ଓଡ଼ିଶାକୁ ବଡ଼ ବିପଦ, ଏଲ୍ ନିନୋ ପ୍ରଭାବରେ ମାଡ଼ି ଆସୁଛି ମହା ପ୍ରଳୟ !




**ନୂଆଦିଲ୍ଲୀ, ୧୯ ।୫**

ପ୍ରଶାନ୍ତ ମହାସାଗରରେ ଜଳସ୍ତର ଉପରି ଭାଗର ତାପମାତ୍ରା ସ୍ୱାଭାବିକଠାରୁ ୨ ଡିଗ୍ରୀ ଅଧିକ ରହିଲେ ଏଲ ନିନୋ ଆକ୍ଟିଭ ହୋଇଥାଏ। ଚଳିତବର୍ଷ ଏହି ତାପମାତ୍ରା ୨.୦ ରୁ ୩.୦ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏଥିପାଇଁ ଏହାକୁ ସୁପର୍ ଏଲ ନିନୋ ବୋଲି କୁହାଯାଉଛି।

୨୦୦୨ରେ ଏଲ୍ ନିନୋ ସ୍ଥିତି ଯୋଗୁଁ ମୌସୁମୀ ବର୍ଷାରେ ଅନିୟମିତତା ଦେଖାଯାଇଥିଲା । ଓଡ଼ିଶାର ଅନେକ ଜିଲ୍ଲାରେ ମରୁଡ଼ି ସ୍ଥିତି ସୃଷ୍ଟି ହୋଇଥିଲା। ୨୦୨୬ରେ ଆସୁଛି ସୁପର୍ ଏଲ ନିନୋ। ସାରା ବିଶ୍ୱରେ ବଦଳିବ ଜଳବାୟୁର ଚିତ୍ର। ପାଣିପାଗ ଉପରେ ରହିବ ପ୍ରଭାବ। ବର୍ତ୍ତିବ ନାହିଁ ଓଡ଼ିଶା।

ଏଲ ନିନୋ ପ୍ରଭାବରେ ପ୍ରବଳ ହିଟ୍ ୱେଭ୍, ଦୁର୍ବଳ ମୌସୁମୀ, ଚାଷବାସ କ୍ଷତି, ଜଳାଭାବ ଓ ଅସ୍ଥିର ପାଣିପାଗ ଭଳି ସ୍ଥିତି ଦେଖିବାକୁ ମିଳିବ। ୧୫୦ ବର୍ଷ ପରେ ଏବର୍ଷ ରହିବ ସୁପର ଏଲ ନିନୋ ସ୍ଥିତି । ଆଉ ଏହାର ପ୍ରଭାବ ଓଡ଼ିଶା ସମେତ ସମଗ୍ର ଭାରତ ଉପରେ ପଡ଼ିବ । ସୁପର ଏଲ ନିନୋର ପ୍ରଭାବରେ ମୁଖ୍ୟତଃ ପାଣିପାଗରେ ତାରତମ୍ୟ ଆସିଥାଏ । ଯେମିତି ଅତ୍ୟଧିକ ଖରା କିମ୍ବା ଅତ୍ୟଧିକ ବର୍ଷା ହୋଇଥାଏ । ପ୍ରାକ୍ ମୌସୁମୀ ଋତୁରେ ପ୍ରବଳ ଖରା ବା ହିଟ୍ ୱେଭ ସ୍ଥିତି *(ପୃଷ୍ଠା ୭ରେ)*

# ପ୍ରଚଣ୍ଡ ଖରା : ୪୪.୮ ଡିଗ୍ରୀ ସହିତ ଝାରସୁଗୁଡ଼ା ସବୁଠୁ ଉତ୍ତପ୍ତ ସହର

**ଭୁବନେଶ୍ୱର, ୧୯ ।୫**
**ନ୍ୟୁଜ୍ ବ୍ୟୁରୋ**

ପ୍ରବଳ ତାତିରେ ଆଉଟୁପାଉଟୁ ହେଉଛି ସାରା ରାଜ୍ୟ। ମଙ୍ଗଳବାର ରାଜ୍ୟର ୧୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା' ଉପରେ ରେକର୍ଡ କରାଯାଇଛି। ୪୪.୮ ଡିଗ୍ରୀ ସେଲସିୟସ ସହ ଝାରସୁଗୁଡ଼ା ହୋଇଛି ସବୁଠୁ ଉତ୍ତପ୍ତ ସହର। ହୀରାକୁଦରେ ମଙ୍ଗଳବାର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ରହିଥିବା ବେଳେ ସମ୍ବଲପୁର ଓ ଅନୁଗୋଳରେ ୪୩.୬ ଡିଗ୍ରୀ, ବୌଦ୍ଧ ଓ ତାଳଚେରରେ ୪୩, ସୋନପୁରରେ ୪୨.୬, ଟିଟିଲାଗଡ଼ରେ ୪୨.୩, ବଲାଙ୍ଗିରରେ ୪୨.୨, ନୟାଗଡ଼ରେ ୪୧.୯, ସୁନ୍ଦରଗଡ଼ରେ ୪୧.୮, ଭବାନୀପାଟଣାରେ ୪୧.୫ ଓ ବରଗଡ଼ରେ ୪୧ ଡିଗ୍ରୀ ରେକର୍ଡ କରାଯାଇଛି। ଭଦ୍ରକରେ ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ୪୦.୧ ଓ ରାଉରକେଲା ୪୦ ଡିଗ୍ରୀ ରହିଥିଲା। ସେହିପରି ପାରଳାଖେମୁଣ୍ଡି ଓ ନୂଆପଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ରହିଥିଲା।



32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ମଇ ୨୦୨୬ ବୁଧବାର





## ସୋନପୁରରେ ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ପ୍ରଦାନ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାର ଓ ପୋଲିସ ମହା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ପକ୍ଷରୁ ସୋନପୁର ସଦର ଥାନା ପରିସରରେ ବରିଷ୍ଠ ନାଗରିକ ପରିଚୟପତ୍ର ପ୍ରଦାନ ଉତ୍ସବ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଥାନା ଭାରପ୍ରାପ୍ତ ଅଧିକାରୀ ଯାଦବ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଉପଖଣ୍ଡ ଆରକ୍ଷୀ ଅଧିକାରୀ କଲ୍ୟାଣୀ ବେହେରା ଯୋଗଦେଇ ବରିଷ୍ଠ ନାଗରିକମାନେ ଏକା ନୁହନ୍ତି ପୋଲିସ ସବୁଠି ସବୁବେଳେ ସାହାଯ୍ୟ କରିବାକୁ ସଜାଗ ରହିଛି ବୋଲି କହିଥିଲେ। ସହରର ୧୩ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ। ଶ୍ରୀ ଯାଦବ ବାଗ ସଭା ସଂଯୋଜନା କରି ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ସୂଚନା ଫର୍ଦ୍ଦ ପ୍ରଦାନ ପୂର୍ବକ ଏହାର ନୀତି ନିୟମ ଓ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଅନୁରୋଧ କରିଥିଲେ । କୌଣସି ବି ଜାଗାରେ ଅସୁବିଧା ଭୋଗିଲେ ସଙ୍ଗେ ସଙ୍ଗେ ୧୧୨କୁ ଫୋନ୍ କଲେ ପୋଲିସ ସଙ୍ଗେ ସଙ୍ଗେ ପହଞ୍ଚି ପଦକ୍ଷେପ ନେବେ ଓ କୌଣସି ନିର୍ଯାତିତ ହେଲେ ପୋଲିସକୁ ସୂଚନା ଦେବାକୁ କହିଥିଲେ। ସମାଜ ଓ ଦେଶ ଗଠନରେ ବରିଷ୍ଠ ନାଗରିକଙ୍କ ପ୍ରମୁଖ ଦାୟିତ୍ୱ ରହିଛି । ନିଜର ସୁବିଧା ସୁଯୋଗ ନେବା ସହିତ ସମାଜ ପାଇଁ ଦେଶ ପାଇଁ ପର୍ଯ୍ୟାପ୍ତ ସମୟ ଦେବାକୁ ପଡିବ ବୋଲି ବରିଷ୍ଠ ନାଗରିକ ତଥା ଆଇନଜୀବୀ ପ୍ରଦୀପ ପୁରୋହିତ କହିଥିଲେ। ବରିଷ୍ଠ ନାଗରିକ ଦେଶ ପାଇଁ ଜଣେ ଜଣେ ବୁଢ଼ା ନୁହଁନ୍ତି ସେମାନେ ଦେଶ ପାଇଁ ଲୋଡ଼ା ବୋଲି କହିଥିଲେ । ସଭାରେ ବରିଷ୍ଠ ନାଗରିକମାନେ ମଧ୍ୟ ନିଜ ନିଜର ବିଭିନ୍ନ ସମସ୍ୟା ଓ ଅନୁଭୂତି ପ୍ରକାଶ କରିଥିଲେ । ଏହି ସଭାରେ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ସମାଜସେବୀ ଶ୍ରୀବସ୍ତ ମଲ୍ଲିକ ଯୋଗଦେଇଥିଲେ। ଥାନାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସଭା ଶେଷରେ ସଦରଥାନାର ପୋଲିସ ଏସ୍ଆଇ ଅମିତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ମଣିଷ ଭିତରେ ଦେବାର ପ୍ରବୃତ୍ତି ଉଜ୍ଜୀବିତ କରିବ ଆର୍ଟ ଅଫ୍ ଗିଭିଂର ମୂଳ ଲକ୍ଷ୍ୟ

**ସାଲେପୁର, ନ୍ୟୁଜ୍**



ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ସ୍ଥିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପରିସରରେ ୧୩ତମ 'ଆର୍ଟ ଅଫ୍ ଗିଭିଂ' ପାଳିତ ହୋଇଯାଇଛି। କିଟ୍ କିସ୍‌ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତାନନ୍ଦ ସାମନ୍ତଙ୍କ ମାନସ ସୃଷ୍ଟି ଆର୍ଟ ଅଫ୍ ଗିଭିଂ ଆନ୍ତର୍ଜାତିକ ସ୍ତରରେ ମେ ୧୭ରେ ପାଳନ କରାଯାଇଛି ଓ ମଣିଷ ଭିତରେ ଦେବାର ପ୍ରବୃତ୍ତିକୁ ଉଜ୍ଜୀବିତ କରିବା ପାଇଁ ଶ୍ରୀ ସାମନ୍ତଙ୍କର ଏହା ଏକ ପ୍ରୟାସ। ଗୋପୀନାଥପୁର ସମାରୋହରେ ମୁଖ୍ୟ ଅତିଥି ଭାବରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଆର୍ଟ ଅଫ୍ ଗିଭିଂ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ବରେଣ୍ୟ ଅଥିତି ଭାବରେ କିସ୍ ବିଶ୍ୱବିଦ୍ୟାଳୟର ଟି. ବି. ଆଇ ମହାନିର୍ଦ୍ଦେଶକ ସମରେନ୍ଦ୍ର ସାହୁ, ଅନ୍ୟତମ ଅଥିତି ଭାବରେ କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ସାଲେପୁର ତହସିଲଦାର ଊର୍ମିଳା ପ୍ରଧାନ ଜାତୀୟ ଯୁବ ପ୍ରକଳ୍ପର ଓଡ଼ିଶାର ଆବାହକ ମଧୁସୂଦନ ଦାସ, ଆନନ୍ଦ ଆମ୍ବା ସେବାଶ୍ରମର ପ୍ରତିଷ୍ଠାତା ରାମଦାସ ମହାରାଜ ପ୍ରମୁଖ ଯୋଗଦେଇ 'ଆର୍ଟ ଅଫ୍ ଗିଭିଂ'ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଉକ୍ତ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ। ସୁବ୍ରତ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ବିଶ୍ୱରଞ୍ଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାକୁ କିଟ୍ ଓ କିସ୍ ଅନୁଷ୍ଠାନ ପକ୍ଷରୁ ଦୀପକ କୁମାର ପାଣି, ଦୁଃଶାସନ ବେହେରା, ସୁକାନ୍ତ କୁମାର ବିଶ୍ୱାଳ, କ୍ଷିତୀଶ କୁମାର ନାୟକ, ଜୟନ୍ତ କୁମାର ବିଶ୍ୱାଳ, ରଞ୍ଜନ କୁମାର ରାଉତ, ସତ୍ୟ ପ୍ରକାଶ ଭୂୟାଁ, ପ୍ରଭାକର ଭୋଇ, ଉପେନ୍ଦ୍ର ସାମଲ, ପ୍ରେମାନନ୍ଦ ମହାନ୍ତି, ନିରଞ୍ଜନ ସାହୁ, କଳ୍ପତରୁ ଲେଙ୍କା, ଦେବଯାନୀ ଜେନା, ଲମ୍ବୋଦର ମହାପାତ୍ର, ପ୍ରମୁଖ ପରିଚାଳନା କରିଥିଲେ। ମେ ୧୭ ତାରିଖରେ ଭାରତ ସମେତ ବିଶ୍ୱର ୨୦୦ଟି ଦେଶର ୨୫ ହଜାର ସ୍ଥାନରେ ୧୩ ତମ ଅନ୍ତର୍ଜାତୀୟ 'ଆର୍ଟ ଅଫ୍ ଗିଭିଂ' ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର ୩୦ଟି ଜିଲ୍ଲା ସଦର ମହକୁମା ସମେତ ୩୫ଟି ସହର ତଥା ପ୍ରତ୍ୟେକ ବ୍ଲକ୍‌ରେ ଆର୍ଟ ଅଫ୍ ଗିଭିଂ ଦିବସ ପାଳିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ବିଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ ଆର୍ଟ ଅଫ୍ ଗିଭିଂର ଚଳିତବର୍ଷର ବିଷୟବସ୍ତୁ ଥିଲା 'ବାଣ୍ଟିଲେ ଚମକିବ'। ଏହି ଅବସରରେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଗୋପୀନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଗୋପୀନାଥପୁର, ଭଟିମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ପ୍ରଧାନମନ୍ତ୍ରୀଙ୍କ ଡିଜେଲ୍ ଓ ପେଟ୍ରୋଲ ସଞ୍ଚୟ କରିବା ଆହ୍ୱାନକୁ ସ୍ୱଦେଶୀ ଜାଗରଣ ମଞ୍ଚର ସମର୍ଥନ




**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଦେଶକୁ ଆତ୍ମନିର୍ଭରଶୀଳ କରିପାରିବ ବୋଲି ସ୍ୱଦେଶୀ ଜାଗରଣ ମଞ୍ଚ ତରଫରୁ ଏକ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ମଧ୍ୟପ୍ରାଚ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ଯୁଦ୍ଧ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶକ୍ତି ସଞ୍ଚୟ ପାଇଁ ଦେଶବାସୀଙ୍କୁ ଅନାବଶ୍ୟକ ଯାନବାହାନ ବ୍ୟବହାର କମାଇବା, ବିଦେଶ ଯାତ୍ରା କମାଇବା, ଘରୁ କାମ କରିବା ଏବଂ ଅନ୍‌ଲାଇନ୍ ବୈଠକ ଆରମ୍ଭ କରି ପେଟ୍ରୋଲ୍ ଓ ଡିଜେଲ୍ ସଞ୍ଚୟ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଚଳିତ ବର୍ଷ ସୁନା କିଣିବାରୁ ବିରତ ରହିବା, ଖାଦ୍ୟ ତେଲର ବ୍ୟବହାର କମାଇବା, ବିଦେଶୀ ଜିନିଷ ନକିଣିବା, ସ୍ୱଦେଶୀ ଖାଦ୍ୟ ଦ୍ରବ୍ୟ ବ୍ୟବହାର କରିବା, ରାସାୟନିକ ସାରର ବ୍ୟବହାର କମାଇ ପ୍ରାକୃତିକ ଚାଷ ଦିଗକୁ ଅଗ୍ରସର ହେବାକୁ ଅନୁରୋଧ କରିଥିଲେ। ଏ ସମସ୍ତ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ବିଦେଶରୁ ଆମଦାନୀ ଉପରେ ନିର୍ଭରଶୀଳତା କମାଇବା ଏବଂ ମୂଲ୍ୟବାନ ବୈଦେଶିକ ମୁଦ୍ରା ସଞ୍ଚୟ କରିବା, ସ୍ୱଦେଶୀ ଜାଗରଣ ମଞ୍ଚ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଦେଶବାସୀଙ୍କ ପ୍ରତି କରାଯାଇଥିବା ଏହି ଆହ୍ୱାନକୁ ସ୍ୱାଗତ ଏବଂ ସମର୍ଥନ କରୁଛି ବୋଲି ସ୍ୱଦେଶୀ ଜାଗରଣ ମଞ୍ଚ କେନ୍ଦ୍ରାପଡା ତରଫରୁ ଏକ ପ୍ରେସ୍ ମାଧ୍ୟମରେ ଜଣାଇଛି। ସ୍ୱଦେଶୀ ଜାଗରଣ ମଞ୍ଚ ଜିଲ୍ଲା ସମନ୍ୱୟକ ଅଭିମନ୍ୟୁ ଗୋଚ୍ଛାୟତ, ଜିଲ୍ଲା ସଂଗଠନ ସମ୍ପାଦକ ରଶ୍ମିରଞ୍ଜନ ସେଠୀ, ଜିଲ୍ଲା ସହ ସଂଯୋଜକ ବିଜୟ କୁମାର ରାଉତ ପ୍ରମୁଖ ଉପସ୍ଥିତ ରହି ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଇସ୍ରାଇଲ୍ ଏକପକ୍ଷରେ ଇରାନ୍ ମଧ୍ୟରେ ଯୁଦ୍ଧ ଯୋଗୁ ପାଖାପାଖି ପ୍ରାୟ ୨୦ଟି ଦେଶ ଜଡିତ। ଏହାସହ ଆମକୁ ସ୍ୱଚ୍ଛ ପ୍ରଯୁକ୍ତିର ଉତ୍ପାଦନରେ ମଧ୍ୟ ଆତ୍ମନିର୍ଭରଶୀଳ ହେବାକୁ ପଡିବ। ଏହି ସୁଯୋଗର ସଦ୍‌ବ୍ୟବହାର କରି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ୍‌କୁ ଗ୍ରହଣ କରି ଭାରତର ଦେଶଭକ୍ତ ନାଗରିକ, ବୈଜ୍ଞାନିକ ସମୁଦାୟ, ଶିକ୍ଷାନୁଷ୍ଠାନ, ଯୁବବର୍ଗ, ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗୀମାନଙ୍କୁ ଏହି ସୁଯୋଗକୁ ହାତଛଡା ନକରି ବିଦେଶୀ ନିର୍ଭରତା କମାଇବା ଓ ରାଷ୍ଟ୍ର ଗଠନର ଏହି ଅଭିଯାନରେ ସାମିଲ୍ ହୋଇ ଏବଂ ଶକ୍ତିଶାଳୀ ସୁଦୃଢ ଓ ଆତ୍ମନିର୍ଭରଶୀଳ ଭାରତ ଗଠନରେ ସହାୟକ ହୁଅନ୍ତୁ ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଗୋଚ୍ଛାୟତ ଜଣାଇଛନ୍ତି।

## ନିର୍ମାଣାଧୀନ ରାସ୍ତା ଓ ସେତୁ କାର୍ଯ୍ୟ ଅନୁଧ୍ୟାନ କଲେ ବିଧାୟକ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ନିଜ ନିର୍ବାଚନ ମଣ୍ଡଳୀର ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ କାର୍ଯ୍ୟଗୁଡିକୁ ତୁରନ୍ତ ସମାପ୍ତ କରି ଜନସାଧାରଣଙ୍କ ହୀତରେ ଲଗାଇବା ପାଇଁ ସର୍ବଦା ଚେଷ୍ଟା କରୁଛନ୍ତି। ଏନେଇ ସମ୍ବାଦ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତରଙ୍ଗ ଓ ଡୋଳ ପଞ୍ଚାୟତର ବିଷ୍ଣୁଦାସପୁର ରାସ୍ତାକୁ ପରିଦର୍ଶନ କରିବା ସହିତ ସେଠାରେ ଗୋବରୀ କେନାଲ୍ ଉପରେ ନିର୍ମାଣାଧୀନ ଥିବା ସେତୁକୁ ଦେଖିବା ସହିତ ସେଠାରେ ରାସ୍ତା ସେତୁର ସମୀକ୍ଷା କରିଥିଲେ। ପ୍ରାୟ ୧୨ କୋଟି ବ୍ୟୟରେ ନିର୍ମାଣାଧୀନ ଥିବା ରାସ୍ତା ଓ ସେତୁ ସମ୍ପୂର୍ଣ୍ଣ ହେଲେ ବିଷ୍ଣୁଦାସବାସୀଙ୍କର ଦୀର୍ଘ ଦିନର ଆଶା ପୂରଣ ହେବା ସହିତ ଅନ୍ୟ ପଞ୍ଚାୟତ ସହିତ ଏହା ସଂଯୋଗ ହେବ। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଚାଲୁ ରହିଥିବା ଏହି ରାସ୍ତା ସେତୁର କାର୍ଯ୍ୟଗୁଡିକୁ ବିଭାଗୀୟ ଜେଇ ଓ ନିର୍ବାହୀ ଅଧିକାରୀଙ୍କ ସହିତ ଆଲୋଚନା କରି ଠିକାନେଇଥିବା ଏହି କାର୍ଯ୍ୟକୁ ଠିକାଦାର ସମୟସୀମା ଭିତରେ ଏହି କାର୍ଯ୍ୟକୁ ସମାପ୍ତ କରିବା ପାଇଁ ବିଧାୟକ ଶ୍ରୀ ବେହେରା ନିର୍ଦ୍ଦେଶ ଦେଇଛନ୍ତି। ଆୟୋଜିତ ଏହି ସମୀକ୍ଷାରେ କୁତରଙ୍ଗ ସରପଞ୍ଚ ଚିରଂଜନ ଜେନା, ପୂର୍ବତନ ସରପଞ୍ଚ ସୀତାସୁନ୍ଦରୀ ମଲ୍ଲିକ, ସମିତି ସଭ୍ୟ ମିନତୀ ଦାସ, ରାଜନ ପ୍ରସାଦ ଥାଟୋଇ, ଅଭିମନ୍ୟୁ ଜେନା, ନରୋତମ ମଲ୍ଲିକ୍, ବ୍ଲକ ସଭାପତି ଆଲୋକ ସାହୁଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ବିଧାୟକଙ୍କର ଏହି କାର୍ଯ୍ୟ ପାଇଁ ସ୍ୱାଗତ କରି ବିପୁଳ ସମ୍ବର୍ଦ୍ଧନା ଦେଇଥିଲେ।

## ନବବଧୂର ସନ୍ଦେହଜନକ ମୃତ୍ୟୁ:ମାଟିତଳୁ ଶବ ଉଦ୍ଧାର, ତଦନ୍ତ ଜାରି



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ଜେନାପୁର ଥାନା ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଦଣ୍ଡଷଣା କେଳା ସାହି ଗ୍ରାମର ଜଣେ ନବବଧୂର ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଛି । ମୃତକ ହେଲେ ସେହି ଗ୍ରାମର ସରୋଜ ଦାସଙ୍କ ଝିଅ ପ୍ରମିଳା ଦାସ (୧୯) । ପ୍ରମିଳାକୁ ତାଙ୍କ ଗ୍ରାମର ରଞ୍ଜନ ଦାସ କିଛି ଦିନ ତଳେ ବିବାହ କରିଥିଲେ। କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥିଲା । ଏହାପରେ କୌଣସି କାରଣରୁ ସ୍ତ୍ରୀର ମୃତ୍ୟୁ ହୋଇଥିଲା । ମୃତ ଦେହକୁ ତରବରିଆ ଭାବେ ରଞ୍ଜନ ଦାସ ନିଜ ବାଡ଼ିରେ ଗାତ ଖୋଳି ପୋତି ଦେଇଥିଲେ । ଏହା ଦେଖି ସ୍ଥାନୀୟ ଲୋକେ ଜେନାପୁର ଥାନାକୁ ଜଣାଇଥିଲେ । ଖବରପାଇ ଯାଜପୁର ରୋଡ଼ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ଧର୍ମଶାଳା ତହସିଲଦାର ଓ ଅତିରିକ୍ତ ତହସିଲଦାର ଗଗନ ଦାସ ଜେନାପୁର ଥାନା ଅଧିକାରୀ ନିରୁପମା ଜେନା ସଦଳ ବଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମାଟିତଳୁ ଶବକୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ରଞ୍ଜନ ଦାସକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି ।

## ଜନ ଭାଗୀଦାରୀ – ସବୁଠାରୁ ଦୂରରେ ସର୍ବ ପ୍ରଥମେ ଉଦ୍ଘାଟିତ




**କଟକ, ନ୍ୟୁଜ୍ ବ୍ୟୁରୋ**

ଜନ ଭାଗୀଦାରୀ ଅଭିଯାନ ଅନ୍ତର୍ଗତ ଜନଜାତି ଗରିମା ଉତ୍ସବ ପାଳନ ଅବସରରେ କଟକ ଜିଲ୍ଲାସ୍ତରୀୟ ଜନ ଭାଗୀଦାରୀ – ସବ୍‌ସେ ଦୂର ସବ୍‌ସେ ପେହଲେ ବା ସବୁଠାରୁ ଦୂରରେ ସର୍ବପ୍ରଥମେ ଉଦ୍ଘାଟିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହ ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଏବଂ ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ଅଭିଯାନର ଉଦ୍ଘାଟନ କରିଛନ୍ତି । ଏହି ଅଭିଯାନ ଅଧୀନରେ କଟକ ଜିଲ୍ଲାରେ ଚିହ୍ନିତ ୨୧ଟି ଜନଜାତି ବହୁଳ ଗ୍ରାମରେ ୧୮.୦୫.୨୦୨୬ ତାରିଖ ଠାରୁ ୨୫.୦୫.୨୦୨୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷିରେ ଜିଲ୍ଲାପାଳ ଚିହ୍ନିତ ସମସ୍ତ ଗ୍ରାମଗୁଡିକୁ ସୌର ଶକ୍ତି ମାଧ୍ୟମରେ ବିଦ୍ୟୁତିକରଣ, ସ୍ୱାସ୍ଥ୍ୟ ଶିବିରର ଆୟୋଜନ, ସମସ୍ତ ଅଧିବାସୀମାନଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ, ଗ୍ରାମଗୁଡିକୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀମାନଙ୍କୁ ନିଜ ନିଜ ବିଭାଗର ଯୋଜନା ଗୁଡିକୁ ଚିହ୍ନିତ ଗ୍ରାମରେ ବିନିଯୋଗ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତି ଥିଲେ ।

## 'ସୋଆ'କୁ ସିଏସ୍ଆର୍ ସମ୍ମାନ ପ୍ରଦାନ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ)କୁ ଇଂରାଜୀ ପତ୍ରିକା 'କମ୍ପିଟିସନ୍ ସକ୍‌ସେସ୍ ରିଭ୍ୟୁ' ପକ୍ଷରୁ ସିଏସ୍ଆର୍ ସମ୍ମାନ ପ୍ରଦାନ କରାଯାଇଛି। ରବିବାର ନୂଆଦିଲ୍ଲୀ ଠାରେ ଆୟୋଜିତ ସିଏସ୍ଆର୍ ସମ୍ମାନ ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜ ରଞ୍ଜନ ନାୟକଙ୍କୁ 'ସିଏସ୍ଆର୍ ଏମିନେଣ୍ଟ ଫାଉଣ୍ଡିଙ୍ଗ୍ ଡାଇରେକ୍ଟର ଅଫ୍ ଲିଡିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟକୁ 'ସିଏସ୍ଆର୍ ଏକ୍ସିଲେନ୍ସ ଇନ୍ ଏଜୁକେସନ୍' ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି – ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)କୁ 'ସିଏସ୍ଆର୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଏକ୍ସିଲେନ୍ସ ଇନ୍ କ୍ୟାରିୟର ଡେଭଲପମେଣ୍ଟ' ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)କୁ ସିଏସ୍ଆର୍ ଟପ୍ ଲିଡିଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ସୋଆର ଫ୍ୟାକଲ୍ଟି ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ସୋଆ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ (ଏସ୍ଏଚ୍ଏମ୍)କୁ ସିଏସ୍ଆର୍ ଟପ୍ ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ସମ୍ମାନରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀର ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସୋଆର ପ୍ରତିଷ୍ଠାତା ସଭାପତିଙ୍କ ଅଫିସର-ଅନ୍-ସ୍ପେଶାଲ ଡ୍ୟୁଟି ପ୍ରୀତମ ନାୟକ ସିଏସ୍ଆର୍‌ର ପରିଚାଳନା ନିର୍ଦ୍ଦେଶିକା ବନ୍ଦନା ବଧୱାରଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ। ଏହି ଅବସରରେ ସିଏସ୍ଆର୍ ଗ୍ରୁପର ଅଧ୍ୟକ୍ଷ ଏସ୍.କେ. ସଚଦେବ ଉପସ୍ଥିତ ଥିଲେ।

## ବାଡ ବୁଜି ରାସ୍ତା ଅବରୋଧ:ଆମରଣ ଅନଶନ ଚେତାବନୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ହାଟବାଣପୁର ହରିଜନ ସାହିର ଯାତାୟାତ କରୁଥିବା ମୁଖ୍ୟ ରାସ୍ତାକୁ ସେହି ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ବାଡ ବୁଜି ବନ୍ଦ କରିଦେଇଥିବାରୁ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ହାଟବାଣପୁର ହରିଜନ ସାହିର ସରକାରୀ ରାସ୍ତାକୁ ଜୋର୍ ଜବରଦସ୍ତ ଦୀର୍ଘଦିନ ହେଲା ପ୍ରଭାବଶାଳୀ ବ୍ୟକ୍ତି ଜଣକ ବନ୍ଦ କରିଦେଇଥିଲା। ଉକ୍ତ ସମୟରେ ତତ୍କାଳୀନ ଜିଲ୍ଲାପାଳ ରେଘୁଜୀ ଏବଂ ଡେରାବିଶ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ମାପଚୁପ କରି ବୁଜିଥିବା ବାଡ ଉଠାଇ ଫୋପାଡି ବାଡ ବୁଜିଥିବା ବ୍ୟକ୍ତିଙ୍କୁ ତାଗିଦ୍ କରିଥିଲେ। ସେମାନଙ୍କର ବଦଳି ଓ ଦୀର୍ଘଦିନ ବ୍ୟବଧାନ ପରେ ଏହି ପ୍ରଭାବଶାଳୀ ବ୍ୟକ୍ତିଜଣକ ପୁନର୍ବାର ଏହି ଯାତାୟାତ ରାସ୍ତାକୁ ପୁଣି ବନ୍ଦ କରିଦେଇଥିବାରୁ ଶତାଧିକ ଗ୍ରାମବାସୀ ଏ ନେଇ ଜିଲ୍ଲାପାଳ ରଘୁରାମ୍. ଆର. ଆୟାର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରବିନ୍ଦ୍ର କୁମାର ମଲ୍ଲିକ ଓ ଡେରାବିଶ ତହସିଲଦାର ସରୋଜ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରି ତୁରନ୍ତ ଏହାର ସମାଧାନ ନକଲେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିବେ ବୋଲି ଜଣାଇଛନ୍ତି।

## ଷ୍ଟିଲ୍ କାରଖାନା ଆଗରେ ଶ୍ରମିକ ସଂଘର ଧାରଣା



**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ହିନ୍ଦ ମଜଦୂର ସଭା ଦ୍ୱାରା ଅନୁବନ୍ଧିତ ଆରତୀ ଷ୍ଟିଲ୍ ଆଣ୍ଡ ପାୱାର ମଜଦୁର ୟୁନିୟନ୍ ଓ ଆରତୀ ଷ୍ଟିଲ୍ ଆଣ୍ଡ ପାୱାର ଶ୍ରମିକ କର୍ମଚାରୀ ସଂଘ ପକ୍ଷରୁ ମିଳିତ ଭାବେ ୧୦ ଦଫା ଦାବି ନେଇ ଖୁଣ୍ଟୁଣୀ ଥାନା ଘଣ୍ଟିଖାଲ ଠାରେ ପ୍ରତିଷ୍ଠିତ ଆରତୀ ଷ୍ଟିଲ୍ କାରଖାନା ସମ୍ମୁଖରେ ଧାରଣା ଦିଆଯାଇଥିଲା । ଏହି ଧାରଣାରେ ଦୁଇ ଶ୍ରମିକ ସଂଘର ମୁଖ୍ୟ ଉପଦେଷ୍ଟା ତଥା ଏଚ୍ଏମ୍ଏସ୍ ଓଡ଼ିଶା ଶାଖା କାର୍ଯ୍ୟକାରୀ ସଭାପତି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଏଚ୍ଏମ୍ଏସ୍‌ର ରାଜ୍ୟ ସମ୍ପାଦକ ବିରଜା ନାୟକ ସାମିଲ ହୋଇ ଶ୍ରମିକ- କର୍ମଚାରୀ ମାନଙ୍କ ଦାବି ଗୁଡିକୁ କମ୍ପାନୀ କର୍ତ୍ତୃପକ୍ଷ ପୂରଣ କରିବା ପାଇଁ ଆହ୍ୱାନ୍ ଦେଇଥିଲେ। ହେଲେ କାରଖାନା ଆଗରେ ଧାରଣାରେ ବସିଥିବା ଅଧିକାଂଶ ଲୋକ କାରଖାନାର ଶ୍ରମିକ ପରି ଲାଗୁନଥିଲେ ତେଣୁ କର୍ତ୍ତୃପକ୍ଷ କୌଣସି ଗୋଟିଏ ହେଲେ ଦାବି ପୂରଣ କରିବା ପାଇଁ ସିଦ୍ଧାନ୍ତରେ ପହଞ୍ଚି ନପାରିବାରୁ ଧାରଣା ସଫଳ ହୋଇପାରିଲାନାହିଁ । ସମସ୍ତେ ନିରାଶା ଭାବ ପରିଲକ୍ଷିତ ହୋଇଥିଲା । ପରେ ମଧ୍ୟାହ୍ନ ଗୋଟାଏ ବେଳେ ଘଟଣା ସଳରେ ଖୁଣ୍ଟୁଣୀ ଥାନା ଆଇଆଇସି ଜହର ଆବେଦିନ, ଆଠଗଡ଼ ସହକାରୀ ଜିଲ୍ଲାପାଳ ମାନସ ବେହେରାଙ୍କୁ ଧରି ପହଞ୍ଚି କାରଖାନାର ବରିଷ୍ଠ ଅଧିକାରୀ ଏସ ଶ୍ରୀନିବାସ ଏବଂ ସନ୍ତୋଷ ରାଉତଙ୍କ ସହିତ ଆଲୋଚନା କରି ଆସନ୍ତା ୨୧ ତାରିଖରେ ଉପଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ସମାସ୍ୟାର ଆଲୋଚନା କରାଯାଇ ଯାହା ନିଷ୍ପତ୍ତି ନିଆଯିବ ବୋଲି କହିବା ପରେ ଦୁଇ ଶ୍ରମିକ ଗୋଷ୍ଠୀ ଓ ବିଧାୟକ ଧାରଣାରୁ ଉଠି ଚାଲି ଯାଇଥିଲେ । ଏହି ଧାରଣାରେ ଉଭୟ ୟୁନିୟନର କାର୍ଯ୍ୟକର୍ତ୍ତା ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା



**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ପ୍ରକୃତ ମଣିଷଟିଏ ମୃତ୍ୟୁ ପର୍ଯ୍ୟନ୍ତ ଜ୍ଞାନ ଆହୋରଣ କରିଥାଏ। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛନ୍ତି ଭଦ୍ରକ ଜିଲ୍ଲାପାଳ। ପ୍ରଶାସନିକ ବ୍ୟବସ୍ଥାର ଗୁରୁଦାୟିତ୍ୱ ତୁଲାଇ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସରେ ଏବେ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ସମସ୍ତ ଚାପ ରହିବା ସତ୍ତ୍ୱେ ଜ୍ଞାନ ଆହୋରଣ ପ୍ରତି ଆଗ୍ରହ ତାଙ୍କୁ ଏହି ସଫଳତାର ଶୀର୍ଷରେ ପହଞ୍ଚାଇଛି। ତାଙ୍କର ଏହି ସଫଳତା ଯୁବ ପିଢିଙ୍କ ପାଇଁ ଏକ ବାର୍ତ୍ତା। ପରିସ୍ଥିତି ଯେତେ ଜଟିଳ ହେଉନା କାହିଁକି, ଇଚ୍ଛାଶକ୍ତି ଅଧ୍ୟାବସାୟ ଥିଲେ ସ୍ୱପ୍ନ ସାକାର ହୁଏ ବୋଲି ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମତ ପ୍ରକାଶ ପାଇଛି। ଜିଲ୍ଲାପାଳ ଡଃ ଦିଲୀପ ରାଉତରାଏ ଡକ୍ଟୋରେଟ୍ ଉପାଧି ପାଇବା ପରେ ସଦ୍‌ଭାବନା ଗୃହରେ ମହାସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ। ସମ୍ବର୍ଦ୍ଧନା ଉତ୍ତରରେ ଜିଲ୍ଲାପାଳ ଶ୍ରୀ ରାଉତରାଏ କହିଲେ ଯେ ଏହି ସମ୍ବର୍ଦ୍ଧନାକୁ ମୁଁ ଆଶୀର୍ବାଦ ଭାବେ ଗ୍ରହଣ କରୁଛି। ବରିଷ୍ଠମାନଙ୍କ ଆଶୀର୍ବାଦ ଓ ଜିଲ୍ଲାବାସୀଙ୍କ ଶ୍ରଦ୍ଧା ସ୍ନେହ ମୋର ଏହି ସଫଳତାର ଶ୍ରେୟ ବୋଲି ସେ ମତପ୍ରକାଶ କରିଥିଲେ। ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ମହାନଦୀ କୋଲଡ୍ ଫିଲଡ୍ ଦ୍ୱାରା ସିଏସ୍ଆର୍ ପାଣ୍ଠିରେ ନିର୍ମାଣ ହେବାକୁ ଥିବା ଜିଲ୍ଲା ସଦର ମହକୁମାରେ ସିନିୟର ସିଟିଜେନ୍ ମଲ୍ଟି ହବ୍‌ର ପାଇଁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ସରିଛି। ଖୁବ୍‌ଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ ପ୍ରଶସ୍ତି ପତ୍ର ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସକ ଡ. ସୁଧୀରଞ୍ଜନ ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ବିନ୍ଦୁଶଙ୍କର ନାୟକଙ୍କ ସମେତ ମହାସଂଘର ଉପଦେଷ୍ଟା ମଣ୍ଡଳୀର ଅଜୟ ନାୟକ, ଇଂ ଅଖିଳ ମୋହନ ପାଢୀ, ଶଶିକାନ୍ତ ପାଢୀ, ଏସ୍.ଏମ୍. ଫାରୁକ୍, ଶାନ୍ତନୁ ରାଉତ, ଗୋଲକ ବିହାରୀ ସାହୁ, ଜଗନ୍ନାଥ ରାୟ, ଲକ୍ଷ୍ମଣ କୁମାର ମହାନ୍ତି, ଅଜୟ କୁମାର ପାଢୀ, ରୋଟାରିଆନ ଶିଶିର ମିଶ୍ର, ଅଶୋକ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କୋଷାଧ୍ୟକ୍ଷ ବିଜୟ କୁମାର ସେନାପତି ଧନ୍ୟବାଦ ଦେଇଥିଲେ।

## 'ଆର୍ଟ୍ ଅଫ୍ ଗିଭିଂ' କାର୍ଯ୍ୟକ୍ରମ ପାଇଁ ଡ. ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ପ୍ରଦାନ

**କେନ୍ଦୁଝର, ନ୍ୟୁଜ୍**




କେନ୍ଦୁଝର ସହରର ସଂସ୍କୃତି ଭବନ ଠାରେ ଆର୍ଟ ଅଫ ଗିଭିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ କିସ୍, କିଟ୍, କିମ୍ସ, କଳିଙ୍ଗ ଟିଭି ସହଯୋଗରେ ଓ କିସ୍‌ର ସଂଯୋଜକ ଜଗବନ୍ଧୁ ଦାସଙ୍କ ଦ୍ୱାରା ନେତୃତ୍ୱରେ କାର୍ଯ୍ୟକ୍ରମରେ ଆରମ୍ଭ ହୋଇଥିଲା,ଏଥିରେ କିସ୍ ଅଭିଭାବକ ସଂଘର ଉପ ସଭାପତି ଶିବଶଙ୍କର ମାରଡି ସଭାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସିଟିଜିର ଚେୟାରମ୍ୟାନ ରୋଟାରୀୟାନ ଡ଼ ରାଜେନ୍ଦ୍ର ପଲେଇ ଯୋଗଦେଇ ଡ଼ ଅଚ୍ୟୁତ ସାମନ୍ତଙ୍କ ଆର୍ଟ ଅଫ ଗିଭିଂ ପରି କାର୍ଯ୍ୟକ୍ରମ ଗତ ୧୩ ବର୍ଷ ଧରି ଜାରି ରଖିଥିବାରୁ ତାଙ୍କୁ ଧନ୍ୟବାଦ ଦେବା ସହିତ ୨୨୨ଟି ଦେଶରେ ଏହି କାର୍ଯ୍ୟକ୍ରମ ହେଉଥିବାରୁ ତାଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଅନ୍ୟତମ ଅତିଥି ଭାବରେ ଗୋନାସିକା କଲେଜର ଅଧ୍ୟକ୍ଷ ରାଜଶ୍ରୀ ଖାଟୋଇ, ସମାଜସେବୀ ଓ ଲେଖକ ଭରତ ପାତ୍ର, ବରିଷ୍ଠ ସାମ୍ବାଦିକ, ସମାଜ ସେବୀ ମଳୟ ମହାପାତ୍ର, କିସ୍ ଅଭିଭାବକ ସଂ ର ସମ୍ପାଦକ ଶ୍ୟାମ ସୁନ୍ଦର ନାଏକ, ବଡ଼ବିଲର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ନାଏକ ପ୍ରମୁଖ ଯୋଗଦେଇ କିସ୍, କିଟ୍, କିମ୍ସ ଓ ଆର୍ଟ ଅଫ ଗିଭିଂର ପ୍ରତିଷ୍ଠାତା ଡ଼ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଡ଼ ଅଚ୍ୟୁତ ସାମନ୍ତଙ୍କ ମତରେ ଆର୍ଟ ଅଫ ଗିଭିଂ' ବା ଦେବାର କଳା ଏକ ଜୀବନ ଦର୍ଶନ ଯାହା ବିଶ୍ୱର କୋଟି କୋଟି ଲୋକଙ୍କୁ ଦୟା, କରୁଣା, ସ୍ନେହ, ପ୍ରେମ ଓ ସାମାଜିକ ସମ୍ପ୍ରିତିର ମନ୍ତ୍ରରେ ଅଭିମନ୍ତ୍ରିତ କରିବା ସହ ସେମାନଙ୍କୁ ଅନୁପ୍ରାଣିତ କରୁଛି। ମୌଳିକ ମାନବୀୟ ମୂଲ୍ୟବୋଧର ପ୍ରତିଷ୍ଠା ଓ ପ୍ରସାରରେ ସହାୟିକ ହୋଇପାରିଛି। ଏହି ଦାନ ଦର୍ଶନ କୌଣସି ନୂତନ ଉଦ୍ଭାବନ କି ଆବିଷ୍କାର ନୁହେଁ; ଏହା ମଣିଷର ଅନ୍ତଃ ପ୍ରବୃତ୍ତି, ଯାହା ଚିରନ୍ତନ ଓ ଶାଶ୍ୱତ, ତାର ଜାଗରଣ ଓ ପ୍ରତିଫଳନ । ନିଜ ଭିତରର ଦେବତ୍ୱର ସନ୍ଧାନ ଓ ବିକୀରଣ। 'ଆର୍ଟ ଅଫ ଗିଭିଂ'ର ଆଧାର ହେଉଛି ନିଃସ୍ୱାର୍ଥପର ଦାନ ମାଧ୍ୟମରେ ସମାଜରେ ସୁଖ, ଶାନ୍ତି ପ୍ରୀତି ଓ ଖୁସିର ବିତରଣ, ପ୍ରସାରଣ ଓ ପ୍ରୋତ୍ସାହନ । ଯଦି ପ୍ରତ୍ୟେକଙ୍କ ମଧ୍ୟରେ ଏହି ଭାବ ବିକଶିତ ହେବ, ତେବେ ପୃଥିବୀ ଆହୁରି ସୁନ୍ଦରତମ ଓ ବାସଯୋଗ୍ୟ ହୋଇପାରିବ। ଡ଼ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଆରମ୍ଭ ହୋଇଥିବା କ୍ଷୁଦ୍ର ପ୍ରୟାସ, ଅଭିଯାନ, ଏବେ ଏକ ବିଶାଳ ବୈଶ୍ୱିକ ଆନ୍ଦୋଳନରେ ପରିଣତ ହୋଇଛି। ୨୦୧୩ ମସିହା ମେ ୧୭ ତାରିଖରୁ ହୋଇଥିବା ଏହି ଯାତ୍ରା ବିଶ୍ୱର ୨୨୨ଟି ଦେଶକୁ ପ୍ରସାରିତ ହୋଇଛି। ପ୍ରତିବର୍ଷ ପାଳିତ ହେଉଛି ମେ ୧୭ ତାରିଖରେ ଅନ୍ତର୍ଜାତୀୟ 'ଆର୍ଟ ଅଫ ଗିଭିଂ' ଦିବସ । ବର୍ଷକୁ ବର୍ଷ ଏହି ଅଭିଯାନର ଆକାର ପ୍ରକାର, କଳେବର, ଭୂଗୋଳ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଆମକୁ ଉତ୍ସାହିତ କରିଛି। ଆର୍ଟ ଅଫ ଗିଭି ପରିବାରରେ ୩ ନିୟୁତରୁ ଉର୍ଦ୍ଧ୍ୱ ସକ୍ରିୟ ସଦସ୍ୟ ଅଛନ୍ତି । ସବୁ ମହାଦେଶରେ, ୨୨୨ ଦେଶରେ, ପଲ୍ଲୀଠୁ ଆରମ୍ଭ କରି ମହାନଗରୀ ପର୍ଯ୍ୟନ୍ତ ଏହା କାୟା ବିସ୍ତାର କରିଛି। ଏଥିରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଜନ୍ମସ୍ଥାନ, ଜାତୀୟତା, ବେଉସା, ବୟସ ନିର୍ବିଶେଷରେ ସମସ୍ତେ ସାମିଲ୍ ହୋଇଛନ୍ତି। କିଶୋର ଛାତ୍ରଛାତ୍ରୀଙ୍କ ଠାରୁ ବରିଷ୍ଠ ନାଗରିକ, ପଲ୍ଲୀବାସୀ, ବନବାସୀ, ସହରବାସୀ, ନଗରବାସୀ – ସମସ୍ତେ ଏକ ବିଚାରର ସୂତ୍ରରେ ବାନ୍ଧି ହୋଇଛନ୍ତି, ଯେଉଁ ବନ୍ଧନ ମୁକ୍ତ ହୃଦୟର ବନ୍ଦନା ଗାନ କରେ। ଜୀବନର ଜୟଗାନ କରେ। ସଂକୀର୍ଣ୍ଣତାର ସୀମା ବିଲୋପ କରି ଅସୀମତାର ଆବାହାନ କରେ । ଏଥିରୁ ଦୟା ଧର୍ମ ଦାନ ଦର୍ଶନର ସାର୍ବଜନୀନତା ସ୍ପଷ୍ଟ ଅନୁଭୂତ । ଆଗାମୀ ସମୟ ଯେ ଉଜ୍ଜ୍ୱଳ ସମୟ, ଆଲୋକ ଓ ଆନନ୍ଦର ସମୟ, ଏହି ଉପଲବ୍ଧି ଆମ ସମସ୍ତଙ୍କୁ ପୁଲକିତ କରୁଛି। ଆର୍ଟ ଅଫ ଗିଭିଂର ଆଭିମୁଖ୍ୟ ଏକ ଶାଶ୍ୱତ ଭାବର ପ୍ରୟୋଗ କେବଳ। ଏହି ଅଭିଯାନ ଆନୁଷ୍ଠାନିକ ରୂପ ଦେବାର ଯଥେଷ୍ଟ ପୂର୍ବରୁ, ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ବାଲ୍ୟ ଓ କୈଶୋର କାଳରେ ତାଙ୍କୁ ଅଭିମନ୍ତ୍ରିତ କରିଥିଲା। କୌଣସି ଶାସ୍ତ୍ରର ପ୍ରଭାବରୁ ନୁହେଁ, ସ୍ୱତଃସ୍ଫୂର୍ତ୍ତ ଭାବରେ ଅଚ୍ୟୁତ ସାମନ୍ତ ଏହି ଶିକ୍ଷା ଆହରଣ କରିଥିଲେ ତାଙ୍କ ଜୀବନ ବିଦ୍ୟାଳୟରୁ, ତାଙ୍କ ପରିବେଶର ପାଠଶାଳାରୁ। ତାଙ୍କର ବାଲ୍ୟ ଓ କୈଶୋର କଟିଛି ଉତ୍କଟ ଦାରିଦ୍ର୍ୟ, ଅସହାୟତା ଓ ନାନାଦି ପ୍ରତିକୂଳ ପରିବେଶରେ । ନାହିଁ ନାହିଁରେ। ଯେତେବେଳେ ସେ ବସ୍ତୁତଃ ଶୂନ୍ୟ, ଦେବାକୁ ପ୍ରାୟ କିଛି ନଥିଲା, ସେତେବେଳେ ଏହି ଭାବ ତାଙ୍କୁ ଆଲୋକିତ କରୁଥିଲା। ସାମାନ୍ୟ କିଛି ଦେଇଦେଲେ କାହାକୁ, ସେ ଭାବରେ ହେଉ କି ଦ୍ରବ୍ୟରେ; ଅଚ୍ୟୁତ ଶୂନ୍ୟରୁ ଆହୁରି ଶୂନ୍ୟ ହୋଇଯାଉନଥିଲେ, ବରଂ ତାଙ୍କ ଅନ୍ତର ପୂରି ଉଠୁଥଲା ଅନନ୍ୟ ଅପୂର୍ବ ଆନନ୍ଦରେ, ଯାହା ସତରେ ଅମୂଲ୍ୟ ଓ ଅକଳ୍ପନୀୟ। ଏହା କ୍ରମଶଃ ତାଙ୍କ ଜୀବନ ଶୈଳୀର ଅଂଶ ହେଇଗଲା। ନିଃସ୍ୱାର୍ଥପର ଦାନଶୀଳତା ତାଙ୍କ ଜୀବନର ବ୍ରତ ହୋଇଗଲା । ପିଲାବେଳେ ଚକୁଳିଆ ପଣ୍ଡାଙ୍କଠୁ ଶୁଣିଥିବା 'ଦେଇଥିଲେ ପାଇ...' ଗୀତର ମର୍ମ ସେ ଅନୁଭବ କରିପାରିଥିଲେ। ପ୍ରକୃତରେ ଦେଲେ ସରେନି, ବରଂ ବଢ଼େ ଏବଂ ଏହି କୈଶୋର କାଳର ଉପଲବ୍ଧିର ପ୍ରୟୋଗ ଓ ବ୍ୟାଖାନର ଫଳଶ୍ରୁତି ହେଉଛି ଆର୍ଟ୍ ଅଫ୍ ଗିଭିଂ– ଯାହା ଏକ ଜନ ଆନ୍ଦୋଳନର ରୂପ ନେବା ଅଚ୍ୟୁତଙ୍କ ପାଇଁ ଚରମ ସନ୍ତୁଷ୍ଟି । ତାଙ୍କର ଅନୁଭବ ଓ ଅନୁଭୂତି ଆଧାରରେ ଲିଖିତ ଓ ରୂପା ପବ୍ଲିକେଶନ ଦ୍ୱାରା ପ୍ରକାଶିତ ଏକ ପୁସ୍ତକ ଆର୍ଟ ଅଫ ଗିଭିଂ- ଏ ୱେ ଅଫ ଲାଇଫ ଗତ ବର୍ଷ ପ୍ରକାଶ ପାଇଛି ଯାହା ବିପୁଳ ପାଠକୀୟ ଆଦର ଲାଭ କରିଛି। ଆର୍ଟ ଅଫ ଗିଭିଂ କୌଣସି ଆନୁଷ୍ଠାନିକ ବ୍ୟବସ୍ଥାରେ ପରିଚାଳିତ ନୁହେଁ। ଏହା ସମ୍ପୂର୍ଣ୍ଣ ରୂପେ ବ୍ୟକ୍ତିଗତ ଓ ସ୍ୱେଚ୍ଛାକୃତ । ସ୍ୱେଚ୍ଛାସେବୀ ମାନେ ବର୍ଷ ବ୍ୟାପୀ ବିଭିନ୍ନ ପ୍ରକାରର କାର୍ଯ୍ୟରେ ଏହାର ରୂପାୟନ କରୁଛନ୍ତି। ଏହି ଖବର ଆମକୁ ଆହୁରି ସକ୍ରିୟ ଓ ସଶକ୍ତ ତଥା ଆସ୍ଥାବାନ କରୁଛି। ଆର୍ଟ ଅଫ ଗିଭିଂର ଏହି ସୁନ୍ଦର କାର୍ଯ୍ୟକ୍ରମରେ ଯୋଗଦେଇ ସାଫଲ୍ୟମଣ୍ଡିତ କରିଥିବାରୁ କିସ୍ ପରିବାର ତରଫରୁ ଅଶେଷ ଅଶେଷ ଧନ୍ୟବାଦ । ଏହି କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଲୋକ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ନରେନ୍ଦ୍ର ନାଏକ, ଗୁରୁଚରଣ ନାଏକ, ପ୍ରଶାନ୍ତ ନାଏକ, ନିତ୍ୟାନନ୍ଦ ନାୟକ, ବଳରାମ ମୁଣ୍ଡା, ପ୍ରବାନନ୍ଦ ସାହୁ, ଅଜିତ ଖଟୁଆ, ପ୍ରଦୀପ ସେଠୀ, ନିଲୁ ଜେନା, ରାମଚନ୍ଦ୍ର ନାଏକ, ରମାକାନ୍ତ ଜୁଆଙ୍ଗ, ଶ୍ରୀକାନ୍ତ ନାୟକ ପ୍ରମୁଖ ଙ୍କ ସହଯୋଗରେ ସଫଳ ହୋଇଥିଲା।

## ଘରୋଇ ହିଂସା ନିରୋଧ ଓ ଯୌତୁକ ନିଷେଧ ଆଇନ୍ ଉପରେ କର୍ମଶାଳା




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ନାଲସାର ଜାଗ୍ରିତି କାର୍ଯ୍ୟକ୍ରମ ଓ 'ସ୍ଥାୟୀ ଲୋକ ଅଦାଲତ ସମ୍ବନ୍ଧୀୟ ଏକ ଆଇନ୍ ସଚେତନତା ଶିବିର ତେଲିବନ୍ଧ ଗ୍ରାମ ପାୟତର ପୋଡ଼ାବଳସ ଗ୍ରାମର କ୍ଲବ୍ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହାର ସ୍ଥାପନା, କାର୍ଯ୍ୟପ୍ରଣାଳୀ, ପବ୍ଲିକ୍ ୟୁଟିଲିଟି ସେବା ସମ୍ବନ୍ଧୀୟ ମାମଲାର ସ୍ୱଭାବ ଏବଂ ଆଇନ୍ ସେବା କର୍ତ୍ତୃପକ୍ଷ ଆଇନ୍, ୧୯୮୭ର ଅଧ୍ୟାୟ-ଭିଆଇଏ ଅନୁଯାୟୀ ଯୋଜନାର ସୁବିଧା, ବିକଳ୍ପ ବିବାଦ ସମାଧାନ ପ୍ରଣାଳୀ, ଯୌତୁକ ନିଷେଧ ଆଇନ୍, ଘରୋଇ ହିଂସା ନିରୋଧ ଆଇନ୍ ଏବଂ ଅନ୍ୟାନ୍ୟ ଅପରାଧିକ ଆଇନ୍, ସମାଧାନ ସମାରୋହ- ୨୦୨୬' ଆଦି ବିଷୟ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଜିଲ୍ଲା ଓ ଦୌରା ଜଜ୍ ଏବଂ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକଅଦାଲତର ଗଠନ, କାର୍ଯ୍ୟପ୍ରଣାଳୀ ଓ ଏହାର ଅଧିକାର କ୍ଷେତ୍ର ସମ୍ପର୍କରେ ବିସ୍ତୃତ ଆଲୋଚ଼ନା କରାଯାଇଥିଲା। ପବ୍ଲିକ୍ ୟୁଟିଲିଟି ସେବା ସମ୍ବନ୍ଧୀୟ ବିବାଦଗୁଡିକ କେମିତି ଲୋକ ଅଦାଲତ ଦ୍ୱାରା ସମାଧାନ କରାଯାଇପାରିବ ଏବଂ ଏହା ମାଧ୍ୟମରେ ଶୀଘ୍ର, ସହଜ ଓ ଅଳ୍ପ ବ୍ୟୟରେ ନ୍ୟାୟ ପ୍ରାପ୍ତି ସମ୍ଭବ ବୋଲି ଅବଗତ କରାଯାଇଥିଲା। ଏଥିସହିତ ଯୌତୁକ ନିଷେଧ ଆଇନ, ଘରୋଇ ହିଂସା ନିରୋଧ ଆଇନ୍ ଏବଂ ମହିଳାଙ୍କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଅପରାଧିକ ଆଇନ୍ ବିଷୟରେ ମଧ୍ୟ ବିସ୍ତୃତ ଆଲୋଚ଼ନା ହୋଇଥିଲା। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ସାଗରିକା ଦତ୍ତ ଏବଂ ସନ୍ତୋଷିନୀ ଭୋଇ କାର୍ଯ୍ୟକ୍ରମରେ ଯୋଗଦେଇ ମହିଳା ସଶକ୍ତିକରଣ, ମହିଳାଙ୍କ ଅଧିକାର ସୁରକ୍ଷା ଓ ସରକାରୀ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ସଚେତନ କରାଇଥିଲେ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ମଇ ୨୦୨୬ ବୁଧବାର





# ୬ କିମି ସାଇକେଲ ଚଲାଇ ଜନଶୁଣାଣିକୁ ଗଲେ ଜିଲ୍ଲାପାଳ, ଉପ ଜିଲ୍ଲାପାଳ ଓ ଏସ୍‌ପି



**ବାଲେଶ୍ୱର, ନ୍ୟୁଜ୍**

ସୋମବାର ସକାଳେ ବାଲେଶ୍ୱର ଜିଲ୍ଲାର ରେମୁଣା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରେମୁଣା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମପଞ୍ଚାୟତରୁ ୪୪ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ । ସେଥିମଧ୍ୟରୁ ୪୧ ଗୋଟି ବ୍ୟକ୍ତିଗତ ଓ ୧ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବାବେଳେ ୨ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ୫ ଗୋଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଡଃ ମଧୁସ୍ମିତା ସାମନ୍ତରାୟ, ତହସିଲଦାର, ରେମୁଣା ବର୍ଷା ପରିଡ଼ାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ । ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରକୁ ବାଲେଶ୍ୱରରୁ ପ୍ରାୟ ୬ କିମି ରାସ୍ତା ସାଇକେଲ ଚଲାଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଉପ ଜିଲ୍ଲାପାଳ ଶିବ ମାଲବ୍ୟ ଯୋଗଦେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଅନ୍ୟ ଅଧିକାରୀ ଓ ଜନ ପ୍ରତିନିଧିମାନେ ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କ ଦୃଷ୍ଟାନ୍ତକୁ କେବେ ଆପଣାଇବେ ତାହା ଦେଖିବାକୁ ବାକି ରହିଛି ।

# ଉପଯୁକ୍ତ ସମନ୍ୱୟ ଭିତ୍ତିରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

**କଟକ, ନ୍ୟୁଜ୍ ବ୍ୟୁରୋ**

ଆଗାମୀ ବର୍ଷା ଋତୁକୁ ଦୃଷ୍ଟିରେ ରଖି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୌସୁମୀ ସମୟରେ ସୃଷ୍ଟି ହେବାକୁଥିବା ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଛି । ବୈଠକରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଛବି ମଲ୍ଲିକ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲା



ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ଉପଜିଲ୍ଲାପାଳ ଆଠଗଡ ପ୍ରହ୍ଲାଦ ନାରାୟଣ ଶର୍ମା, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମିତିରଞ୍ଜନ ଦେଓ, ଉପଜିଲ୍ଲାପାଳ ବାଙ୍କୀ ମନସ୍ୱିନୀ ଦାସ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ପୁଷ୍ପଶ୍ରୀ ସାଣ୍ଡିଲ, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ ଏବଂ ବିପର୍ଯ୍ୟୟ ପରିଚାଳନା ଓ ଜରୁରୀକାଳୀନ ସେବା ସହ ଜଡିତ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ସମ୍ଭାବ୍ୟ ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି, ଆନ୍ତଃ ବିଭାଗୀୟ ସମନ୍ୱୟ ଏବଂ ଠିକ୍ ସମୟରେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଜିଲ୍ଲାର ସମସ୍ତ ନଦୀବନ୍ଧ ମରାମତି କରିବା, ନଦୀ ଓ କେନାଲ ବନ୍ଧର ଘାଇଗୁଡିକୁ ବନ୍ଦ କରିବା, ଦୁର୍ବଳ ସ୍ଥାନଗୁଡିକୁ ମରାମତି କରିବା, ବାତ୍ୟା ଆଶ୍ରୟସ୍ଥଳୀଗୁଡିକର ସ୍ଥିତି ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ବନ୍ୟା ଜଳର ସୁଗମ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ସଫା ରଖିବାକୁ ବିଡିଓ ଓ କଟକ ମହାନଗର ନିଗମର ଅଧିକାରୀମାନଙ୍କୁ କୁହାଯାଇଛି । ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ସମେତ କଟକ ମହାନଗର ନିଗମ, ଉପଖଣ୍ଡ, ବ୍ଲକ ଏବଂ ତହସିଲ ସ୍ତରରେ ମାର୍ଚ୍ଚ ଏକ ତାରିଖରୁ ନଭେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟ କରୁଛି । ବନ୍ୟା ତଥା ବାତ୍ୟାପ୍ରବଣ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ରିଲିଫ ଓ ଶୁଖିଲା ଖାଦ୍ୟ ମହଜୁଦ୍ ରଖିବା ଓ ରିଲିଫ ପହଞ୍ଚାଇବା ରାସ୍ତାର ମରାମତି କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ଜଳ ଉତ୍ସଗୁଡିକର ବିଶୋଧନ, ଜରୁରୀକାଳୀନ ଡାକ୍ତରୀ ସେବା, ବିଦ୍ୟୁତ ତାର ଓ ଖୁଣ୍ଟଗୁଡିକର ମରାମତି, କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ସଚେତନ କରାଇବା, ଗୃହପାଳିତ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନନ୍ତର କରିବା ଓ ରୋଗ ପ୍ରତିରୋଧକ ବ୍ୟବସ୍ଥା ସହ ପ୍ରସ୍ତୁତ ରହିବାକୁ କୁହାଯାଇଛି । ସେହିପରି ତଳିଆ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ସ୍ଥାନନ୍ତରଣ ଓ ପରିବହନ ବ୍ୟବସ୍ଥା କରିବାକୁ ଜିଲ୍ଲା ପରିବହନ ଅଧିକାରୀଙ୍କୁ କୁହାଯାଇଛି । ଜରୁରୀ ସମୟରେ ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ବିଦ୍ୟୁତ୍ ଆଘାତରେ ଦୁଇ ଯୁବକଙ୍କ ମୃତ୍ୟୁ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ସାନରାମଚନ୍ଦ୍ରପୁର ପଞ୍ଚାୟତ ଅଧିନସ୍ଥ ରମ୍ଭା ଥାନା ଅଞ୍ଚଳର ଗୌରାଙ୍ଗପାଟଣା ଗ୍ରାମର ଦୁଇ ମତ୍ସ୍ୟଜୀବୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି । ମୃତକ ହେଲେ କମ୍ଭୁପାଣୀଙ୍କ ପୁତ୍ର ଦୀପକ ବେହେରା (୩୨) ଓ ସନ୍ୟାସୀ ବେହେରାଙ୍କ ପୁତ୍ର ଅଜୟ ବେହେରା (୨୬) । ଗତ ରବିବାର ଦିନ ସକାଳୁ ଦୀପକ ବେହେରା ଓ ଅଜୟ ବେହେରା ମଧୁରଚୁଆ ଗ୍ରାମର ଧ୍ରୁବ ଚରଣ ନାହାକଙ୍କ ରାମଚନ୍ଦ୍ରପୁର ଗ୍ରାମରେ ଥିବା ନୂତନ ଗୃହର ପାଇପ୍ ଲାଇନ୍ କାମ କରୁଥିବା ବେଳେ ହଠାତ୍ ବିଦ୍ୟୁତ ତାର ସର୍ଟ ସର୍କିଟ୍ ହୋଇଥିଲା । ଅତ୍ୟଧିକ ବିଦ୍ୟୁତ୍ ପ୍ରବାହ ଫଳରେ ଦୀପକ ବେହେରାଙ୍କୁ ବିଦ୍ୟୁତ୍ ଆଘାତ ହୋଇଥିଲା । ତାଙ୍କ ଜୀବନ ବଞ୍ଚାଇବାକୁ ଯାଇ ସାଥି ଅଜୟ ବେହେରାଙ୍କ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଦୀପକ ଓ ଅଜୟ ଉଭୟ ଦୁହେଁ ନିଜ ନିଜ ପରିବାରର ରୋଜଗାରିଆ ପୁଅ । ଚିଲିକାରୁ କିଛି ଆଦାୟ ନହେବା ଫଳରେ ପରିବାର ପ୍ରତିପୋଷଣ କରିବା ପାଇଁ ପାର୍ଟ ଟାଇମ୍ ଲୋକଙ୍କ ନୂତନ ଘରେ ପାଇପ୍ ଲାଇନ୍ କିମ୍ବା ବିଦ୍ୟୁତ୍ ଲାଇନ୍‌ରେ କାମ କରନ୍ତି । କିନ୍ତୁ ରବିବାର ତାଙ୍କ ଶେଷ ଦିନ ଥିଲା । ଫଳରେ ଗଞ୍ଜାମ ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଗୌରାଙ୍ଗପାଟଣା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଖବରପାଇ ଛତ୍ରପୁର ଏସ୍‌ଡ଼ିପିଓ ଚନ୍ଦନ ଘଡ଼େଇ, ରମ୍ଭା ଥାନା ଆଇଆଇସି କୁମର ମୁଦୁଲି ସମେତ ପୋଲିସ ଟିମ୍ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ । କ୍ଷତି ପୂରଣ ଦାବିରେ ଥିବା ମୃତକ ପରିବାରଙ୍କୁ ଏସ୍‌ଡ଼ିପିଓ ଚନ୍ଦନ ଘଡ଼େଇ ଓ ରମ୍ଭା ଥାନା ଆଇଆଇସି ବୁଝାସୁଝା କରିଥିଲେ । ମୃତକଙ୍କ ଶବକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ଛତ୍ରପୁରକୁ ପଠାଇଥିଲେ । ଅଜୟ ବେହେରା ଗତ ଦୁଇମାସ ପୂର୍ବରୁ ପାଲୁର ଗ୍ରାମର ଏକ ଯୁବତୀଙ୍କୁ ବିବାହ କରିଥିଲେ । ତେବେ ଉଭୟଙ୍କ ବିୟୋଗରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି । ତେବେ ଉଭୟଙ୍କ ପରିବାର ପକ୍ଷରୁ ରେଡ଼କ୍ରସ୍ ପାଣ୍ଠିରୁ ସହାୟତା ଯୋଗାଇବା ପାଇଁ ଦାବି କରିଛନ୍ତି ।

# ଦକ୍ଷତା ତାଲିମ ଓ ନିଯୁକ୍ତି ମାଧ୍ୟମରେ ଯୁବକ-ଯୁବତୀଙ୍କୁ ସଶକ୍ତ କଲା ଟାଟା ଷ୍ଟିଲ୍

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ସାମାଜିକ-ଅର୍ଥନୈତିକ ସଶକ୍ତିକରଣ ପାଇଁ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବିସ୍ଥାପିତ ପରିବାରର ଯୁବକ ଓ ଯୁବତୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହାତକୁ ନେଇଛି । କମ୍ପାନୀର ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ (ଟ୍ରେନିଂ) ବିଭାଗ ପକ୍ଷରୁ ବର୍ତ୍ତମାନ ବିସ୍ଥାପିତ ପରିବାରର ୩୦ ଜଣ ଯୁବତୀଙ୍କୁ 'ହାଉସ୍‌କିପିଂ' ଏବଂ ୧୪ ଜଣ ଯୁବକଙ୍କୁ 'ଗ୍ୟାସ୍ କଟିଂ' କାର୍ଯ୍ୟର ତାଲିମ୍ ପ୍ରଦାନ କରାଯାଉଛି । ଏହା ପୂର୍ବରୁ ତାଲିମ୍ ନେଇଥିବା ୭ ଜଣ ଯୁବକଙ୍କୁ ବର୍ତ୍ତମାନ ପ୍ଲାଣ୍ଟ ସାଇଟ୍‌ରେ 'ଗ୍ୟାସ୍ କଟର' ଭାବେ ନିୟୋଜିତ କରାଯାଇଛି । ସେହିପରି



ଆଉ ୧୭ ଜଣ ପ୍ରାର୍ଥୀ ସଫଳତାର ସହ ସ୍କାଫୋଲଡିଂ ତାଲିମ୍ ସମାପ୍ତ କରିଛନ୍ତି ଏବଂ ସେମାନଙ୍କର ଗେଟ୍ ପାସ୍ ଦସ୍ତାବିଜ ପ୍ରକ୍ରିୟା ଚାଲିଥିବାରୁ ଆସନ୍ତା ସପ୍ତାହରେ ସେମାନେ ଆନୁଷ୍ଠାନିକ ଭାବେ କାର୍ଯ୍ୟରେ ଯୋଗ ଦେବେ । ଏଥିସହିତ, ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରର ଅନ୍ୟ ୧୭ ଜଣ ଯୁବକ ଟାଟା ଷ୍ଟିଲର ଏକ ସହଯୋଗୀ କମ୍ପାନୀ 'ଟାଟା ଷ୍ଟିଲ ଟେକ୍ନିକାଲ୍ ସର୍ଭିସେସ୍'ରେ ଯୋଗ ଦେଇଛନ୍ତି । ସେମାନେ ଫିଟର, ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ କ୍ଷେତ୍ରରେ ତାଲିମ୍ ଗ୍ରହଣ କରିବା ପରେ ଟାଟା ଷ୍ଟିଲ୍ କଳିଙ୍ଗନଗରରେ ନିଯୁକ୍ତି ପାଇସାରିଛନ୍ତି । ଏହି ସୁଯୋଗ ମାଧ୍ୟମରେ ସମୁଦାୟ ୬୮ ଜଣ ସ୍ଥାନୀୟ ବାସିନ୍ଦା ଦକ୍ଷତା ତାଲିମ୍ ନେଇ ନିଜର ଜୀବିକା ନିର୍ବାହ କରିପାରୁଛନ୍ତି । ଯାହା ଜମି ହରାଇଥିବା ସ୍ଥାନୀୟ ଲୋକମାନଙ୍କୁ ସ୍ଥାୟୀ ଜୀବିକା ଏବଂ ବୈଷୟିକ ଦକ୍ଷତା ପ୍ରଦାନ କରିବା ଦିଗରେ (ଟିଏସ୍‌କେ)ର ନିଷ୍ଠାକୁ ପ୍ରମାଣିତ କରୁଛି । ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ (ଏଲ୍‌ଆଣ୍ଡଡି), ସୁରକ୍ଷା ଏବଂ ମାନବ ସମ୍ବଳ (ଏଚ୍ ଆର୍) ଟିମ୍‌ର ଦୃଢ଼ ସମନ୍ୱୟ ଓ ନିରନ୍ତର ସହଯୋଗ ଯୋଗୁଁ ଏହି କାର୍ଯ୍ୟକ୍ରମ ସଫଳତା ସହ ସମ୍ଭବ ହୋଇପାରିଛି, ଯାହା ଅଞ୍ଚଳର ଶିଳ୍ପ ବିକାଶ ପ୍ରକ୍ରିୟାରେ ସ୍ଥାନୀୟ ଲୋକଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପ୍ରଦାନ କରିଛି ।

### ///////////// ଜମିଜମା ବିବାଦର କରୁଣ ପରିଣତି /////////////

# ପୁତୁରା ବୋହୂଙ୍କୁ କଟୁରୀରେ ହାଣି ହତ୍ୟା କଲା ଦାଦାଶଶୁର



**ସାଲେପୁର, ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ଥାନା ପଣସପୁର ପଞ୍ଚାୟତ ଅକର ପଡ଼ା ଗ୍ରାମରେ ନିଜର ଦାଦା ହାଣିଲା ପୁତୁରା ବୋହୂକୁ । ମୃତ ସ୍ୱର୍ଣ୍ଣଲତା ସାହୁ ବୟସ (୪୦ ବର୍ଷ) । ମୃତାମହିଳାଙ୍କ ସ୍ୱାମୀଙ୍କ ନାମ ରଞ୍ଜନ ସାହୁ । ଦିନ ୯ଟା ସମୟରେ ବିଲ ମଝିରେ ଗୋଡେଇ ଗୋଡେଇ କଟୁରୀରେ ହାଣି ଫେରାର ହୋଇଯାଇଥିଲା ଅଭିଯୁକ୍ତ । ତେବେ ଅଭିଯୁକ୍ତ ହଗୁରା ସାହୁ ଜମି ଜମା ଘରୋଇ କଳିକୁ ନେଇ ଏଭଳି ଘଟଣା ଘଟାଇଛି । ଅନ୍ୟପଟେ ଅଭିଯୁକ୍ତ ହଗୁରା ମାହାଙ୍ଗା ଥାନାରେ ଆତ୍ମସମର୍ପଣ କରିଛି । ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଛନ୍ତି ।

# ସୁବର୍ଣ୍ଣପୁର ଜିଲ୍ଲା ବିଜୁ ମହିଳା ଜନତା ଦଳର ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ



**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମହିଳାଙ୍କୁ ୩୩% ସଂରକ୍ଷଣ ଦେବାରେ ବିଫଳ ଓ ନାରୀ ନିର୍ଯାତନା ନିୟନ୍ତ୍ରଣ କରିବା ଦିଗରେ ଅସମର୍ଥ ବିଜେପି ସରକାରଙ୍କ ବିରୋଧରେ ପ୍ରତିବାଦ କରି ପଟାଭାଡି ଛକରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲେ । ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ପରେ ପରେ ସୋନପୁର ଟାଉନ୍ ହଲ୍ ଠାରେ ନାରୀ ଅଧିକାର ଅଭିଯାନ ଉପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସୁବର୍ଣ୍ଣପୁର ଜିଲ୍ଲା ବିଜୁ ଜନତା ଦଳ ମହିଳା ସଭାନେତ୍ରୀ ପଦ୍ମିନୀ ବଘାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରିଷ୍ଠ ମହିଳା ନେତ୍ରୀ ବୀଣାପାଣି ପୂଝାରୀ, ସୋନପୁର ପୌର ପରିଷଦ ଅଧ୍ୟକ୍ଷା ତାମସୀ ତମସ୍ମିତା ନାୟକ, ବିନିକା ବ୍ଲକ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ବୀରମହାରାଜ ବ୍ଲକ୍ ଅଧ୍ୟକ୍ଷା ଶାନ୍ତିଲତା ଲୁହା, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତି ଦନ୍ତା, ଜିଲ୍ଲା ପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ତରାଇ, ରିନା ମହଲା, ରଞ୍ଜିତା ଭୋଇ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷି ଥିଲେ । ଜିଲ୍ଲାର ସମସ୍ତ ବ୍ଲକରୁ ଦଳୀୟ ମହିଳା ସରପଞ୍ଚ, ସମିତି ସଭ୍ୟା, ୱାର୍ଡ ମେମ୍ବରଙ୍କ ସମେତ ହଜାର ହଜାର ସଂଖ୍ୟାରେ ବିଜେଡି ମହିଳା କର୍ମୀ ଯୋଗଦେଇ ଜିଲ୍ଲାପାଳ ଅଫିସ ଆଗରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଅଭିମନ୍ୟୁ କୁଶଳ, ନାରାୟଣ ଲୁହା ବିଜୁଜନତା ଦଳ ଜିଲ୍ଲା ସଭାପତି ସରୋଜ କମ୍ପ, ଜିଲ୍ଲା ପରିଷଦ ସଭ୍ୟ ମଧୁସୂଦନ ଓ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାଏକ, ସୋନପୁର ନଗର ସଭାପତି ଜନ୍ମେଜୟ ପାତ୍ର, ମାନଭଞ୍ଜନ ବେଦବାଗ, ମାନଭଞ୍ଜନ ମିଶ୍ର ପ୍ରମୁଖ ଶହ ଶହ ବିଜେଡି ନେତା ମଧ୍ୟ ସାମିଲ ଥିଲେ ।

# ରାୟଗଡ଼ ଜିଲ୍ଲାର ୫୨୫ଟି ଗାଁରେ ଅନୁଷ୍ଠିତ ହେବ 'ଜନ ଭାଗିଦାରୀ-ସବ୍‌ସେ ଦୂର, ସବ୍‌ସେ ପହେଲେ' ଆଇ.ଇ.ସି ଅଭିଯାନ

**ରାୟଗଡ଼, ନ୍ୟୁଜ୍ ବ୍ୟୁରୋ**

ଭାରତ ସରକାରଙ୍କ ଜନଜାତି କାର୍ଯ୍ୟ ମନ୍ତ୍ରଣାଳୟ ପକ୍ଷରୁ ସମଗ୍ର ଦେଶରେ ଆୟୋଜିତ ହେଉଥିବା ବିସ୍ତୃତ ଆଇଇସି ଅଭିଯାନ 'ଜନ ଭାଗିଦାରୀ ସବ୍‌ସେ ଦୂର, ସବ୍‌ସେ ପହେଲେ' ଚଳିତ ମେ ୧୮ ତାରିଖରୁ ମେ ୨୪ ତାରିଖ ପର୍ଯ୍ୟନ୍ତ ରାୟଗଡ଼ ଜିଲ୍ଲାରେ ପାଳନ କରାଯିବ । ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ପ୍ରେସ ବ୍ରିଫିଂରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ଏହି ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳଙ୍କ ସହ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ ଏବଂ ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ଜିଲ୍ଲାର ଜନଜାତି ଏବଂ ପିଭିଟିଜି ଅଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ହିତାଧିକାରୀ ସାନ୍ତୁପ୍ତି ଶିବିର ଆୟୋଜନ କରିବା ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମ ଅଧୀନରେ ରାୟଗଡ଼ା ଜିଲ୍ଲାର ମୋଟ୍ ୫୨୫ଟି ରାଜସ୍ୱ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି, ଯେଉଁଥିରେ DA




JGUA (Dharti Aaba Janjatiya Gram Utkarsh Abhiyan) ଅଧୀନରେ ୪୨୦ଟି ଏବଂ PM JANMAN ଅଧୀନରେ ୧୦୫ଟି ଗ୍ରାମ ରହିଛି । ବିଶେଷକରି ଜିଲ୍ଲାର ଦୁର୍ଗମ ଓ ଅପହଞ୍ଚ ଜନଜାତି ଅଞ୍ଚଳରେ ରହୁଥିବା ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁବିଧା ପହଞ୍ଚାଇବାକୁ ଏହି ଅଭିଯାନରେ ସର୍ବାଧିକ ଗୁରୁତ୍ୱ ଦିଆଯିବ । ଏହି ପରିପ୍ରେକ୍ଷୀରେ ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ନିଜ ନିଜ ଅଞ୍ଚଳରେ ସମସ୍ତ ବିଭାଗର ସମନ୍ୱୟ ରଖି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଅଭିଯାନ ଅଧୀନରେ ଚିହ୍ନଟ ହୋଇଥିବା ସମସ୍ତ ଗ୍ରାମଗୁଡ଼ିକରେ ଗ୍ରାମ ସଭା, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍ଥାନୀୟ ଓ ଜନଜାତି ଭାଷାରେ ସଚେତନତାମୂଳକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । ଏଥିସହିତ ପ୍ରତିଦିନ କାର୍ଯ୍ୟକ୍ରମର ଫଟୋ, ଭିଡିଓ, ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଏବଂ ଶିବିର ସମ୍ବନ୍ଧୀୟ ପ୍ରଗତି ରିପୋର୍ଟ ସରକାରଙ୍କ 'Adi Prasaran Portal' (https://adiprasaran.tribal.gov.in/ijgu/man.aspx)ରେ ଅପଲୋଡ଼ କରାଯିବ । ସମଗ୍ର କାର୍ଯ୍ୟର ସଫଳ ଡକ୍ୟୁମେଣ୍ଟେସନ୍ ଏବଂ ଡିଜିଟାଲ୍ ମନିଟରିଂ ପାଇଁ ଆଇଟିଡିଏ, ଗୁଣୁପୁରର ପ୍ରକଳ୍ପ ପ୍ରଶାସକଙ୍କୁ ନିରୀକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଛି । ସମସ୍ତ ବିଡିଓମାନଙ୍କୁ ପ୍ରତିଦିନ ଜିଓ-ଟ୍ୟାଗ୍ ତଥ୍ୟ ସହ ଦୈନିକ ପ୍ରଗତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି । ଏହି ସପ୍ତାହବ୍ୟାପୀ ଅଭିଯାନ ଜିଲ୍ଲାର ଜନଜାତି ସମୁଦାୟଙ୍କ ମଧ୍ୟରେ ସରକାରୀ ଯୋଜନା ପ୍ରତି ଆସ୍ଥା ପ୍ରକଟ କରିବା ସହ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ପ୍ରେସ୍ ବ୍ରିଫିଂରେ ଆଶା ବ୍ୟକ୍ତ କରାଯାଇଛି ।

# ଜିଲ୍ଲା କାର୍ଯ୍ୟାଳୟରେ ପାନୀୟ ଜଳ ଫ୍ରିଜ୍ ଅଚଳ:ଲୋକେ ହଟହଟା



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟକୁ ଦୈନିକ ଶହ ଶହ ବ୍ୟକ୍ତି ନିଜ କାର୍ଯ୍ୟ ନେଇ ଓ ବିଭିନ୍ନ ଅଭିଯୋଗ ନେଇ ଆସିଥାନ୍ତି । କିନ୍ତୁ ଜିଲ୍ଲା କାର୍ଯ୍ୟାଳୟରେ ଏମାନଙ୍କ ସୁବିଧା ପାଇଁ ଆବଶ୍ୟକ ଚେୟାର ବେଞ୍ଚର ସୁବିଧା ନାହିଁ । ଦୀର୍ଘ ଏକ ସପ୍ତାହ ହେଲା ସାରା ରାଜ୍ୟରେ ଗ୍ରୀଷ୍ମତାପ ଅହେତୁକ ଭାବରେ ବଢିଥିବାରୁ କେନ୍ଦ୍ରାପଡାରେ ଏହାର ପାରା ମାତ୍ରାଧିକ ରହୁଛି । ଦୂରଦୂରାନ୍ତରୁ ଆସୁଥିବା ଅଭିଯୋଗକାରୀ ଓ ବରିଷ୍ଠ ନାଗରିକମାନେ ପିଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଥିବା ଏକ ପାନୀୟ ଜଳ ଫ୍ରିଜ୍ ଦୀର୍ଘ ଏକମାସ ହେଲା ଅଚଳ ହୋଇ ପଡିଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ଫ୍ରିଜ୍‌କୁ ମରାମତି କରି ଜନସାଧାରଣଙ୍କ ହାତରେ ଲଗାଇବା ପାଇଁ ସାଧାରଣରେ ଦାବି ହେଉଛି ।

# ମାଟି ତଳୁ ଶିଶୁ ପୁତ୍ରର ଶବ ଉଦ୍ଧାର:ତଦନ୍ତ ଜାରି

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ କୋଟପୁର ପଞ୍ଚାୟତ ଗେହ୍ଲେଇ ଗ୍ରାମର ଚନ୍ଦ୍ରକାନ୍ତ ମାହୁନ୍ତଙ୍କ ଶିଶୁ ପୁତ୍ରର ମୃତ୍ୟୁକୁ ନେଇ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ମାମୁଁ କୃପାସିନ୍ଧୁ ମହାନ୍ତିର ଅଭିଯୋଗ ପରେ ଶିଶୁ ମୃତ୍ୟୁର ୯ ଦିନ ପରେ ପୋଲିସ ଶବକୁ ମାଟିତଳୁ ବାହାରକରି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ ଚନ୍ଦ୍ରକାନ୍ତଙ୍କ ଅଢେଇ ବର୍ଷର ଶିଶୁପୁତ୍ରର ୧୦ ତାରିଖ ଦିନ ମୃତ୍ୟୁ ଘଟିଥିବା ବେଳେ ପରିବାର ପାଖରୁ କେଲୁଅ ନଦୀରେ ବୁଡିଯାଇଥିବା ପ୍ରକାଶ କରିଥିଲେ । ଗୁରୁତର ଅବସ୍ଥାରେ ତାକୁ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । କିନ୍ତୁ ଡାକ୍ତର ତାକୁ ମୃତ ଘୋଷଣାକରି ପୋଲିସକୁ ହସ୍ତାନ୍ତର କରିଥିଲେ । ଧର୍ମଶାଳା ପୋଲିସ ୧୮/୨୬ ଅପମୃତ୍ୟୁ ମାମଲା ରୁଜୁକରି ପରିବାର ଲୋକଙ୍କ ଇଛା ଅନୁସାରେ ଶବକୁ ହସ୍ତାନ୍ତର କରିଥିଲେ । ପରିବାର ଲୋକେ ଶବକୁ ନେଇ ମାଟି ତଳେ ପୋତିଦେଲେ । କିନ୍ତୁ ଶିଶୁର ମାମୁଁ କୃପାସିନ୍ଧୁ ମହାନ୍ତି ଭଣଜାର ମୃତ୍ୟୁକୁ ସହଜରେ ଗ୍ରହଣ କରିନଥିଲେ । ତାଙ୍କ ଭଣଜାକୁ ବାଡେଇ ମାରି କେହି ନଦୀରେ ଫିଙ୍ଗିଦେଇଥିବା ଗୁରୁତର ଅଭିଯୋଗ ଧର୍ମଶାଳା ଥାନାରେ କରିବାପରେ ପୋଲିସ ତତ୍ପର ହୋଇଉଠିଛି । ଧର୍ମଶାଳା ପୋଲିସ ସୋମବାର ଦିନ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶବକୁ ମାଟିତଳୁ ବାହାରକରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇ ତଦନ୍ତ ଆରମ୍ଭ କରିଛି ।



# ଦୁର୍ବୃତ୍ତଙ୍କ ଖଣ୍ଡା ଚୋଟରେ ୨ ଯୁବକ ଗୁରୁତର

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ମୂଳଖମ୍ବ ଗାଁର ଜଣେ ଦଳିତ ବର୍ଗର ଯୁବକ ସନାତନ ପାତ୍ର ଙ୍କୁ କେତେ ଦୃବୃତ୍ତ ଦିନ ଦିପହରେ ଖଣ୍ଡା ରେ ହାଣି ଆକ୍ରମଣ କରିଥିବା ସୁକିନ୍ଦା ଥାନାରେ ଅଭିଯୋଗ ହୋଇଛି । ଅନ୍ୟ ଜଣେ ଯୁବକକୁ ମଧ୍ୟ ଆକ୍ରମଣ କରାଯାଇଛି । ଉଭୟ ମେଡିକାଲ ରେ ଚିକିତ୍ସିତ ହେଉଥିବା ବେଳେ ଆକ୍ରମଣ କରୁଥିବା ବ୍ୟକ୍ତି ଙ୍କ ପରିବାର ପକ୍ଷରୁ ପାଲଟା ଏତଲା ଦାୟର କରାଯାଇଛି । ପୋଲିସ ନିରୋପେକ୍ଷତା ତଦନ୍ତ ନ କରି ଆକ୍ରମଣ ର ଶିକାର ହୋଇଥିବା ବ୍ୟକ୍ତି ବିଶେଷ ଙ୍କୁ ବାରମ୍ବାର ଥାନାକୁ ଡାକୁଥିବା ସମ୍ପର୍କ ରେ ଯାଜପୁର ଅତିରିକ୍ତ ଏସପି ଙ୍କ ନିକଟରେ ଅଭିଯୋଗ ହୋଇଛି । ଏବଂ ଦିନ ଦ୍ୱି ପ୍ରହରରେ ସଙ୍ଘ ବଧ ଆକ୍ରମଣ କରିଥିବା ଦୃବୃତ୍ତ ମାନଙ୍କୁ ଗିରଫ କରିବା ସହ ଉଭୟ ପକ୍ଷରୁ ଅଭିଯୋଗକୁ ନିରୋପେକ୍ଷ ତଦନ୍ତ ପାଇଁ ଏସସି ଏସଟି ଜଏଣ୍ଟ ଆକ୍ସନ କମିଟି ଯାଜପୁରର ଦୁଷ୍ମନ୍ତ ଜେନା,ଆମ୍ବେଦକର ଫାଉଣ୍ଡେସନ ର କାର୍ତ୍ତିକ ମଲ୍ଲିକ, ଭୀମ ଆର୍ମିର ରଂଜିତ ଜାମୁଡା, ପ୍ରମୋଦ ମଲ୍ଲିକ, ବାବନ ମଲ୍ଲିକ, ସହଦ୍ୱେ ଜେନା, ପ୍ରମୁଖଙ୍କ ଯାଜପୁର ଏସପି ନିକଟରେ ଦାବି କରିଛନ୍ତି ।

# ଗାଧୋଇବା ବେଳେ ବିରୂପା ନଦୀରେ ଛାତ୍ର ନିଖୋଜ

**ସାଲେପୁର, ନ୍ୟୁଜ୍**



ସାଙ୍ଗ ମାନଙ୍କ ସହ ବିରୂପା ନଦୀରେ ଗାଧୋଇବା ସମୟରେ ପାଣିରେ ବୁଡି ଜଣେ କଲେଜ ଛାତ୍ର ନିଖୋଜ ହୋଇଥିବା ଜଣାପଡିଛି । ନିଖୋଜ କଲେଜ ଛାତ୍ର ଜଣକ ହେଲେ କଟକ ଜିଲ୍ଲାର ସାଲେପୁର ବ୍ଲକ ଅନ୍ତର୍ଗତ ସୌରୀ ଗାଁର ଯୋଗେନ୍ଦ୍ର ସାହୁଙ୍କ ପୁତ୍ର ଶୁଭମ ସାହୁ । ଏଭଳି ଅଭାବନୀୟ ଘଟଣା ଘଟିଛି ସାଲେପୁର ଗୋପୀନାଥପୁର ନିକଟ ବିରୂପା ନଦୀରେ । ଶୁଭମ ଦୁଇ ଜଣ ସାଙ୍ଗ ମାନଙ୍କ ସହ ବିରୂପା ନଦୀରେ ଗାଧୋଇବା ସମୟରେ କୌଣସି କାରଣରୁ ଗୋଡ଼ ଖସିଯାଇଥିଲା । ସେମାନଙ୍କ ମଧ୍ୟରୁ ଦୁଇ ଜଣ ସାଙ୍ଗ ଉଦ୍ଧାର ହୋଇଥିଲା ବେଳେ ଶୁଭମ ପାଣିରେ ବୁଡି ନିଖୋଜ ହୋଇଯାଇଥିଲା । ଶୁଭମ ବହୁଗ୍ରାମ କଲେଜର +୨ ଛାତ୍ର ବୋଲି ଯାହା ସୂଚନା ମିଳିଛି । ଖବରପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି ଜାରି ରଖିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ନିଖୋଜ ଛାତ୍ରର କୌଣସି ପତ୍ତା ମିଳିପାରିନାହିଁ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୦।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୬ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୧୧।୦୨** **ଚନ୍ଦ୍ରୋଦୟ- ଦିଘ ୮।୨୫।୩୧**

**ଚତୁର୍ଥୀ-** ଦିଘ ୧୧।୦୯ ପର୍ଯ୍ୟନ୍ତ, ଆର୍ଦ୍ରା ନକ୍ଷତ୍ର ପ୍ରାଘ ୬।୦୫ ଗତେ ପୁନର୍ବସୁ ନକ୍ଷତ୍ର କ୍ଷୟ । **ମିଥୁନ ଚନ୍ଦ୍ର-** ରାଘ ୧୦।୪୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । ରାଘ ୧୦।୪୧ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** କନ୍ୟା ରାଶିର । ରାଘ ୧୦।୪୧ ଗତେ ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୧୧।୦୯ ଗତେ ବେଲ ଓ ପଣସ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୫୦ ଗତେ ଦିଘ ୮।୩୦ ମଧ୍ୟେ ଦିଘ ୧୦।୦୮ ଗତେ ଦିଘ ୧୧।୧୯ ମଧ୍ୟେ ।



**ମେଷ:** ଦେବ ଦର୍ଶନ ସହିତ ଦେବ ପୂଜାର ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ ।



**ବୃଷ:** ଶାରୀରିକ କଷ୍ଟ ଅନୁଭବ କରିପାରନ୍ତି । ମନ ବ୍ୟାକୁଳିତ ହେବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବ । ବେପାର ବାଣିଜ୍ୟ କ୍ଷେତ୍ରରେ କ୍ଷତି ଘଟିପାରେ ।



**ମିଥୁନ:** ଅଟକି ରହିଥିବା କାମଟି ଆରମ୍ଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ସାପେକ୍ଷ ଜନିତ ହେବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ ।



**କର୍କଟ:** ସତ୍ କାର୍ଯ୍ୟରେ ଲିପ୍ତ ରହିବେ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ରୋଜଗାର ସ୍ଥିର ରହିବ । ନୂତନ ଦ୍ରବ୍ୟ ମାନ କ୍ରୟ କରିପାରନ୍ତି । ଘରେ ଖୁସିର ବାତାବରଣ ରହିବ । ବନ୍ଧୁ ଦର୍ଶନର ସୁଯୋଗ ।



**ସିଂହ:** ଧନ ଲାଭ ହେବ । କାର୍ଯ୍ୟକ୍ଷେତ୍ରରେ ସଫଳତା ଦେଖାଦେବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ । ପାରିବାରିକ ସୁଖ ଅକ୍ଷୁର୍ଣ୍ଣ ରହିବ । ଦେହ ଓ ମନ ଭଲ ରହିବ । ଦୂରକୁ ଯାତ୍ରା କରିପାରନ୍ତି ।



**କନ୍ୟା:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଦେଖାଦେଇପାରେ । ଖର୍ଚ୍ଚର ମାତ୍ରା ଅଧିକ ହେବ । ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଘରେ ଅଶାନ୍ତି ଦେଖାଦେବ ।



**ତୁଳା:** ସତ କଥା କହି ନିଜର ଲୋକଙ୍କ ପାଖରେ ଅପ୍ରିୟ ହୋଇପାରନ୍ତି । ଠକାମିର ଶୀକାର ମଧ୍ୟ ହୋଇପାରନ୍ତି । ବନ୍ଧୁ ଦର୍ଶନ ସହ ସାହାଯ୍ୟ ସହଯୋଗ ମଧ୍ୟ ପ୍ରାପ୍ତ ହେବ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ବିଛା:** ମନ ପ୍ରଫୁଲ୍ଲ ରହିବ । ଆଜି ଆପଣଙ୍କର ସମସ୍ତ କାର୍ଯ୍ୟ ସିଦ୍ଧ ହେବ । ରୋଜଗାର ଭଲ ହେବ । ସାମାଜିକ କ୍ଷେତ୍ରରେ ଲୋକ ସମ୍ପର୍କ ବୃଦ୍ଧି ହୋଇପାରେ । ହଠାତ୍ ଶୁଭ ଖବର ମିଳିପାରେ । ଗୃହେ ଖୁସିର ଲହରୀ ଖେଳିବ ।



**ଧନୁ:** ଭ୍ରମଣ ସୁଖ ମିଳିବ । ସମସ୍ତ କାର୍ଯ୍ୟ ପାଇଁ ଦିନଟି ଆପଣଙ୍କର ଶୁଭ ଦାୟକ ହୋଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ମହିଳାମାନେ ଗର୍ବୀ ହେବେ । କଚେରୀ ମାମଲାରେ ଶୁଣାଣି ବିଳମ୍ବ ହେବ ।



**ମକର:** ଶତ୍ରୁଙ୍କ ପରିମାଣ ବଢ଼ିବ । ଶାରୀରିକ ଅସୁସ୍ଥତା ଦେଖାଦେବ । ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବ । ଖର୍ଚ୍ଚର ମାତ୍ରା ସାମାନ୍ୟ ବଢ଼ିବ । ବେପାର ବାଣିଜ୍ୟରେ କ୍ଷତିର ସମ୍ଭାବନା । ମହିଳାମାନେ ଗର୍ବୀ ହେବେ ।



**କୁମ୍ଭ:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ସହିତ ଆମୋଦ ପ୍ରମୋଦ ମଧ୍ୟରେ ଦିନଟି ବିତିବ । ଭ୍ରମଣ ଯୋଗ ରହିଛି । ରୋଜଗାର ଭଲ ହେବ । ଘରେ ଆନନ୍ଦ ଲାଭ ।



**ମୀନ:** ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ଦେହ ଓ ମନ ଭଲ ରହିବ । ଶତ୍ରୁ ନାଶ ହେବେ । ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ଜୀବନ ସୁଖମୟ ହେବ । ନୂତନ ଦ୍ରବ୍ୟମାନ କ୍ରୟ କରିପାରନ୍ତି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୧।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୭ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୫।୧୧।୪୫** **ଚନ୍ଦ୍ରୋଦୟ- ଦିଘ ୯।୩୩।୨୦**

**ପଞ୍ଚମୀ-** ଦିଘ ୮।୨୮ ପର୍ଯ୍ୟନ୍ତ, ପୁଷ୍ୟା ନକ୍ଷତ୍ର ରାଘ ୨।୫୨ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । **ଘାତଚନ୍ଦ୍ର-** ନାହିଁ । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ଦିଘ ୮।୨୮ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୪ ଗତେ ଦିଘ ୬।୦୬ ମଧ୍ୟେ ଦିଘ ୯।୩୫ ଗତେ ଦିଘ ୧୧।୧୯ ମଧ୍ୟେ ।

32 YEARS
ସମ୍ବାଦ କଳିକା

# ପ୍ରଳୟର ନିକଟତର ବିଶ୍ୱ

ପ୍ରଳୟ ନିକଟତର ହେଉଛି ବିଶ୍ୱ, ଜାଣନ୍ତୁ 'ଡୁମ୍ସଡେ କ୍ଲକ୍ ?'ରେ ବିନାଶ ପାଇଁ କେତେ ସମୟ ବାକି ? ବିଶ୍ୱ ଏବେ ବିପର୍ଯ୍ୟୟର ଆହୁରି ନିକଟତର । ବୈଜ୍ଞାନିକମାନେ ଡୁମ୍ସଡେ ଘଣ୍ଟାର ସମୟ ପରିବର୍ତ୍ତନ କରିଛନ୍ତି । ଆସନ୍ତୁ ଜାଣିବା ବିଶ୍ୱ ସର୍ବନାଶର କେତେ ନିକଟତର ହୋଇଛି ? ବିଶ୍ୱ ପୂର୍ବ ଅପେକ୍ଷା ଏକ ବିଶ୍ୱ ବିପର୍ଯ୍ୟୟର ନିକଟତର ହୋଇପାରେ। ବୁଲେଟିନ୍ ଅଫ୍ ଦି ଆଟମିକ୍ ସାଇଣ୍ଟିଷ୍ଟସର ବୈଜ୍ଞାନିକମାନଙ୍କ ଦ୍ୱାରା ପରିଚାଳିତ ପ୍ରସିଦ୍ଧ ଡୁମ୍ସଡେ ଘଣ୍ଟା ଏହି ସୂଚାଇ ଦେଇଛି । ଜାନୁଆରୀରେ, ସଂଗଠନ ଏହି ପ୍ରତୀକାତ୍ମକ ଘଣ୍ଟାର ହାତକୁ ୪ ସେକେଣ୍ଡ ଆଗକୁ ବଢାଇ ଦେଇଥିଲା, ଯାହା ଫଳରେ ମାନବଜାତି ମଧ୍ୟରାତ୍ରିଠାରୁ ମାତ୍ର ୮୫ ସେକେଣ୍ଡ ଦୂରରେ ରହିଗଲା । ଯାହା ଏକ ବିଶ୍ୱ ପ୍ରଳୟ କିମ୍ବା ଏକ ସଭ୍ୟତା-ଶେଷ ବିପର୍ଯ୍ୟୟକୁ ଚିହ୍ନିତ କରିଛି । ବୈଜ୍ଞାନିକମାନେ ଏହାକୁ ୧୯୪୭ ମସିହାରେ ଘଣ୍ଟାଟି ପ୍ରଥମେ ସୃଷ୍ଟି ହେବା ପରଠାରୁ ସବୁଠାରୁ ବିପଦପୂର୍ଣ୍ଣ ମୁହୂର୍ତ୍ତ ବୋଲି କହୁଛନ୍ତି। ଡୁମ୍ସଡେ ଘଣ୍ଟା ପ୍ରକୃତରେ ସମୟ କହୁଥିବା ଏକ ଘଣ୍ଟା ନୁହେଁ, ବରଂ ଏକ ପ୍ରତୀକାତ୍ମକ ଚେତାବନୀ ପ୍ରଣାଳୀ । ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରମାଣୁ ଅସ୍ତ୍ର ଏବଂ ବିଶ୍ୱ ସୁରକ୍ଷା ବିପଦ ବିଷୟରେ ଚିନ୍ତିତ ବୈଜ୍ଞାନିକମାନଙ୍କ ଦ୍ୱାରା ସୃଷ୍ଟି କରାଯାଇଥିଲା । ଘଣ୍ଟାଟି ମଧ୍ୟରାତ୍ରି ପାଖକୁ ଆସୁଥିବା ସମୟର ରୂପକ ବ୍ୟବହାର କରି ମାନବଜାତି ନିଜକୁ ବିପର୍ଯ୍ୟୟ ନିକଟତର ହେଉଛି । ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ, ଘଣ୍ଟାକଣ୍ଟାଗୁଡିକ ମଧ୍ୟରାତ୍ରି ପାଖକୁ ଯେତେ ନିକଟତର ହୁଏ, ପରମାଣୁ ଯୁଦ୍ଧ, ପରିବେଶଗତ ବିନାଶ କିମ୍ବା ପ୍ରଯୁକ୍ତିବିଦ୍ୟା ବିପର୍ଯ୍ୟୟ ଭଳି ବିପର୍ଯ୍ୟୟର ଆଶଙ୍କା ସେତେ ଅଧିକ ହୁଏ । ଦୁନିଆ ପୂର୍ବ ଅପେକ୍ଷା ଅଧିକ ବିନାଶ ନିକଟତର ହୋଇଛି- ଯେବେ ଘଣ୍ଟାଟି ପ୍ରଥମେ ୧୯୪୭ ମସିହାରେ ପ୍ରଚଳନ କରାଯାଇଥିଲା, ସେତେବେଳେ ଏହାକୁ ମଧ୍ୟରାତ୍ରି ପୂର୍ବରୁ ୭ ମିନିଟ୍ ସେଟ୍ କରାଯାଇଥିଲା। ଏହାର ଇତିହାସର ସବୁଠାରୁ ସୁରକ୍ଷିତ ସମୟ ୧୯୯୧ ମସିହାରେ ଆସିଥିଲା, ଯେତେବେଳେ ଆମେରିକା ଏବଂ ସୋଭିଏତ୍ ୟୁନିଅନ୍ ମଧ୍ୟରେ ଶୀତଳ ଯୁଦ୍ଧ ଶେଷ ହୋଇଥିଲା । ପରମାଣୁ ଉତ୍ତେଜନା ହ୍ରାସ ପାଇବା ଯୋଗୁଁ, ବୈଜ୍ଞାନିକମାନେ ଘଣ୍ଟାକୁ ମଧ୍ୟରାତ୍ରି ପୂର୍ବରୁ ୧୭ ମିନିଟ୍ ସ୍ଥିର କରିଥିଲେ। ଗତ କିଛି ବର୍ଷ ଧରି ପରିସ୍ଥିତି କ୍ରମାଗତ ଭାବରେ ଖରାପ ହୋଇଛି । ୨୦୨୩ ମସିହାରେ, ଘଣ୍ଟା ମଧ୍ୟରାତ୍ରି ପୂର୍ବରୁ ୯୦ ସେକେଣ୍ଡ ଥିଲା । ୨୦୨୫ ମସିହାରେ, ଏହା ୮୯ ସେକେଣ୍ଡରେ ପହଞ୍ଚିଥିଲା । ବର୍ତ୍ତମାନ ବୈଜ୍ଞାନିକମାନେ ଏହାକୁ ପୁଣି ଥରେ ମଧ୍ୟରାତ୍ରି ପୂର୍ବରୁ ମାତ୍ର ୮୫ ସେକେଣ୍ଡରେ ସେଟ୍ କରିଛନ୍ତି । ବୁଲେଟିନ୍ ଅଫ୍ ଦି ଆଟମିକ୍ ସାଇଣ୍ଟେଷ୍ଟ୍ସ ଅନୁଯାୟୀ, ଅନେକ ପରସ୍ପର ସହିତ ଜଡିତ ବିଶ୍ୱ ସଙ୍କଟ ଯୋଗୁଁ ସେମାନେ ଘଣ୍ଟାକୁ ମଧ୍ୟରାତ୍ରି ପାଖକୁ ଆଣିଛନ୍ତି । ସବୁଠାରୁ ବଡ଼ ଚିନ୍ତା ହେଉଛି ରୁଷ, ଚୀନ୍ ଏବଂ ଆମେରିକା ଭଳି ପ୍ରମୁଖ ଶକ୍ତି ମଧ୍ୟରେ ବଢୁଥିବା ପରମାଣୁ ଅସ୍ତ୍ର ପ୍ରତିଯୋଗିତା । ଯୁଦ୍ଧ ଏବଂ ବିଶ୍ୱ ସଂଘର୍ଷ ବିପଦ ବୃଦ୍ଧି କରୁଛି- ଚାଲିଥିବା ସଂଘର୍ଷ ମଧ୍ୟ ଘଣ୍ଟା ଆଗକୁ ବଢାଇବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଏହି ସଂଘର୍ଷଗୁଡ଼ିକ ପରମାଣୁ ଶକ୍ତି ସହିତ ସାମରିକ ମୁକାବିଲାର ବିପଦକୁ ବୃଦ୍ଧି କରୁଛି । ଇତିହାସରେ ପ୍ରଥମ ଥର ପାଇଁ, ବୈଜ୍ଞାନିକମାନେ ମଧ୍ୟ କୃତ୍ରିମ ବୁଦ୍ଧିମତାକୁ ବିଶ୍ୱ ବିପଦର ଏକ ପ୍ରମୁଖ ଅବଦାନକାରୀ ଭାବରେ ଦେଖୁଛନ୍ତି । ଦ୍ରୁତ ଗତିରେ ବିକଶିତ ହେଉଥିବା କୃତ୍ରିମ ବୁଦ୍ଧିମତା ପ୍ରଣାଳୀ ମିଥ୍ୟା ସୂଚନା, ସାଇବର ଯୁଦ୍ଧ, ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ଏବଂ ସାମରିକ ସଂଘର୍ଷ ସମୟରେ ନିଷ୍ପତ୍ତି ନେବାରେ ତ୍ରୁଟି ବିଷୟରେ ଚିନ୍ତା ସୃଷ୍ଟି କରୁଛି।

# ବୟସ୍କମାନଙ୍କ ରୋଗ : ପାର୍କିନସନ୍



ଡାକ୍ତର ରାଜକିଶୋର ପଣ୍ଡା

ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋବାଇଲ ନଂ-
୮୧୪୪୦୪୨୯୯୭

ପ୍ରତିବର୍ଷ ଏପ୍ରିଲ ଏଗାରକୁ ବିଶ୍ୱ ପାର୍କିନସନ୍ ଦିବସ ଓ ଏପ୍ରିଲକୁ ପାର୍କିନସନ୍ ସଚେତନା ମାସ ଭାବେ ବିଶ୍ୱବ୍ୟାପୀ ପାଳନ କରାଯାଇଥାଏ। ବୟସ୍କମାନଙ୍କ କ୍ଷେତ୍ରରେ ଏହା ଏକ ଚିନ୍ତାଜନକ ରୋଗ ଓ ଏଥିରେ ବୃଦ୍ଧଜନଙ୍କର କାର୍ଯ୍ୟ କରିବାର କ୍ଷମତା, ଗତିଶୀଳତା ଓ ମାନସିକ ଦକ୍ଷତା ଆଦି ଦ୍ରୁତ ଭାବରେ ହ୍ରାସ ପାଇଥାଏ। ତେବେ ଏହି ରୋଗର ସମ୍ୟକ ଇତିହାସ, କାରଣ, ନିରାକରଣ ଓ ପରିସଂଖ୍ୟାନ (Statistics)ର ଆଲୋଚନା ହିଁ ଆମର ଏହି ନିବନ୍ଧର ବିଷୟବସ୍ତୁ।

ପ୍ରଥମେ ଆମେ ଆସିବା ପାର୍କିନସନ୍‌ର ଇତିହାସକୁ। ପ୍ରାଚୀନ ଭାରତୀୟ ଓ ଚୀନର ଶାସ୍ତ୍ରମାନଙ୍କରେ ଏହି ରୋଗର ଲକ୍ଷଣ ବିଷୟରେ ଉଲ୍ଲେଖ ଅଛି। ଆଧୁନିକ ଔଷଧ ବିଜ୍ଞାନକୁ ଦେଖିଲେ, ୧୮୧୭ ମସିହାରେ ଲଣ୍ଡନର ଡାକ୍ତର "ଜେମ୍ସ ପାର୍କିନସନ୍" ପ୍ରଥମେ ଏହି ରୋଗଟିକୁ ଆନୁଷ୍ଠାନିକ ଭାବେ ଚିହ୍ନଟ କରିଥିଲେ। ନିଜର ପ୍ରବନ୍ଧ "ଆନ୍ ଏସେ ଅନ୍ ସେକିଙ୍ଗ୍ ପାଲସି" ରେ ସେ ପାର୍କିନସନ ରୋଗର ସବିଶେଷ ଲକ୍ଷଣ ଜନିତ ବିବରଣୀକୁ ଲିପିବଦ୍ଧ କରିଥିଲେ। ମଜାର କଥା ଏହି ଯେ, ଡାକ୍ତର ଜେମସ ରୋଗଟିର ନାମକରଣ କରିଥିଲେ "ପାରାଲିସିସ୍ ଏଜିଟାନସ୍"। ତାଙ୍କ ପରେ ୧୮୬୭ ମସିହାରେ ପ୍ରଖ୍ୟାତ ସ୍ନାୟୁ ରୋଗ ବିଶେଷଜ୍ଞ "ଜିନ୍ ମାର୍ଟିନ୍ ଚାରକୋଟ୍", ଯିଏ କି ପାର୍କିନସନ ବିଷୟରେ ଆହୁରି ଉନ୍ନତ ଧରଣର ଗବେଷଣା କରିଥିଲେ, ଡାକ୍ତର ଜେମ୍ସଙ୍କ ସମ୍ମାନରେ ରୋଗଟିକୁ "ପାର୍କିନସନ୍ ଡିଜିଜ୍" ନାମରେ ନାମିତ କଲେ। ୧୮୯୩ ମସିହାରେ ବୈଜ୍ଞାନିକମାନେ ଏହି ବ୍ୟାଧିଟି ମସ୍ତିଷ୍କର "ସବ୍‌ଷ୍ଟାନସିଆ ନାଏଗ୍ରା" (Substantia Niagra) ରେ ରୋଗଜନିତ ପରିବର୍ତ୍ତନ (Pathology) ଯୋଗୁଁ ହୋଇଥାଏ ବୋଲି ଦର୍ଶାଇଥିଲେ। ୧୯୧୯ ମସିହାରେ ରୁଷୀୟ ସ୍ନାୟୁ ବିଶେଷଜ୍ଞ "କୋନଷ୍ଟାଣ୍ଟିନ୍", ପାର୍କିନସନରେ ମସ୍ତିଷ୍କରେ ହେଉଥିବା ଅତିକ୍ଷୁଦ୍ର ପରିବର୍ତ୍ତନକୁ ଚିହ୍ନଟ କରିବା ସହିତ ଏହାକୁ "ଲିଓ୍ୱି ବଡି" ନାମରେ ନାମକରଣ କରିଥିଲେ। ୧୯୬୭ ମସିହାରେ "ଆର୍ଭିଡ୍ କାର୍ଲସନ୍" ପାର୍କିନସନ୍‌ର ମୁଖ୍ୟ କାରଣକୁ "ଡୋପାମିନ"ର ଅଭାବ ବୋଲି ପ୍ରମାଣିତ କରିବା ସହିତ ଏହାର ଔଷଧ "ଲିଭୋଡୋପା"କୁ ପ୍ରସ୍ତୁତ କରିଥିଲେ। ପରିଶେଷରେ ୧୯୯୭ ମସିହାରେ ଏହି ରୋଗର ଆନୁବଂଶିକ (Genetic Cause) କାରଣ ଜଣାପଡ଼ିବା ସହ, ଏହାର ଏକ ଶଲ୍ୟ ଚିକିତ୍ସା ପଦ୍ଧତି (Surgical Treatment), "ଡିପ୍ ବ୍ରେନ୍ ଷ୍ଟିମୁଲେସନ୍" (DBS)କୁ ଅନୁମତି ପ୍ରଦାନ କରାଗଲା।

ଆସିବା କାରଣକୁ। ପାର୍କିନସନର ପ୍ରମୁଖ କାରଣ ହେଉଛି ଡୋପାମିନ୍‌ର ଅଭାବ। ଏହି ଡୋପାମିନ, ମନୁଷ୍ୟ ଶରୀର ପାଇଁ ଏକ ଆବଶ୍ୟକ ହରମୋନ୍ ଅଟେ। ଆମ ଶରୀରରେ ଦେଖାଯାଉଥିବା ଗତିଶୀଳତା, ସ୍ମରଣ ଶକ୍ତି, ଧ୍ୟାନ ଶକ୍ତି, ଉତ୍ସାହ, ଆନନ୍ଦ ନିମନ୍ତେ ଏହି ଡୋପାମିନ୍ ନିତାନ୍ତ ଜରୁରୀ। ଏହା କମିଗଲେ ମନ ଭାରାକ୍ରାନ୍ତ ହେବା ସହ ଶରୀର ମଧ୍ୟ ହାଲିଆ ହୋଇଯାଇଥାଏ ଓ କାମ କରିବାର ସ୍ପୃହା ହ୍ରାସ ପାଇଥାଏ। ପାର୍କିନସନରେ ମସ୍ତିଷ୍କରେ ଡୋପାମିନ୍ ପ୍ରସ୍ତୁତ କରୁଥିବା ସ୍ନାୟୁ କୋଷମାନେ ନଷ୍ଟ ହୋଇଯାଇଥାନ୍ତି। ଏହି ସ୍ନାୟୁକୋଷମାନଙ୍କର ଉପସ୍ଥିତି ହେଉଛି ମସ୍ତିଷ୍କର "ସବ୍‌ଷ୍ଟାନସିଆ ନାଏଗ୍ରା"। କାଳକ୍ରମେ ଏହି ନଷ୍ଟ ହୋଇଯାଇଥିବା ସ୍ନାୟୁକୋଷମାନଙ୍କ ମଧ୍ୟରେ ଏକ ଅସ୍ୱାଭାବିକ ବା ତ୍ରୁଟିଯୁକ୍ତ ପ୍ରୋଟିନର ସୃଷ୍ଟି ହୋଇଥାଏ। ଏହି ପ୍ରୋଟିନଟି ହେଉଛି "ଆଲ୍‌ଫା- ସାଇନ୍ୟୁକ୍ଲିନ୍"। ଏହି ପ୍ରୋଟିନର ଜମାକୁ କୁହାଯାଏ "ଲିଓ୍ୱି କୋଷ" ବା "ଲିଓ୍ୱି ବଡି"।

ଏହି ରୋଗର ଦ୍ୱିତୀୟ କାରଣ ହେଉଛି କିଛି ନିର୍ଦ୍ଦିଷ୍ଟ ଜିନ୍‌ରେ ପରିବର୍ତ୍ତନ ବା ମ୍ୟୁଟେସନ୍। ଏହି ଜିନ୍‌ଗୁଡ଼ିକ ହେଉଛନ୍ତି, SNCA, LRRK2, PARK7 ଇତ୍ୟାଦି। ଏହି କାରଣଟି କିନ୍ତୁ ଅତ୍ୟନ୍ତ ବିରଳ ଓ ଏହା ଯୋଗୁଁ ମାତ୍ର ପନ୍ଦର ପ୍ରତିଶତ ପାର୍କିନସନ ହୋଇଥାଏ। ତୃତୀୟରେ ପରିବେଶ ଜନିତ କାରଣ। ବିଭିନ୍ନ ବିଷାକ୍ତ ପଦାର୍ଥ ଯେପରିକି କୀଟନାଶକ, ପ୍ରଦୂଷିତ ବାୟୁ, କଳକାରଖାନାରୁ ନିର୍ଗତ ବିଭିନ୍ନ ବର୍ଜ୍ୟବସ୍ତୁ ସଂସ୍ପର୍ଶରେ ଆସିଲେ ମଧ୍ୟ ଏହି ରୋଗ ହୋଇଥାଏ। ସାଧାରଣତଃ ବୟସ ବଢ଼ିବା ସହିତ ଏହି ରୋଗରେ ପୀଡ଼ିତ ହେବାର ସମ୍ଭାବନା ବଢ଼ିଯାଇଥାଏ। ଅଧିକାଂଶ କ୍ଷେତ୍ରରେ ଏହା ଷାଠିଏ ବର୍ଷରୁ ଅଧିକ ବୟସର ଲୋକଙ୍କୁ ଆକ୍ରାନ୍ତ କରିଥାଏ ଓ ତୁଳନାତ୍ମକ ଭାବରେ ପୁରୁଷମାନେ ମହିଳାମାନଙ୍କ ଅପେକ୍ଷା ଏହି ରୋଗରେ ବେଶୀ ପ୍ରଭାବିତ ହୋଇଥାନ୍ତି। ଏହି ରୋଗର ପ୍ରମୁଖ ଲକ୍ଷଣମାନ ହେଉଛି- ଥରିବା (ହାତ, ଆଙ୍ଗୁଠି ପ୍ରଭୃତି), ଗତିଶୀଳତାରେ ହ୍ରାସ (Bradykinesia), ମାଂସପେଶୀଗୁଡ଼ିକର ଅନମନୀୟତା ବା ଶକ୍ତ (Rigid) ଓ ଯନ୍ତ୍ରଣାଦାୟକ ହେବା, କଥା କହିବା ଶୈଳୀରେ ପରିବର୍ତ୍ତନ, ଲେଖିବାରେ କଷ୍ଟ ଅନୁଭବ, ଶରୀରର ଭାରସାମ୍ୟ ରକ୍ଷା କରିବାରେ ଅସୁବିଧା ଇତ୍ୟାଦି।

ବର୍ତ୍ତମାନ ଦେଖିବା ରୋଗଟିର ପରିସଂଖ୍ୟାନକୁ। ପାର୍କିନସନ ଉପରେ ବିଶ୍ୱବ୍ୟାପୀ ଗବେଷଣା ଓ ଜନସଚେତନତା ସୃଷ୍ଟି କରୁଥିବା ଆମେରିକାର ସଂସ୍ଥା ପାର୍କିନସନ ଫାଉଣ୍ଡେସନ (Parkinson Foundation) ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ, କେବଳ ଯୁକ୍ତରାଷ୍ଟ୍ରରେ ପ୍ରତିବର୍ଷ ୯୦,୦୦୦ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି ଏବଂ ୧.୧ ମିଲିଅନ ଲୋକ ବର୍ତ୍ତମାନ ସେଠାରେ ଏହି ରୋଗ ସହିତ ବଞ୍ଚୁଛନ୍ତି। ସଂସ୍ଥା ଏହା ମଧ୍ୟ ଜଣାଇଛି ୨୦୩୦ ସୁଦ୍ଧା ପାର୍କିନସନ ସହ ବଞ୍ଚୁଥିବା ଲୋକଙ୍କ ସଂଖ୍ୟା, ଆମେରିକାରେ ୧.୧ ମିଲିଅନ୍‌ରୁ ୧.୨ ମିଲିଅନକୁ ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ବର୍ତ୍ତମାନ ସମୟରେ ସ୍ନାୟୁକୋଷ ବିନଷ୍ଟକାରୀ ରୋଗ (Neurodegenerative disease) କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରିଛି ଆଲଝାଇମର (Alzheimer's Disease) ଓ ଦ୍ୱିତୀୟ ସ୍ଥାନରେ ଅଛି ପାର୍କିନସନ୍। ସମଗ୍ର ବିଶ୍ୱରେ ବର୍ତ୍ତମାନ ୧୦ ମିଲିଅନରୁ ଅଧିକ ଲୋକ ଏହି ରୋଗରେ ପୀଡ଼ିତ ଅଛନ୍ତି। ଭାରତ ସନ୍ଦର୍ଭରେ ଦେଖିଲେ ପ୍ରତି ଏକଲକ୍ଷ ଜନସଂଖ୍ୟାରେ ପାର୍କିନସନ ୧୫ ରୁ ୪୩ ଜଣ ଲୋକଙ୍କୁ ଆକ୍ରାନ୍ତ କରିଛି। ୨୦୩୦ ସୁଦ୍ଧା ଏହି ସଂଖ୍ୟା ଆହୁରି ବଢ଼ିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଚିନ୍ତାର ବିଷୟ ହେଉଛି କି, ଭାରତରେ ଏହି ରୋଗରେ ପ୍ରଭାବିତ ହେଉଥିବା ଲୋକମାନଙ୍କ ମଧ୍ୟରୁ ୪୦ ରୁ ୪୫ ପ୍ରତିଶତ ହେଉଛନ୍ତି ୨୨ ରୁ ୪୯ ବର୍ଷ ବୟସ ମଧ୍ୟରେ। ତେଣୁ ଯୁବବର୍ଗ ଏହି ରୋଗର ଶିକାର ହେଉଛନ୍ତି ବୋଲି ଆମେ କହିପାରିବା। ଡାକ୍ତରମାନେ ଏହା ଉପରେ ମତବ୍ୟକ୍ତ କରି କହିଛନ୍ତି ଯେ, କଳକାରଖାନାର ପ୍ରାବଲ୍ୟ, ବାୟୁ ପ୍ରଦୂଷଣ ଓ ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁଁ ଏହିପରି ଘଟୁଛି। ଆହୁରି ମଧ୍ୟ ଉତ୍ତର ଭାରତରେ ଆନୁବଂଶିକ ଇତିହାସ (Genetic History), ମସ୍ତିଷ୍କଘାତ (Head Injury) ଥିବା ରୋଗୀ ଓ ମହିଳାମାନଙ୍କ ଅପେକ୍ଷା ପୁରୁଷମାନଙ୍କୁ ଏହି ରୋଗ ବେଶୀ ଆକ୍ରାନ୍ତ କରୁଛି।

ଚିକିତ୍ସାକୁ ଆସିଲେ ଏହି ରୋଗରେ ମୁଖ୍ୟତଃ ଲିଭୋଡୋପା (Levodopa or L-dopa)କୁ ଔଷଧ ଭାବରେ ବ୍ୟବହାର କରାଯାଇଥାଏ। ଲିଭୋଡୋପାକୁ ଏହି ରୋଗର ଗୋଲ୍ଡ ଷ୍ଟାଣ୍ଡାର୍ଡ୍ ଔଷଧ ବୋଲି ମଧ୍ୟ କୁହାଯାଇଥାଏ। ଏହା ମସ୍ତିଷ୍କରେ ଡୋପାମିନକୁ ପରିବର୍ତ୍ତିତ ହୋଇ, ଏହାର ଅଭାବକୁ ପୂରଣ କରିଥାଏ। ଲିଭୋଡୋପାକୁ କିନ୍ତୁ ଗୋଟିଏ ଏନଜାଇମ୍ (Enzyme) ବିଘଟନ କରି, ଏହାକୁ ମସ୍ତିଷ୍କ ବାହାରେ ଡୋପାମିନରେ ପରିଣତ କରିଥାଏ। ଏହାଦ୍ୱାରା ଶତପ୍ରତିଶତ ଲିଭୋଡୋପା ମସ୍ତିଷ୍କରେ ଏହାର କାର୍ଯ୍ୟ ସମ୍ପାଦନ କରିପାରିନଥାଏ। ଏହି ଏନଜାଇମ୍‌ର ନାମ ହେଉଛି "ଡୋପା ଡିକାରବୋକ୍‌ସିଲେଜ୍"। ଏହାକୁ ପ୍ରତିରୋଧ କରିବା ନିମନ୍ତେ ଲିଭୋଡୋପାକୁ "କାର୍ବିଡୋପା" ସାଙ୍ଗରେ ମିଶ୍ରିତ କରି ଦିଆଯାଇଥାଏ। କାର୍ବିଡୋପା ଉପରୋକ୍ତ ଏନଜାଇମଟିକୁ ପ୍ରତିରୋଧ କରି ମସ୍ତିଷ୍କରେ ଲିଭୋଡୋପାର ଉପସ୍ଥିତିକୁ ସୁନିଶ୍ଚିତ କରାଇଥାଏ। ପାର୍କିନସନ ବିଷୟରେ ମତବ୍ୟକ୍ତ କରି ଚେନ୍ନାଇର "ରିଲା ହସ୍ପିଟାଲ"ର ସ୍ନାୟୁ ବିଭାଗର ମୁଖ୍ୟ ଡାକ୍ତର ଏନ. ଦାମୋଦରନ୍ କହିଛନ୍ତି କି, ବିଗତ ଜନବର୍ଷକୁ ତୁଳନା କଲେ, ବର୍ତ୍ତମାନ ସମୟରେ ଏହି ରୋଗ ବିଷୟରେ ଜନସଚେତନାରେ ଯଥେଷ୍ଟ ବୃଦ୍ଧି ଘଟିଛି। ସେ କହିଛନ୍ତି କି, ପାର୍କିନସନରେ ଆକ୍ରାନ୍ତ ପ୍ରାୟ ରୋଗୀ, ରୋଗଟିର ପ୍ରାରମ୍ଭିକ ଲକ୍ଷଣକୁ ଗୁରୁତ୍ୱର ସହ ନିଅନ୍ତି ନାହିଁ। ହାତ କିମ୍ବା ଗୋଡ଼ ଥରିଲେ ସେମାନେ ଏହାକୁ ଭିଟାମିନ୍ ଅଭାବ ବା ସ୍ନାୟୁବିକ ଦୁର୍ବଳତା ବୋଲି ଧରିନେଇଥାନ୍ତି। ପରିଶେଷରେ ଡାକ୍ତରଙ୍କ ପାଖକୁ ଗଲାବେଳକୁ ରୋଗଟି ଜଟିଳ ଆକାର ଧାରଣ କରିସାରିଥାଏ।

ଯଦିଓ "ଡିପ୍ ବ୍ରେନ-ଷ୍ଟିମୁଲେସନ୍" (DBS) ନାମକ ଏକ ଶଲ୍ୟ ଚିକିତ୍ସା, ଏହି ରୋଗ ପାଇଁ ଉପଲବ୍ଧ ଅଛି, ଏହାର ପରିସର କିନ୍ତୁ ଅତ୍ୟନ୍ତ ସୀମିତ। ବର୍ତ୍ତମାନ ସମୟରେ ପାର୍କିନସନ ରୋଗରେ ଆକ୍ରାନ୍ତ ବ୍ୟକ୍ତି ବିଶେଷ ଓ ତାଙ୍କର କେୟାର ଟେକରମାନ ନେଇ କ୍ଷୁଦ୍ର କ୍ଷୁଦ୍ର ସହଯୋଗ ଗୋଷ୍ଠୀମାନ କରାଯାଉଛି। ଏହି ଗୋଷ୍ଠୀ ଜରିଆରେ କେୟାର ଟେକରମାନଙ୍କୁ ରୋଗୀର ଯତ୍ନ ବିଷୟରେ ଶିକ୍ଷା ଓ ରୋଗୀମାନଙ୍କୁ ଫିଜିଓଥେରାପି ସାଇକୋଥେରାପି ଆଦି ପ୍ରଦାନ କରାଯାଉଛି। ଏହା ଏକ ଭଲ ପଦକ୍ଷେପ।

ଏ ମଧ୍ୟରେ ଲଣ୍ଡନରୁ ବାହାରୁଥିବା ପୃଥିବୀ ପ୍ରସିଦ୍ଧ ବିଜ୍ଞାନ ପତ୍ରିକା "ନିଉ ସାଇଣ୍ଟିଷ୍ଟ" (New Scientist) ରେ ପାର୍କିନସନକୁ ନେଇ ଏକ ପ୍ରବନ୍ଧ ପ୍ରକାଶ ପାଇଛି। ଏହି ଆଲେଖ୍ୟଟି ରୋଗର ଏକ ସମ୍ଭାବ୍ୟ ଔଷଧ ସମ୍ପର୍କରେ। ଅଷ୍ଟ୍ରେଲିଆର ମେଲବୋର୍ଣ୍ଣସ୍ଥିତ "ସ୍ୱିନବର୍ଣ୍ଣ ବିଶ୍ୱବିଦ୍ୟାଳୟରେ" ବୈଜ୍ଞାନିକମାନେ ଏକ ପରୀକ୍ଷା କରିଥିଲେ ମୂଷାମାନଙ୍କୁ ନେଇ। ଗବେଷକମାନେ ମୂଷାମାନଙ୍କୁ "ଆଲଫା ସାଇନ୍ୟୁକ୍ଲିନ୍" ପ୍ରୋଟିନର କିଛି ଦ୍ରବଣକୁ ନିୟମିତ ଭାବରେ ନାକ ମାଧ୍ୟମରେ ଦେଲେ। ପୂର୍ବରୁ ଆମେ ଜାଣିଛେ ଯେ ଏହି ପ୍ରୋଟିନ ହିଁ ପାର୍କିନସନ କରାଇଥାଏ। ଫଳସ୍ୱରୂପ ମୂଷାମାନଙ୍କ ଦେହରେ ପାର୍କିନସନର ଲକ୍ଷଣ ଦେଖାଗଲା। ଏହାପରେ ଏହି ମୂଷାମାନଙ୍କୁ ଦୁଇଦଳରେ ବିଭକ୍ତ କରାଯାଇ, ଗୋଟିଏ ଦଳକୁ କମ୍ପାଉଣ୍ଡ- ଏକ୍ସ (Compound- x ଏହା ହିଁ ସମ୍ଭାବ୍ୟ ଔଷଧ) ଦିଆଗଲା। ଅନ୍ୟ ଦଳକୁ କୌଣସି ଔଷଧ ଦିଆଗଲା ନାହିଁ। କିଛି ଦିନ ପରେ ପରୀକ୍ଷାରୁ ଜଣାପଡ଼ିଲା ଯେ, ଯେଉଁ ଦଳଟି ଉପରୋକ୍ତ ଔଷଧ ପାଇଛନ୍ତି, ସେମାନେ ନ ପାଇଥିବା ଦଳଠାରୁ ଅପେକ୍ଷାକୃତ ସୁସ୍ଥ ଅଛନ୍ତି। ଏହି କମ୍ପାଉଣ୍ଡ- ଏକ୍ସ ଔଷଧଟି ସମ୍ପ୍ରତି ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେସନ୍‌ର ସ୍ୱୀକୃତି ପାଇଛି। ବୈଜ୍ଞାନିକମାନେ ଦାବି କରୁଛନ୍ତି କି, ଏହି ଔଷଧଟିର ମୁଖ୍ୟକାମ ହେଉଛି ମସ୍ତିଷ୍କରୁ ବର୍ଜ୍ୟବସ୍ତୁର ନିଷ୍କାସନ କରିବା। ଯେହେତୁ ଔଷଧକୁ ନେଇ ଆଉ କିଛି ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ରହିଛି, ତେଣୁ ଏହାର ପୂର୍ଣ୍ଣାଙ୍ଗ ନାମକରଣ ଏପର୍ଯ୍ୟନ୍ତ କରାଯାଇନାହିଁ। ଆଗାମୀ ସମୟରେ ଏହି ଔଷଧ ପାର୍କିନସନ ରୋଗୀମାନଙ୍କ ପାଇଁ ଏକ ଆଲୋକବର୍ତ୍ତିକା ହେବ ବୋଲି ଆଶା କରାଯାଉଛି।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

# ବିଶ୍ୱରୂପ ଦର୍ଶନ

## ବିନାଶ ହିଁ ସନ୍ୟାସର ମୁଖ୍ୟ କାରଣ



ଶ୍ରଦ୍ଧେୟ ଭକ୍ତବୃନ୍ଦ,ଏହି ବିନାଶ ଶବ୍ଦ ଶୁଣୁଶୁଣୁ ତୁମେ ଚକିତ ହୋଇଯାଇଥିବା ଜଣେ ସାଧୁର ଏକି ବାର୍ତ୍ତା,ଆରେ ଗୀତାରେ ଅଛି ପରିତ୍ରାଣାୟ ସାଧୁନାଂ-ବିନାଶାୟଚ ଦୁଷ୍କୃତଂ-ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ । ତେଣୁ ହେ ଭକ୍ତ,ହେ ଶିଷ୍ୟ ହେ ମାନବ ପ୍ରଥମେ ଏ ଜଗତରୁ ହେଉ କି ସମାଜରୁ ହେଉ କି ସଂସାରରୁ ହେଉ ତୁମ ଦେହ ମନ, ବାକ୍ୟକୁ କୁତ୍ସିତ ଭାବନାରୁ ବିନାଶ କର । କାମ,କ୍ରୋଧ,ଲୋଭ,ମୋହ,ମାୟାକୁ ବିନାଶ କର । ପ୍ରଥମେ ଲାଲସାକୁ ବିନାଶ କର,ପ୍ରତି ହିଂସା ପରାୟଣକୁ ବିନାଶ କର । ହିଂସାତ୍ମକ ପ୍ରବୃତ୍ତିରୁ ନିବୃତ୍ତ ରୁହ । ଭୋଗ ଲାଲସାରୁ ମୁକ୍ତି ଲାଗି ପ୍ରୟାସ କର ଯୋଗ ଦ୍ୱାରା ଜଗତରୁ ମାୟାର ପ୍ରଭାବକୁ ଦୂରୀଭୂତ କର । ପ୍ରଥମେ ସତ୍ୟ ପଥର ଯାତ୍ରୀ ହୋଇ କ୍ଷମା ଗୁଣକୁ ଧାରଣା କରି ଅହିଂସା ବ୍ରତ ଆଚରଣ କର ସେବା ମନବୃତ୍ତିକୁ ଧର । ପ୍ରଥମେ ଜଣେ ସାଧୁର ବୃତ୍ତି,ସେବା ହେଉ,ଶାନ୍ତିର ବାଣୀ ହେଉ,ଶ୍ରଦ୍ଧାର ଚୁଲି ଜଳୁ,ଦୟାର ପାତ୍ର ହେଉ,କ୍ଷମାର ଗୁଣ ହେଉ,ବିଶ୍ୱାସର ଭୋକ ହେଉ,ଭକ୍ତିର ଦ୍ୱୀପ ହେଉ ଜ୍ଞାନର ଖାଦ୍ୟ ହେଉ,ଦେଖିବ ଏହି ବିନାଶଦ୍ୱାରା ଆପେ ଆପେ ଧର୍ମର ସଂସ୍ଥାପନ ହୋଇପାରିବ । ତୁମେ ଧର୍ମ କରିବି ଧର୍ମ କରୁଛି ବୋଲି ପ୍ରଚାର ପ୍ରସାର ନକରି ତୁମେ ତୁମକୁ ପ୍ରଥମେ ଚିହ୍ନ । ଆରମ୍ଭରେ ତୁମେ ତୁମକୁ ନ ବୁଝି ଅନ୍ୟକୁ ବୁଝାଇବାକୁ ଚେଷ୍ଟା କରିବା ହାସ୍ୟାସ୍ପଦ। ତୁମେ ତୁମର ପ୍ରକୃତିର ଅବମାନନା କରନାହିଁ । କିନ୍ତୁ ତୁମ ଇନ୍ଦ୍ରୀୟ ସମୂହକୁ ଆୟତ୍ତ କର। ପ୍ରକୃତିକୁ ଧର୍ମର ମାର୍ଗରେ ନେଇ ଅଧର୍ମକୁ ବିନାଶ କର । ନିଜର ଆତ୍ମାର ମାର୍ଗକୁ ଅନୁସରଣ କର । ନିଶ୍ଚିତ ଭାବରେ ପରିତ୍ରାଣ ମିଳିବ । ଆତ୍ମାର ପରିଚୟ ମିଳିବ ଯୁଗେ ଯୁଗେ ଧର୍ମର ଗ୍ଲାନି ନ ହୋଇ ଧର୍ମର ବିଜୟ ପତାକା ଫର ଫର ଉଡିଛି । ଏହାହିଁ ଚୈତନ୍ୟ ଧାରା,ବିଶ୍ୱନିୟନ୍ତାଙ୍କର କୃପାବାରୀ । ହେ ଜଗତ ବାସୀ ଆମେ ଏକ ଅଭିନ୍ନ,ଆମେ ସାକାର ପ୍ରଭୁ ନିରାକାର,ସୋହଂ,ସେହିଁ ଯନ୍ତ୍ରୀ,ଆମେ ସବୁ ଯନ୍ତ୍ର,ତାଙ୍କ ଯନ୍ତ୍ରକୁ ସେ ଯେମିତି ନଚାଇବେ ସେ ନାଚିବ । ଏଥିରେ କାହାର ଅଧିକାର ନାହିଁ ତେଣୁ ପ୍ରଭୁଙ୍କର ଯେଉଁଠି ଅଧିକାର ତୁମର ସେଠି ଅହଂକାର କରିବା କେତେ ଦୂର ଯଥାର୍ଥ ସୁଧୀଜନ ବିଚାର କରିବେ । ହରିଓଁ ।

◆◆

# ଉତ୍କଳର ଗର୍ବ ଅତିବଡି ଜଗନ୍ନାଥ ଦାସ



ଶ୍ରୀହେମନ୍ତ କୁମାର ଗନ୍ତାୟତ

ଅଧ୍ୟାପକ, ଆସିକା ,ଗଞ୍ଜାମ
ମୋ-୯୮୬୧୩୩୪୮୬୮

ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ, ଉତ୍କଳ ମାତାର ସୁଯୋଗ୍ୟ ସନ୍ତାନ, ଯୋଗଜନ୍ମା ତଥା ପଞ୍ଚସଖାଙ୍କ ମଧ୍ୟରେ ଅନ୍ୟତମ ଥିଲେ ଅତିବଡ଼ି ଜଗନ୍ନାଥ ଦାସ। ସେ କେବଳ ଜଣେ ଭକ୍ତ, କବି ତଥା ସୁସାହିତ୍ୟିକ ନଥିଲେ, ଅପିତୁ ସେ ଜଣେ ଥିଲେ ବିଜ୍ଞ ପୌରାଣିକ ଏବଂ ଦାର୍ଶନିକ। ଅନେକ ଗବେଷକଙ୍କ ମତ ଅନୁଯାୟୀ ଜଗନ୍ନାଥ ଦାସ ୧୪୯୦ ଖ୍ରୀଷ୍ଟାବ୍ଦ ଭାଦ୍ରବମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ଅନୁରାଧା ନକ୍ଷତ୍ର ବୁଧବାର ଦିନ ମଧ୍ୟାହ୍ନ ସମୟରେ ପୁରୀ ଜିଲ୍ଲା କପିଳେଶ୍ୱରପୁର ଶାସନର ସମ୍ଭ୍ରାନ୍ତ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ଯେଉଁ ଶୁଭ ଯୋଗରେ ଜନ୍ମଗ୍ରହଣ କରିଥିଲେ, ତାହା ଥିଲା ବୃଷଭାନୁ ନନ୍ଦିନୀ ଶ୍ରୀରାଧା ଦେବୀଙ୍କ ଶୁଭ ଜନ୍ମମୁହୂର୍ତ୍ତ ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି। ତେଣୁ ଜଗନ୍ନାଥ ଦାସଙ୍କୁ ରାଧାଙ୍କର ଅଂଶାବତାର ବୋଲି ବିଶ୍ୱାସ କରାଯାଏ। ତାଙ୍କର ପିତାଙ୍କ ନାମ ଭଗବାନ ଦାସ ଓ ମାତାଙ୍କ ନାମ ଥିଲା ପଦ୍ମାବତୀ। ତାଙ୍କର ପିତା ଜଣେ ଧର୍ମପରାୟଣ ବ୍ୟକ୍ତି ଏବଂ ବିଜ୍ଞ ସଂସ୍କୃତି ସମ୍ପନ୍ନ ତଥା ପୁରାଣ ପାଠାଦିରେ ସୁଦକ୍ଷଥିଲେ। ତେଣୁ ତାଙ୍କର ପୁରାଣ ପାଠ ଶୈଳୀରେ ପ୍ରଭାବିତ ହୋଇ ତତ୍କାଳୀନ ରାଜା ପ୍ରତାପରୁଦ୍ର ଦେବ ଭଗବାନ ଦାସଙ୍କୁ 'ପୁରାଣ ପଣ୍ଡା' ଉପାଧିରେ ସମ୍ମାନିତ କରିଥିଲେ।

ଭଗବାନ ଦାସଙ୍କ ଶିଶୁପୁତ୍ରଟି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦରୁ ଜନ୍ମଗ୍ରହଣ କରିଥିବା ହେତୁ , ପଣ୍ଡିତମାନଙ୍କ ପରାମର୍ଶକ୍ରମେ ପିତା ତା'ର ନାମକରଣ ଜଗନ୍ନାଥ ରଖିଥିଲେ। ବାଳ ଜଗନ୍ନାଥ ଚାରିବର୍ଷରେ ପଦାର୍ପଣ ବେଳକୁ ପିତା ତାଙ୍କର ଚୂଡ଼ାକର୍ମ ଓ ବର୍ଣ୍ଣବୋଧ ଆଦି ଶେଷକରି ପାଞ୍ଚବର୍ଷ ବୟସରେ ବିଦ୍ୟାରମ୍ଭ କରାଇଥିଲେ ।ଉପନୟନ ଉପରାନ୍ତେ ପିତାଙ୍କ ନିକଟରୁ ସେ ଅମରକୋଷ, ଅଭିଧାନ , କଳାପ ଏବଂ ବର୍ଦ୍ଧମାନ ନାମକ ଦୁଇଟି ସଂସ୍କୃତ ବ୍ୟାକରଣ ସମ୍ପୂର୍ଣ୍ଣରୂପେ କଣ୍ଠସ୍ଥ କରିପାରିଥିଲେ । ନିକଟବର୍ତ୍ତୀ ବ୍ରାହ୍ମଣ ଶାସନକୁ ପ୍ରତିଦିନ ଯାଇ ଯଜୁର୍ବେଦ ଓ ସାମବେଦର ସଂହିତାମାନ ମଧ୍ୟ ଅଧ୍ୟୟନ ଓ କଣ୍ଠସ୍ଥ କରିବାରେ ସକ୍ଷମ ହୋଇଥିଲେ। ନ୍ୟାୟ, ବେଦାନ୍ତ ଆଦି ଦର୍ଶନଶାସ୍ତ୍ର ଏବଂ ମହାଭାରତ ,ରାମାୟଣ ଓ ଧର୍ମଶାସ୍ତ୍ର ଆଦି ପଢ଼ିବା ପରେ ଜଗନ୍ନାଥ ଦାସଙ୍କ ସଂସ୍କୃତ ଭାଗବତ ଅଧ୍ୟୟନ ପ୍ରତି ରୁଚି ବଢ଼ିଥିଲା। ସେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ର ପୁରୀକୁ ନିତ୍ୟ ଆସି ଶ୍ରୀମନ୍ଦିର ଭିତର ବେଢ଼ା ସ୍ଥିତ ବଟଗଣେଶଙ୍କ ନିକଟରେ ବସି ସଂସ୍କୃତ ଭାଗବତକୁ ଓଡ଼ିଆରେ ବ୍ୟାଖ୍ୟାକରି ନିତି ଶୁଣାଉଥିଲେ। ସେହି ସମୟରେ ଭକ୍ତି ଆନ୍ଦୋଳନର ମହାନାୟକ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପୁରୀ ଆଗମନ ହୋଇଥିଲା। ସେ (ଶ୍ରୀଚୈତନ୍ୟ) ଜଗନ୍ନାଥ ଦାସଙ୍କ ଭକ୍ତିଭାବ ଏବଂ ପ୍ରତିଭାରେ ମୁଗ୍ଧହୋଇ ତାଙ୍କୁ 'ଅତିବଡ଼ି' ଆଖ୍ୟାରେ ଭୂଷିତ କରିଥିଲେ। ସେହି ଦିନଠାରୁ ସେ 'ଅତିବଡ଼ୀ' ଜଗନ୍ନାଥ ଦାସ' ଭାବେ ସର୍ବତ୍ର ପୂଜିତ ହେବାକୁ ଲାଗିଲେ।

ଉତ୍କଳ ପ୍ରଦେଶରେ ସେତେବେଳେ ପ୍ରମୁଖ ଧର୍ମ ଗ୍ରନ୍ଥମାନ ସଂସ୍କୃତ ଭାଷାରେ ଲିପିବଦ୍ଧ ଥିଲା। ଯାହାକୁ ସାଧାରଣ ସ୍ୱଳ୍ପବିଦ୍ୟା ସମ୍ପନ୍ନ ବ୍ୟକ୍ତି ବିଶେଷମାନେ ବୁଝିବାକୁ ସକ୍ଷମ ନଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଥିଲେ ଜଗନ୍ନାଥ ଦାସଙ୍କ ମାତା ପଦ୍ମାବତୀ ଦେବୀ । ସେ ସଂସ୍କୃତ ଭାଗବତ ଶୁଣିବାକୁ ଇଚ୍ଛାଥିଲେ ମଧ୍ୟ ଭାଷାଗତ ଅବୋଧ ଯୋଗୁଁ ତାହା ବୁଝିବା ପାଇଁ ତାଙ୍କ'ପକ୍ଷେ ସମ୍ଭବପର ନଥିଲା। ମାତାଙ୍କର ଏହି ଆଧ୍ୟାତ୍ମିକ ପିପାସା ମେଣ୍ଟାଇବା ଏବଂ ଉତ୍କଳର ସାଧାରଣ ଜନତାଙ୍କ ପାଖରେ ଜ୍ଞାନର ଆଲୋକ ପହଞ୍ଚାଇବା ନିମନ୍ତେ ଜଗନ୍ନାଥ ଦାସ ସଂସ୍କୃତ ଭାଗବତକୁ ସରଳ ଓଡ଼ିଆ ଭାଷାରେ ରୂପାନ୍ତରିତ କରିବାକୁ ସଂକଳ୍ପ ନେଇଥିଲେ। ସେ ଶ୍ରୀବ୍ୟାସଦେବଙ୍କ ବିରଚିତ ସଂସ୍କୃତ ଭାଗବତକୁ ଓଡ଼ିଆ ନବାକ୍ଷରୀ ଛନ୍ଦରେ ଭାବାନୁବାଦ କରି ପ୍ରସିଦ୍ଧି ଲାଭକଲେ। ଏହିପରି ଭାବେ ଜନ୍ମ ନେଇଥିଲା କାଳଜୟୀ ଗ୍ରନ୍ଥ 'ଓଡ଼ିଆ ଭାଗବତ'। ଯାହା ଆଜି ପ୍ରତ୍ୟେକ ସଂସାରୀଙ୍କ ସଂସାର ମଳକୁ ନାଶ କରିବାରେ ସମର୍ଥ ହୋଇପାରିଛି। ଏହି ଭାଗବତର ପ୍ରତିଟି ପଦ ଅତ୍ୟନ୍ତ ସରଳ ବୋଧ ହେଉଥିଲେ ମଧ୍ୟ, ଏହାର ତାତ୍ତ୍ୱିକ ଅର୍ଥ ଅତୀବ ଗହନ। ଏଠାରେ ଅତିବଡି ବେଦ, ବେଦାନ୍ତ, ବ୍ରହ୍ମସୂତ୍ର ଓ ଅନେକ ଦର୍ଶନର ସାରତତ୍ତ୍ୱକୁ ସନ୍ନିହିତ କରିଛନ୍ତି। ସେଥି ମଧ୍ୟରୁ କିଛି ପଂକ୍ତି ହେଉଛି:'ସ୍ୱତନ୍ତ୍ର ସୁତ୍ରେ ଉର୍ଣ୍ଣନାଭି । କ୍ରୀଡଇ ଯେହ୍ନେ ମନେ ଭାବି'।। ଅର୍ଥାତ୍ ଉର୍ଣ୍ଣନାଭ ବା ବୁଢିଆଣୀ ଜାଲ ନିର୍ମାଣ ସକାଶେ ନିଜେ ହିଁ ସ୍ୱତନ୍ତ୍ରଭାବେ ନିଜ ମୁଖରୁ ସୁତ୍ର ନିର୍ଗତକରି ଜାଲ ସୃଷ୍ଟି କରିଥାଏ ଏବଂ ସେଥିରେ ହିଁ ସେ ନିଜ ମନପସନ୍ଦର ବିଭିନ୍ନ ପ୍ରକାର ଖେଳ ଖେଳିଥାଏ। ପରନ୍ତୁ ଏଠାରେ ଉର୍ଣ୍ଣନାଭର ଦୃଷ୍ଟାନ୍ତ ମାଧ୍ୟମରେ ପରମାତ୍ମାଙ୍କ ସୃଷ୍ଟି, ସ୍ଥିତି ଓ ଲୟ ବା ପ୍ରଳୟକୁ ସୂଚିତ କରାଯାଇଛି । ଯେପରି ସାଧାରଣ ମାଙ୍କଡ଼ସା କୌଣସି ଦ୍ରବ୍ୟର ସାହାଯ୍ୟ ନ ନେଇ ସ୍ୱତଃ ସ୍ୱ ମୁଖରୁ ସୁତ୍ର ନିର୍ମାଣକରେ ଏବଂ ପୁନର୍ବାର ତାକୁ ଭକ୍ଷଣ କରିଥାଏ, ସେପରି ପାରମାର୍ଥିକ ଦୃଷ୍ଟିରେ ପରମାତ୍ମା କୌଣସି ଦ୍ରବ୍ୟର ସାହାଯ୍ୟ ବିନା ଏହି ସଂସାରକୁ ସୃଷ୍ଟି କରନ୍ତି। ସେପରି 'ସଂସାର ସଂଯୋଗ ବିୟୋଗେ। ଶୋକ ହରଷ ବେନି ମାର୍ଗେ ।।' ଏହାର ଅର୍ଥ ସଂସାରରେ ସଂଯୋଗ ଅର୍ଥାତ୍ ଜନ୍ମ ଓ ପ୍ରାପ୍ତି ; ବିୟୋଗ ମାନେ ମୃତ୍ୟୁ ବା ଅଭାବ । ଉଭୟ ମଧ୍ୟରେ ହିଁ ମନୁଷ୍ୟର ଜୀବନପଥ ଗତି କରିଥାଏ ଏବଂ ସେଥିରୁ ହିଁ ସେ ସୁଖ ଓ ଦୁଃଖ ଲାଭକରେ । ଏହି ସୁଖ ଓ ଦୁଃଖର ସ୍ଥାନକୁ :- 'ଏକଇ ବୃକ୍ଷେ ବେନି ଫଳ । ଚତୁର ରସ ତିନି ମୂଳ।। ଏପରି ବର୍ଣ୍ଣନା କରା ଯାଇଛି। ଅର୍ଥାତ୍ ସଂସାର ହେଉଛି ଏକ ବୃକ୍ଷ ସଦୃଶ। ଏହି ବୃକ୍ଷରେ ଦୁଇଗୋଟି ଫଳ ଫଳିଥାଏ। ପ୍ରଥମ ଫଳଟି ସୁଖ ଏବଂ ଦ୍ୱିତୀୟଟି ଦୁଃଖ। ଉଭୟ ଫଳକୁ ଜୀବ ଜୀବଦଶାରେ ଅର୍ଥାତ୍ ଜୀବନର ଚାରୋଟି ମୁଖ୍ୟ ଅବସ୍ଥାରେ ଯଥା - ଶୈଶବ, ଯୁବା, ପ୍ରୌଢ଼ ଓ ବାର୍ଦ୍ଧକ୍ୟରେ ଭକ୍ଷଣ ( ଭୋଗ) କରିଥାଏ। ତତ୍ ବ୍ୟତୀତ ସେହି ବୃକ୍ଷର ତିନି ଗୋଟି ମୂଳ ରହିଛି ବୋଲି କୁହାଯାଇଛି। ଯା'ର ଅର୍ଥ ଅନ୍ତକରଣ ବା ଚିତ୍ତ ଅଟେ। ଏହି ଚିତ୍ତ ହେଉଛି ସତ୍ତ୍ୱ,ରଜ ଓ ତମ ତ୍ରିଗୁଣ ଆତ୍ମିକ।

ଓଡ଼ିଆ ଭାଗବତ ହେଉଛି ଜଗନ୍ନାଥ ଦାସଙ୍କ ସମସ୍ତ ସାରସ୍ୱତ ସୃଷ୍ଟି ମଧ୍ୟରେ ଶ୍ରେଷ୍ଠତମ। ଯାହା ଆଜି ସମଗ୍ର ମାନବ ସମାଜ ପାଇଁ ପଥ ପ୍ରଦର୍ଶକ ହୋଇପାରିଛି । ଅତିବଡି ଭାଗବତ ବ୍ୟତୀତ ସେ ଗୁପ୍ତଭାଗବତ, ଦାରୁବ୍ରହ୍ମ ଗୀତା, ଅର୍ଥ କୋଇଲି ଓ ତୁଳାଭିଣା ଭଳି ଅନେକ ଗ୍ରନ୍ଥ ରଚନା କରି ଯାଇଛନ୍ତି। ସେ ଶ୍ରୀଚୈତନ୍ୟଦେବଙ୍କ ଠାରୁ ମଧ୍ୟ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରିଥିଲେ ବୋଲି କୁହାଯାଏ। ଏତଦ୍ ବ୍ୟତୀତ ପୁରୀର ସିଦ୍ଧ ଜଗନ୍ନାଥ ଆଶ୍ରମରେ ରହି ସେ ରାଧାକୃଷ୍ଣଙ୍କ ଉପାସନା ଓ ଭକ୍ତିମାର୍ଗର ପ୍ରଚାର ସହ ପୁରୀର ବଡ଼ ଓଡ଼ିଆ ମଠକୁ ଅତିବଡ଼ି ନିଜେ ପ୍ରତିଷ୍ଠା କରିଥିଲେ। ସେଠାରେ ପୂଜିତ ବିଗ୍ରହ ଜଗନ୍ନାଥ ଦାସଙ୍କ ଅଳ୍ପସଂଖ୍ୟକ ପୁରାତନ ପ୍ରତିକୃତିଙ୍କ ମଧ୍ୟରୁ ପ୍ରମୁଖ ବୋଲି କୁହାଯାଏ। ଅତିବଡ଼ି ନିଜର ସମଗ୍ର ଜୀବନ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା, ସାଧନା ଏବଂ ସାହିତ୍ୟ ରଚନାରେ ଅତିବାହିତ କରି ଯାଇଛନ୍ତି । ପ୍ରାୟ ୧୫୫୦ ଖ୍ରୀଷ୍ଟାବ୍ଦରେ ଏହି ମହାନ ସନ୍ଥଙ୍କ ମହାପ୍ରୟାଣ ହୋଇଥିଲା। ପୁରୀର ସମୁଦ୍ର କୂଳରେ ଥିବା 'ସାତଲହଡ଼ି ମଠ' ଓ 'ବଡ଼ ଓଡ଼ିଆ ମଠ' ତାଙ୍କର ସାଧନା ପୀଠ, ଯେଉଁଠାରେ ଆଜି ମଧ୍ୟ ତାଙ୍କର ସ୍ମୃତି ପୂଜା ପାଉଛି। ଅତିବଡି ଜଗନ୍ନାଥ ଦାସଙ୍କ ନାମ ଓ ତାଙ୍କ ସାହିତ୍ୟ, ସାହିତ୍ୟିକ ଆକାଶରେ ଏକ ଅମ୍ଳାନ କୀର୍ତ୍ତି । ଯାହା ସଦାସର୍ବଦା ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ପୂଜ୍ୟ ତଥା ଅମର ହୋଇ ରହିବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ମଇ ୨୦୨୬ ବୁଧବାର



# ଭାରିକୋଜ୍ ଭେନ୍ ପୀଡା ପାଇଁ ନିୟମିତ ଭେଷଜ ଚିକିତ୍ସା ଆବଶ୍ୟକ

ଯନ୍ତ୍ରଣା ଭରା ଅବସ୍ଥାରେ ଭାରିକୋଜ୍ ଭେନ୍‌କୁ ଠାବ କରାଯାଇଥାଏ। ଏହି ଭେନ୍ ପ୍ରାୟତଃ ସମସ୍ତଙ୍କ ପାଖେ ଦେଖାଯାଇ ନ ଥାଏ। ଏପରି ଭେନ୍ ସାଧାରଣ ଭେନ୍ ଭାବେ ଚର୍ମ ନିକଟରେ ଥାଏ ଅଧିକନ୍ତୁ ବାହ୍ୟ ପାର୍ଶ୍ୱକୁ ରହି ଫୁଲିବା ଦ୍ୱାରା ଭାରିକୋଜ୍ ଆଖ୍ୟା ଦିଆଯାଇଅଛି। ଏପରି ଭେନ୍‌ଗୁଡ଼ିକ ମୋଟା ଏବଂ ପ୍ରସସ୍ଥ ହୋଇ ସାଧାରଣତଃ ଗୋଡ଼, ପୁରୁଷ ଅଣ୍ଡକୋଷ କିମ୍ବା ମଳ ଦ୍ୱାରରେ ଦୃଷ୍ଟିଗୋଚର ହୁଅନ୍ତି। ଭାରିକୋଜ୍ ଭେନ୍ ସମସ୍ତଙ୍କ ପାଇଁ ଏକ ସମସ୍ୟା ହୋଇ ଉଭା ହୋଇ ନ ଥାଏ, ହେଲେ ମନୁଷ୍ୟ ଗୋଡ଼ରେ, ମୁହଁରେ ଏକ ପ୍ରକାର ବୁଢ଼ିଆଣୀ ଜାଲ କିମ୍ବା ଦଉଡ଼ି ଗୁଚ୍ଛ ସଦୃଶ ଆକାର ନେଇ ବେଳେବେଳେ ଅବିରତ ଯନ୍ତ୍ରଣା ସହିତ ବେଆରମ ଓ ଅନ୍ୟାନ୍ୟ ଶାରୀରିକ ସମସ୍ୟା ସୃଷ୍ଟି କରନ୍ତି। ସରଳ ଭାବେ ବୁଝିବାକୁ ହେଲେ ମନୁଷ୍ୟ ଶରୀରରେ ଆଟେରି(ଧମନୀ) ଓ ଭେନ୍(ଶିରା) ରକ୍ତ ସଞ୍ଚାଳନ କରିଥାନ୍ତି। ଧମନୀ ବିଶୁଦ୍ଧ ରକ୍ତ ହୃତ୍‌ପିଣ୍ଡରୁ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ବହନ କରିବା ଦାୟିତ୍ୱ ନେଇଥିବା ବେଳେ ଭେନ୍ ଦ୍ୱାରା ଦୂଷିତ ରକ୍ତ ଭିନ୍ନ ଭିନ୍ନ ସ୍ଥାନରୁ ହୃତ୍‌ପିଣ୍ଡକୁ ପୁନଃ ପ୍ରକ୍ରିୟାକରଣ ଉଦ୍ଦେଶ୍ୟରେ ଫେରାଇ ଆଣିଥାନ୍ତି। କିନ୍ତୁ ଗୋଡ଼ରେ ଥିବା ଭେନ୍‌ଗୁଡ଼ିକ ରକ୍ତ ଫେରାଇ ଆଣିବା ସମୟରେ ମାଧ୍ୟାକର୍ଷଣ



ଶକ୍ତିର ବିପରୀତ ଦିଗରେ କାମ କରିଥାନ୍ତି, ଯଦ୍ୱାରା ସର୍ବଦା ଚାପଗ୍ରସ୍ତ ରହିଥାନ୍ତି। ରକ୍ତ ଊର୍ଦ୍ଧ୍ୱଗାମୀ ହେବା ବେଳେ ତଳ ଗୋଡ଼ର ମାଂସପେଶୀଗୁଡ଼ିକ ନିଜକୁ ଅଧିକ ଶକ୍ତ ଓ ଦୃଢ଼ କରି ଚିପି ଧରନ୍ତି, ଯାହା ଭେନ୍‌ଗୁଡ଼ିକ ପାଇଁ ପମ୍ପ ଭାବେ କାମକରେ ଏବଂ ରକ୍ତ ଚାପଗ୍ରସ୍ତ ଅବସ୍ଥାରେ ହୃତ୍‌ପିଣ୍ଡକୁ ଅଗ୍ରସର ହେବାକୁ ଲାଗେ। ଏ ପ୍ରକ୍ରିୟାରେ ଭେନ୍ ପ୍ରାଚୀର ଓ ଭାଲ୍‌ବର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ରକ୍ତ ଉପରକୁ ଗତି କରିବାକ୍ଷଣି ଭେନ୍‌ରେ ଥିବା ଅତି କ୍ଷୁଦ୍ର ଭାଲ୍‌ବ ସମୂହ ଖୋଲିବାକୁ ଲାଗିଥାନ୍ତି। ରକ୍ତ ପ୍ରବାହିତ ହୋଇ ସାରିବାକ୍ଷଣି ଏହା ସ୍ୱୟଂକ୍ରିୟ ଭାବେ ତୁରନ୍ତ ବନ୍ଦ ହୋଇଯାଏ। ଏପରି ନିୟୋଜିତ ଭାଲ୍‌ବ ଠିକ କାର୍ଯ୍ୟ ସମ୍ପାଦନା ଦ୍ୱାରା ରକ୍ତ କଣିକା ପୁନଃ ତଳକୁ ଖସିବାକୁ ସାମର୍ଥ୍ୟ ହୋଇପାରନ୍ତି ନାହିଁ, ଫଳରେ ରକ୍ତ କ୍ରମେ ଅଗ୍ରସର ହୋଇ ହୃତ୍‌ପିଣ୍ଡକୁ ଅନାୟାସରେ ପହଞ୍ଚିଥାଏ। କିନ୍ତୁ, ଏହି ସମୟରେ ଯଦି ଭାଲ୍‌ବଗୁଡ଼ିକର ଅବସ୍ଥା ଦୁର୍ବଳ କିମ୍ବା କ୍ଷତିଗ୍ରସ୍ତ ଥାଏ, ତେବେ ରକ୍ତ ଉପରକୁ ନ ଯାଇ ତଳକୁ ଖସି ଗୋଡ଼ରେ ଥିବା ଭେନ୍‌ମାନଙ୍କରେ ଗଚ୍ଛିତ ହୋଇଥାଆନ୍ତି। ଏହା ଦ୍ୱାରା ଗୋଡ଼ରେ ଥିବା ଭେନ୍‌ଗୁଡ଼ିକ ଫୁଲି, ବିସ୍ତାରିତ ଓ କୁଞ୍ଚ କୁଞ୍ଚ ହେବାରେ ଲାଗନ୍ତି ଏବଂ ଭାରିକୋଜ୍ ଭେନ୍ ଉତ୍ପତ୍ତି ହେବା ସହ ନାନାଦି ଶାରୀରିକ ସମସ୍ୟା ସୃଷ୍ଟି କରାନ୍ତି। ପାରିବାରିକ ଇତିହାସ ଏବଂ ମେଦ ବହୁଳତା ହେବା ଏହାର ଦୁଇ ପ୍ରମୁଖ କାରଣ ହୋଇପାରେ। ଅଧିକ ମୋଟା ହେବା ଦ୍ୱାରା ଭେନ୍‌ଗୁଡ଼ିକ ଅଧିକ ଚାପପ୍ରସ୍ତ ହୋଇ ସମସ୍ୟା ସୃଷ୍ଟି କରନ୍ତି। ମହିଳାମାନେ ଅଧିକ ଏପରି ସମସ୍ୟାରେ ଘାଣ୍ଟି ହୁଅନ୍ତି। ଅଧିକ ସମୟ ଛିଡ଼ାହେବା କିମ୍ବା ବସି ରହି କୌଣସି କାର୍ଯ୍ୟ କରିବା ମଧ୍ୟ ଅନ୍ୟ ଏକ କାରଣ ହୋଇପାରେ। ଏପରି ହେବା ଦ୍ୱାରା ରକ୍ତ ପ୍ରବାହ ଆଘାତପ୍ରାପ୍ତ ହୁଏ। ଫଳରେ ବିଶେଷ ଅଡୁଆ ଅବସ୍ଥା ସର୍ବଦା ହୁଏ ନାହିଁ କିନ୍ତୁ କଷ୍ଟଦାୟକ ଅଲସରଗୁଡ଼ିଏ ପାଦର ଚର୍ମରେ ଗଣ୍ଠି ପାର୍ଶ୍ୱବର୍ତ୍ତୀ ସ୍ଥାନରେ ହୋଇପାରେ। ଅଲସର ହେବା ପୂର୍ବରୁ ଚର୍ମର ନିର୍ଦ୍ଦିଷ୍ଟ ସ୍ଥାନରେ ବିବର୍ଣ୍ଣ ହୋଇ ଏକ ଦାଗ ସୃଷ୍ଟି ହୁଏ। ସମୟେ ସମୟେ ଗୋଡ଼ର ଭିତର ପାର୍ଶ୍ୱରେ ଭେନ୍ ବଡ଼ ଆକାର ଧାରଣ କରି ଯନ୍ତ୍ରଣା ହେବା ସହ ଗୋଡ଼ ଫୁଲିଯାଏ। ଏପରି ଅବସ୍ଥା ଲାଗି ରହିଲେ ହୁଏତ ରକ୍ତ ଜମାଟ କାରଣ ହୋଇପାରେ। ଭେନଗୁଡ଼ିକ ଅତ୍ୟଧିକ ଫୁଲିବା ଦ୍ୱାରା ଚାପଗ୍ରସ୍ତ ହୋଇ ଫାଟି ରକ୍ତସ୍ରାବ ମଧ୍ୟ କରିଥାଏ। ବହୁ ସମୟ ଧରି ଭାରିକୋଜ୍ ଭେନ ଗୋଡ଼କୁ କଷ୍ଟ ଦେବା ସହ ଫୁଲେଇ ଦେଇଥାଏ। ଯାହାଦ୍ୱାରା ରୋଗୀ ଅଶାନ୍ତି ମଧ୍ୟକୁ ଠେଲି ହୋଇଯାଏ। ଭାରିକୋଜ ଭେନ ଯଦିଓ କେତେକଙ୍କ ପାଇଁ କଷ୍ଟଦାୟକ ନୁହେଁ କିନ୍ତୁ ଅନ୍ୟମାନେ ଯନ୍ତ୍ରଣା ଅନୁଭବ କରନ୍ତି। ଏଥିପାଇଁ ନିୟମିତ ଭେଷଜ ଚିକିତ୍ସା ସହିତ କିପରି ନିୟମିତ ଅବିଶ୍ରାନ୍ତ ରକ୍ତ ପ୍ରବାହ ଜାରି ରହିପାରିବ ଏବଂ ମାଂସପେଶୀ ସୁସ୍ଥ ରହିବ, ସେଥିପାଇଁ ସତର୍କ ରହିବା ଆବଶ୍ୟକ। ଏହା ସହିତ ଉଚ୍ଚ ହିଲ୍‌ଯୁକ୍ତ ଚପଲ ପରିଧାନ, ଅତ୍ୟଧିକ ଚିପା ମୋଜା ପରିଧାନ ନ କରିବା ଉପାଦେୟ ସାବ୍ୟସ୍ତ ହୋଇପାରେ। ନିୟମିତ ବ୍ୟାୟାମ ସହିତ ତନ୍ତୁଯୁକ୍ତ ଖାଦ୍ୟ ସେବନ, କମ୍ ଲୁଣ ଯୁକ୍ତ ଭୋଜନ ଉପରେ ଧ୍ୟାନ ଦେବା ଦରକାର। ଏକ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବା ସହିତ ବସିବା କିମ୍ବା ଶୋଇବା ସମୟରେ ଗୋଡ଼କୁ ଉପରକୁ ଟେକି ରଖିଲେ ହୁଏତ ଭାରିକୋଜ୍ ଭଳି ସମସ୍ୟାରୁ ମୁକ୍ତି ମିଳିପାରେ।

## ଟାଟୁ କରୁଥିଲେ ସାବଧାନ ! ହୋଇପାରେ କ୍ୟାନସର

ଟାଟୁ ମାନିଆ । ସବୁ ବର୍ଗର ଲୋକଙ୍କୁ କ୍ରେଜି କରୁଛି ଟାଟୁ । ପିଲାଙ୍କ ଠାରୁ ବୟସ୍କ ଏମିତିକି ମହିଳା ବି ଟାଟୁ ନିଶାରେ। ଶରୀରର ବିଭିନ୍ନ ଅଙ୍ଗରେ ଟାଟୁ ତିଆରି କରି ଟ୍ରେଣ୍ଡରେ ରହୁଛନ୍ତି ସମସ୍ତେ । ଏମିତିକି ଟାଟୁ ବି ମଣିଷର ପରିଚୟ ଦେଉଛି । ଅର୍ଥାତ୍ ଅନେକ ଦୁର୍ଘଟଣାରେ ଟାଟୁ ଦେଖି ପରିଚୟ ମିଳିପାରୁଛି । କିନ୍ତୁ ଆପଣ ଜାଣନ୍ତି କି ? ଟାଟୁ ଆଣିପାରେ ବିପଦ । ଚର୍ମ ରୋଗ ଠାରୁ ଏଚଓ ଯାଏଁ ହୋଇପାରନ୍ତି ସଂକ୍ରମିତ । ଟାଟୁରେ ବ୍ୟବହୃତ ଛୁଞ୍ଚି, କେମିକାଲ ଆଦି ରୋଗକୁ ଡାକିଆଣେ । ଟାଟୁ ତିଆରି କରିବା ପାଇଁ ନୀଳ ରଙ୍ଗ କ୍ଷତିକାରକ। ଏଥିରେ ଆଲୁମିନିୟମ ଓ କୋବାଲ୍ଟ ଆଦି ବ୍ୟବହାର ହୋଇଥାଏ । ପିଲାଙ୍କ ତ୍ୱଚା ପାଇଁ ଏହା ମାରାତ୍ମକ । ଟାଟୁରେ ବ୍ୟବହୃତ ଛୁଞ୍ଚି ମାଂସପେଶୀକୁ ଦୁର୍ବଳ କରାଏ । ଟାଟୁ କରିବା ପୂର୍ବରୁ



ହେପାଟାଇଟିସଲ ବି ଟୀକା ନେବା ଆବଶ୍ୟକ । ଏଭଳିକି ଆଣ୍ଟିବାୟୋଟିକ୍ କ୍ରିମ ଲଗାଇବା ଜରୁରୀ । ଡାକ୍ତରଙ୍କ ପରାମର୍ଶ ନେଇ ଟାଟୁ କରିବାକୁ ଭୁଲନ୍ତୁ ନାହିଁ ।

# ମୋବାଇଲ ବ୍ୟବହାର ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି



ଅତ୍ୟଧିକ ମୋବାଇଲ ବ୍ୟବହାର ଯୋଗୁଁ ଏବେ ଲୋକଙ୍କଠାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ଏହି ସମସ୍ୟା କିଶୋରକିଶୋରୀଙ୍କଠାରେ ଅଧିକ ଦେଖିବାକୁ ମିଳିଥାଏ। ସେଥିପାଇଁ ଯଥାସମ୍ଭବ ମୋବାଇଲ କମ୍ ବ୍ୟବହାର କରିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଉଛି। ଗୋଟିଏ ପଟେ ଅଧିକ ଫୋନ ବ୍ୟବହାର ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟୁଥିବା ବେଳେ ଅନ୍ୟପଟେ ଏହାର କମ୍ ବ୍ୟବହାର ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ କରିବା ଦିଗରେ ଫଳପ୍ରଦ ବୋଲି କୁହାଯାଇଛି। ଦିନକୁ ଘଣ୍ଟାଏରୁ ଦୁଇ ଘଣ୍ଟା ଫୋନ୍ ବ୍ୟବହାର କରୁଥିବା କିଶୋରକିଶୋରୀଙ୍କଠାରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଆଶଙ୍କା ହ୍ରାସ ପାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। କୋରିଆର ହନ୍‌ୟାଙ୍ଗ ବିଶ୍ୱବିଦ୍ୟାଳୟର ଗବେଷକମାନେ ୧୩ରୁ ୧୮ ବର୍ଷ ବୟସ୍କ ପିଲାଙ୍କ ଉପରେ ଗବେଷଣା କରି ଏହି ତଥ୍ୟ ସାମ୍ନାକୁ ଆଣିଛନ୍ତି। ତେବେ ଆଦୌ ଫୋନ୍ ବ୍ୟବହାର କରୁ ନଥିବା ପିଲାଙ୍କ ତୁଳନାରେ ଦିନକୁ ଦୁଇ ଘଣ୍ଟାରୁ କମ୍ ସମୟ ବ୍ୟବହାର କରୁଥିବା କିଶୋରଙ୍କଠାରେ ଅବସାଦ, ନିଦ୍ରାହୀନତା, ଚିନ୍ତା, ଆତ୍ମହତ୍ୟା ପ୍ରବଣତା ଏବଂ ନିଶାଭ୍ୟାସ ପ୍ରବୃତ୍ତି ଆଶଙ୍କା କମ୍ ଥାଏ। ଅବଶ୍ୟ ଚାରି ଘଣ୍ଟାରୁ ଅଧିକ ସମୟ ମୋବାଇଲ ବ୍ୟବହାର କରିବା ଦ୍ୱାରା ଏହିସବୁ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ଆଶଙ୍କା ୨୨ ପ୍ରତିଶତକୁ ବୃଦ୍ଧି ପାଇଥାଏ। କିଶୋରକିଶୋରୀଙ୍କ ଫୋନ୍ ବ୍ୟବହାର ସେମାନଙ୍କୁ ଏକାକୀତ୍ୱଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ ବୋଲି ଗବେଷକମାନେ କହିଛନ୍ତି। ତେବେ ଗବେଷକମାନେ ୨୦୧୭ ଏବଂ ୨୦୨୦ରେ କୋରିଆର ୫୦ ହଜାର କିଶୋରଙ୍କ ଡାଟାକୁ ବିଶ୍ଳେଷଣ କରି ଏଭଳି ଏକ ନିଷ୍କର୍ଷରେ ପହଞ୍ଚିଛନ୍ତି।

# ଖରାପ ଖାଇବା ଅଭ୍ୟାସ ଯୋଗୁ ଶରୀରରେ ପୁଷ୍ଟିକର ଅଭାବ ହୋଇଥାଏ



ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚ (ଆଇସିଏମଆର)ର ମୁଖ୍ୟ ଭାରତୀୟଙ୍କ ଖାଦ୍ୟ ଅଭ୍ୟାସ ସମ୍ବନ୍ଧରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଅଧାରୁ ଅଧିକ ରୋଗର କାରଣ ହେଉଛି ଆମର ଭୁଲ ଖାଇବା ଅଭ୍ୟାସ ବୋଲି ଆଇସିଏମଆର ପକ୍ଷରୁ କୁହାଯାଇଛି। ଅସ୍ୱାସ୍ଥ୍ୟକର ଖାଦ୍ୟ ହେଉଛି ଭାରତରେ ୫୭ ପ୍ରତିଶତ ରୋଗର କାରଣ। ଆଇସିଏମଆର ଏବଂ ଇନଷ୍ଟିଚ୍ୟୁଟ ଅଫ ନ୍ୟୁଟ୍ରିସନ ଅନୁଯାୟୀ, ଖରାପ ଖାଇବା ଅଭ୍ୟାସ ଯୋଗୁ ଶରୀରରେ ପୁଷ୍ଟିକର ଅଭାବ, ରକ୍ତହୀନତା, ମେଦବହୁଳତା, ମଧୁମେହ, କର୍କଟ ଭଳି ଗୁରୁତର ରୋଗ ହେବାର ଆଶଙ୍କା ବଢ଼ିଛି। 'ଦିନ କି ମେରୀ ଥାଲି' ଟାଇଟଲ ସହିତ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ସର୍ବନିମ୍ନ ଆଠଟି ଖାଦ୍ୟ ପଦାର୍ଥରୁ ମାକ୍ରୋନ୍ୟୁଟ୍ରିଏଣ୍ଟସ ଏବଂ ମାଇକ୍ରୋନ୍ୟୁଟ୍ରିଏଣ୍ଟସ ସୋର୍ସିଂ କରିବାକୁ ସୁପାରିଶ କରେ। ଯେଉଁଥିରେ ପନିପରିବା, ଫଳ, ସବୁଜ ପତ୍ରଯୁକ୍ତ ପନିପରିବା ଖାଇବା ଜରୁରୀ, ଯାହା ଦ୍ୱାରା ଶରୀରରେ ପର୍ଯ୍ୟାପ୍ତ ପରିମାଣର ଫାଇବର ମିଳିବ। ଦ୍ୱିତୀୟ ମୁଖ୍ୟ ଅଂଶ ହେଉଛି ଶସ୍ୟ ଏବଂ ମିଲେଟ । ଏହା ପରେ ଡାଲି, ମାଂସ ଖାଦ୍ୟ, ଅଣ୍ଡା, ଶୁଖିଲା ଫଳ, ତେଲ ବିହନ ଏବଂ କ୍ଷୀର କିମ୍ବା ଦହି ଆସେ। ଏକ ପ୍ଲେଟରେ ୪୫ ପ୍ରତିଶତ ଶସ୍ୟ ରହିବା ଉଚିତ୍। ଡାଲି, ଅଣ୍ଡା ଏବଂ ମାଂସ ଖାଦ୍ୟ ଶତକଡା ୧୪ ରୁ ୧୫% ହେବା ଉଚିତ୍। ସେହିପରି ବାଦାମ, ତେଲ ମଞ୍ଜି, କ୍ଷୀର ଏବଂ ଦୁଗ୍ଧଜାତ ଦ୍ରବ୍ୟ ପ୍ରତିଦିନ ମୋଟ ଶକ୍ତିର ୮-୧୦% ହେବା ଉଚିତ। ଦୈନନ୍ଦିନ ଖାଦ୍ୟରେ ଚିନି, ଲୁଣ ଏବଂ ଚର୍ବି ହ୍ରାସ କରିବାକୁ ଅଧିକରୁ ଅଧିକ ଫଳ ଏବଂ ପନିପରିବା ଖାଇବା ଉଚିତ୍। ବିଶେଷକରି ଗର୍ଭବତୀ ମହିଳା ଏବଂ ମହିଳା ଯେଉଁମାନେ ସ୍ତନ୍ୟପାନ କରାଉଛନ୍ତି ସେମାନଙ୍କୁ ଯଥାସମ୍ଭବ କ୍ଷୀର, ଅଣ୍ଡା ଏବଂ ମାଂସ ଖାଇବାକୁ ପରାମର୍ଶ ଦିଆଯାଇଛି।

# ଖରାଦିନେ ଶରୀରରେ ଡିହାଇଡ୍ରେସନର ସମସ୍ୟା ବାହାରେ



ଅନୁଭୂତ ହେଲାଣି ଅସହ୍ୟ ତାତି ଏହାରି ଭିତରେ ବଢ଼ିଚାଲିଛି ପ୍ରଦୂଷଣର ମାତ୍ରା । ଖରାଦିନେ କିଭଳି ନିଜର ଯତ୍ନ ନେବେ ଏହାକୁ ନେଇ ସମସ୍ତେ ଚିନ୍ତାରେ ରୁହନ୍ତି, ଖରା ବଢ଼ିବା ସହ ଦେହରୁ ଜଳୀୟଅଂଶ କମି କମି ଯାଏ । ଏପରି କ୍ଷେତ୍ରରେ ଶରୀରର ଅଧିକ ଯତ୍ନ ନେବାକୁ ପଡେ । ସର୍ବପ୍ରଥମେ ଦେହରେ ଜଳୀୟଅଂଶର ମାତ୍ରା ବଢାଇବା ପାଇଁ ବହୁଳ ମାତ୍ରାରେ ପାଣି, ଲେମ୍ବୁ ପାଣି, ପଇଡ ପାଣି ଘୋଳଦହି, ଓଆରଏସ ଇତ୍ୟାଦି ପିଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି । ଖାଲି ସେତିକି ନୁହେଁ ଶରୀରରେ ମଧ୍ୟ ଭିଟାମିନ 'ଓ' ମିନେରାଲସର ଅଭାବ ମଧ୍ୟ ଦେଖଦେଇଥାଏ । ଯଦି ଆମେ ପୃଷ୍ଟିକର ଖାଦ୍ୟ ସହ ପାନୀୟର ଧ୍ୟାନ ନରଖିଥାଉ ତେବେ ଶରୀରରେ ଡିହାଇଡ୍ରେସନର ସମସ୍ୟା ଦେଖାଦେଇଥାଏ।

## ଫଳ ସହିତ ଅଣ୍ଡା, ମାଂସ ଆଦି ଖାଇବା ଅନୁଚିତ



ସୁସ୍ଥ ରହିବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ନିୟମିତ ଫଳ ଖାଇବାକୁ ପରାମର୍ଶ ଦେଇଥାନ୍ତି। ତେବେ ଫଳ ସହିତ କେତେକ ଜିନିଷ ଖାଇବା ଦ୍ୱାରା ଏହା ଶରୀର ପାଇଁ କ୍ଷତିକାରକ ହୋଇଥାଏ। ତେବେ ଆସନ୍ତୁ ଜାଣିବା, ଫଳ ସହିତ କ'ଣ ଖାଇବା ଅନୁଚିତ... ଫଳ ସହିତ ଅଧିକ ପ୍ରୋଟିନ୍ ଯୁକ୍ତ ଖାଦ୍ୟ (ଅଣ୍ଡା, ମାଂସ ଆଦି) ଖାଇବା ଅନୁଚିତ। ଫଳରେ ନାଚ୍ୟୁରାଲ ସୁଗାର ଥାଏ ଯାହାକି ଶୀଘ୍ର ହଜମ ହୋଇଯାଇଥାଏ, ଅପରପକ୍ଷରେ ପ୍ରୋଟିନ୍ ହଜମ ହେବାକୁ ସମୟ ଲାଗିଥାଏ। ଏହାକୁ ଏକାଠି ଖାଇବା ଦ୍ୱାରା ହଜମଜନିତ ସମସ୍ୟା ଦେଖାଯାଏ। ସେହିଭଳି ଖଟାଫଳକୁ ଦୁଗ୍ଧଜାତୀୟ ଦ୍ରବ୍ୟ (କ୍ଷୀର, ଦହି) ସହିତ ଖାଇବା ଅନୁଚିତ। ଏହାଦ୍ୱାରା ପାଚନ ସମ୍ପର୍କୀୟ ସମସ୍ୟା ଦେଖାଯାଇପାରେ। ଖଟା ଫଳରେ ଥିବା ଏସିଡ୍, ଦୁଗ୍ଧଜାତ ପଦାର୍ଥରେ ଥିବା ପ୍ରୋଟିନ୍ ସହ ମିଶି ସମସ୍ୟା ସୃଷ୍ଟି କରିପାରେ। ଏହାକୁ ଅଲଗା ଅଲଗା ସେବନ କରିବା ଉଚିତ। ଫଳକୁ ବ୍ରେଡ୍ କିମ୍ବା ଆଳୁ ଭଳି ହାଇ ଷ୍ଟାର୍ଚ୍‌ଯୁକ୍ତ ଖାଦ୍ୟ ସହିତ ଖାଇବା ଅନୁଚିତ। ଏହାଦ୍ୱାରା ଗ୍ୟାସ୍, ପେଟଫୁଲା ଆଦି ସମସ୍ୟା ଦେଖାଯାଇପାରେ। ସେହିଭଳି ତରଭୁଜକୁ ଅନ୍ୟ କୌଣସି ଫଳ ସହ ଖାଇବା ଅନୁଚିତ। ଏହାକୁ ଅନ୍ୟ ଫଳ ସହ ଖାଇବା ଦ୍ୱାରା ପାଚନ ସମ୍ପର୍କୀୟ ସମସ୍ୟା ଦେଖାଯାଇପାରେ। ସେହିଭଳି ଅଧିକ ଭାରୀ ଯୁକ୍ତ ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ଫଳ ଖାଇବା ଅନୁଚିତ। ଫଳ ଶୀଘ୍ର ହଜମ ହୋଇଯାଏ। ଏହାକୁ ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ଖାଇବା ଦ୍ୱାରା ଏହା ହଜମ ହେବାକୁ ସମୟ ଲାଗିଥାଏ। ତେଣୁ ଖାଦ୍ୟ ଖାଇବାର ଅଧ ଘଣ୍ଟା ପରେ ଫଳ ଖାଇବା ଆବଶ୍ୟକ।

# ପିଲାମାନଙ୍କୁ ବୁଦ୍ଧିମାନ କରିବା ସହ ଏହି ସବୁ ରୋଗରୁ ମୁକ୍ତି ଦେଇଥାଏ ଦେଶୀ ଘିଅ

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଘିଅ ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଆର୍ଯ୍ୟୁବେଦ ଶାସ୍ତ୍ର ଅନୁଯାୟୀ, ଘିଅ ଖାଇବା ଦ୍ୱାରା ଉଭୟ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ଫାଇଦା ମିଳିଥାଏ। ଘିଅ ଖାଇଲେ ମୋଟାପଣ ଦୂର ହେବା ସହ ଏହା ପାଚନ ତନ୍ତ୍ରକୁ ମଧ୍ୟ ଠିକ ରଖିଥାଏ। ତେବେ ଆସନ୍ତୁ ଜାଣିବା ଘିଅ ଖାଇବାର ଫାଇଦା ସମ୍ପର୍କରେ। ପିଲାମାନଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଘିଅ ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଶରୀରକୁ ଶକ୍ତି ଦେବା ବ୍ୟତୀତ ଏହା ଶରୀରର ରୋଗ ପ୍ରତିରୋଧକ କ୍ଷମତା ମଧ୍ୟ ବଢାଇଥାଏ। ଏହାଦ୍ୱାରା ଅନେକ ପ୍ରକାରର ରୋଗକୁ ମୁକ୍ତି ମିଳିଥାଏ। ଆୟୁର୍ବେଦରେ ୨୫ ବର୍ଷ ଧରି କାର୍ଯ୍ୟ କରୁଥିବା ଆୟୁର୍ବେଦିକ ଡାକ୍ତର ଅନୁରାଗ କହିଛନ୍ତି ଯେ, ଘିଅରେ ଥିବା ଓମେଗା-୩ ଫ୍ୟାଟି ଏସିଡ୍, ଭିଟାମିନ୍-ଇ, ଭିଟାମିନ୍ ବି୧୨, ଭିଟାମିନ୍-ଡି, ଆଣ୍ଟିଅକ୍ସିଡାଣ୍ଟ ସୁସ୍ଥ ତ୍ୱଚା ଏବଂ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଘିଅ ହୃଦୟକୁ ଶକ୍ତି ପ୍ରଦାନ କରେ । ଆହୁରୀ ମଧ୍ୟ କହିଛନ୍ତି , ଶିଶୁମାନଙ୍କ ଖାଦ୍ୟରେ ଘିଅକୁ ଅନ୍ତର୍ଭୁକ୍ତ କରିବା ନିଶ୍ଚିତ ଆବଶ୍ୟକ। ଘିଅ ଖାଇବା ଦ୍ୱାରା ପିଲାମାନଙ୍କର ମାନସିକ



ଏବଂ ଶାରୀରିକ ବିକାଶ ସଠିକ୍ ଭାବରେ ହୋଇଥାଏ। ସ୍ମରଣ ଶକ୍ତି ବୃଦ୍ଧି କରିବାରେ ଘିଅର ମୁଖ୍ୟ ଭୂମିକା ରହିଛି ଏବଂ ମାନସିକ ସନ୍ତୁଳନ ରକ୍ଷା ହୋଇଥାଏ। ଘିଅ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ହୁଏ । ଏହାର ବ୍ୟବହାର ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାରିଥାଏ । ଘିଅ ଖାଇବା ଦ୍ୱାରା ଆପଣ ପେଟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ କୋଷ୍ଠକାଠିନ୍ୟ ଓ ହଜମ ସହିତ ନିଜଠାରୁ ଦୂରରେ ରଖିବାରେ ସଫଳ ହୋଇପାରିବେ । ଯକ୍ଷ୍ମା ଏକ ଗୁରୁତର ରୋଗ ଏବଂ ଏହାକୁ ଠିକ୍ ସମୟରେ ଚିକିତ୍ସା କରିବା ଅତ୍ୟନ୍ତ ଜରୁରୀ ଅଟେ। ଆୟୁର୍ବେଦ ଅନୁଯାୟୀ, ଘିଅ ଖାଇବା ଟିବି ରୋଗୀଙ୍କ ପାଇଁ ଲାଭଦାୟକ ଅଟେ। ତଥାପି, ଯକ୍ଷ୍ମା ଚିକିତ୍ସା ପାଇଁ କେବଳ ଘରୋଇ ଉପଚାର ଉପରେ ନିର୍ଭର କରନ୍ତୁ ନାହିଁ, ବରଂ ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ, କେବଳ ଶୁଦ୍ଧ ଦେଶୀ ଘିଅ ଖାଇବା ଉଚିତ୍। ଏଥିରେ ଶରୀରକୁ ଅନେକ ପ୍ରକାରର ଲାଭ ମିଳିଥାଏ।

# ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବଢାଇଲା ମେକଅପ୍ ବେପାର

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଅଗମେଣ୍ଟେଡ୍ ରିଅଲିଟି (ଏଆଇ) ମେକଅପ୍ ଇଣ୍ଡଷ୍ଟ୍ରିକୁ ଏକ ନୂତନ ଯୁଗକୁ ନେଇଯିବାକୁ ବସିଛି । ମେକ୍‌ଅପ୍ କମ୍ପାନୀ ଏବଂ ବ୍ରାଣ୍ଡଗୁଡ଼ିକ ବର୍ତ୍ତମାନ ଇଓ ଆଧାରିତ ସ୍ମାର୍ଟ ବିଉଟି ମିରର୍ ଏବଂ ଭର୍ଚ୍ୟୁଆଲ୍ ମେକଅପ୍ ଆପ୍ ମାଧ୍ୟମରେ ଗ୍ରାହକଙ୍କୁ ସେମାନଙ୍କର ଉତ୍ପାଦ ପରୀକ୍ଷା ଏବଂ ଟ୍ରାଏଲ କରିବାକୁ ଅଫର୍ ପ୍ରଦାନ କରୁଛନ୍ତି। ସବୁ ଗ୍ରାହକଙ୍କ ପାଇଁ ଗୋଟିଏ ଉତ୍ପାଦ ବଦଳରେ ଗ୍ରାହକଙ୍କ ସ୍କିନ ଟୋନ ଅନୁଯାୟୀ ସ୍ୱତନ୍ତ୍ର ଉତ୍ପାଦ ପ୍ରସ୍ତୁତ କରାଯାଉଛି । ଏହା ବ୍ୟତୀତ ବଜାରର ଟ୍ରେଣ୍ଡକୁ ଆକଳନ କରିବା ପାଇଁ ଇଓ ର ମଧ୍ୟ ସାହାଯ୍ୟ ନିଆଯାଉଛି ।

**ଅନ-ସ୍କ୍ରିନ ମେକଅପ୍ ପାଇଁ 'ମଁଡିଫେସ' ପରି ଆପ୍ ର ପ୍ରୟୋଗ**

ବିଶ୍ୱପ୍ରଖ୍ୟାତ ମେକଅପ୍ ବ୍ରାଣ୍ଡ ମେବେଲିନ ମାଇକ୍ରୋସଫ୍ଟ ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଟେକ୍ନୋଲୋଜି ପାଇଁ ବୁଝାମଣା ସ୍ୱାକ୍ଷର କରିଛି । ମେବେଲିନର ପ୍ୟାରେଣ୍ଟ କମ୍ପାନୀ 'ଲ'ରିଏଲ' ପାଖରେ ଅନ-ସ୍କ୍ରିନ ମେକଅପ୍ ପାଇଁ 'ମଁଡିଫେସ' ଆପ୍ ଏବଂ ଏକ ଭରଚ୍ୟୁଆଲ ମେକଅପ୍ ବ୍ୟାଗ ରହିଛି । ଏହି ବ୍ୟାଗରେ ଆପଣ ୧୨ ପ୍ରକାର ଲୁକସ୍ ଟ୍ରାଇ କରିପାରିବେ।

**ସୌନ୍ଦର୍ଯ୍ୟ ପ୍ରସାଧନ ଉତ୍ପାଦ ବଜାର ୧.୩ ଲକ୍ଷ କୋଟିରେ ପହଞ୍ଚିବ**

ଇନସାଇଟ୍ ଏସ୍ ଆନାଲିଟିକ୍ସ ଅନୁଯାୟୀ ୨୦୨୨ ମସିହାରେ ଭାରତର ସୌନ୍ଦର୍ଯ୍ୟ ଏବଂ ପ୍ରସାଧନ ବଜାରର ମୂଲ୍ୟ ୨୬,୭୦୦ କୋଟିରୁ ଅଧିକ ହେବ ବୋଲି ଆଶା କରାଯାଉଛି । ୨୦୩୧ ସୁଦ୍ଧା ବାର୍ଷିକ ୧୯.୬% ବୃଦ୍ଧି ହୋଇ ଏହା ୧.୩୦ ଲକ୍ଷ କୋଟିରେ ପହଞ୍ଚିପାରେ। ବିଦେଶୀ କମ୍ପାନୀଗୁଡ଼ିକ ଭାରତୀୟ ବଜାରରେ ପ୍ରାଧାନ୍ୟ ବିସ୍ତାର



କରୁଛନ୍ତି କିନ୍ତୁ ବର୍ତ୍ତମାନ ଅନେକ ଭାରତୀୟ କମ୍ପାନୀ ବର୍ତ୍ତମାନ ସେମାନଙ୍କ ସହ କଡ଼ା ମୁକାବିଲା କରିବା ଆରମ୍ଭ କରିଦେଲେଣି । 'ଲାକମେ'ର 'ସ୍କିନ ଆଡଭାଇଜର' ଆପ୍‌ରେ ନିଜର ସେଲଫି ଡାଉନଲୋଡ କରି ସ୍କିନ ଟୋନକୁ ଗଭୀର ଭାବେ ଅନୁଧ୍ୟାନ କରିପାରିବେ । ଜାନୁଆରୀରେ 'ଏସଟି ଲାଉଡ଼ର'ରେ ଏକ ଭଏସ ଏନାବଲ୍ ମେକଅପ୍ ଆସିଷ୍ଟାଣ୍ଟ ଆପ୍ଲିକେସନ ଲଞ୍ଚ କରିଛି। ଏଥିରେ ଆପଣଙ୍କୁ ସେ ଲିପଷ୍ଟିକ, ଆଇ ସାଡୋ କିମ୍ବା ଫାଉଣ୍ଡେସନ ଲଗାଇବା ପାଇଁ ଅଡ଼ିଓ ଫିଡବ୍ୟାକ ପ୍ରଦାନ କରୁଛି ।

## ପ୍ଲେଅଫ ପାଇଁ ଯୋଗ୍ୟତା ଅର୍ଜନ କଲେ ୩ ଟିମ୍
## ଏବେ ୫ ଟିମ୍ ମଧ୍ୟରେ ଫାଇନାଲ ସ୍ଥାନ ପାଇଁ ଲଢ଼େଇ

**ନୂଆଦିଲ୍ଲୀ**



ଆଇପିଏଲ ୨୦୨୬ ପ୍ଲେଅଫରେ ତିନୋଟି ଦଳ ପୂର୍ବରୁ ସେମାନଙ୍କର ସ୍ଥାନ ନିଶ୍ଚିତ କରିସାରିଛନ୍ତି। ସୋମବାର ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସକୁ ପରାସ୍ତ କରିବା ପରେ, ସନରାଇଜର୍ସ ହାଇଦ୍ରାବାଦ ପ୍ଲେଅଫ ପାଇଁ ଯୋଗ୍ୟତା ଅର୍ଜନ କରିଛି; ପରବର୍ତ୍ତୀ ସମୟରେ, ଗୁଜୁରାଟ ଟାଇଟାନ୍ସ ମଧ୍ୟ ଆନୁଷ୍ଠାନିକ ଭାବରେ ପ୍ଲେଅଫରେ ସେମାନଙ୍କର ସ୍ଥାନ ସୁରକ୍ଷିତ କରିଛି। ଦୁଇଟି ଦଳ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଆନୁଷ୍ଠାନିକ ଭାବରେ ବାଦ୍ ଦିଆଯାଇଛି, ଯେତେବେଳେ ପାଞ୍ଚଟି ଦଳ (ପିବିକେଏସ, ସିଏସକେ, କେକେଆର, ଆରଆର ଏବଂ ଡିସି) ବାକି ଥିବା ଗୋଟିଏ ପ୍ଲେଅଫ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ଅଛନ୍ତି।

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଆଇପିଏଲ ୨୦୨୬ ପ୍ଲେଅଫରେ ପହଞ୍ଚିଥିବା ପ୍ରଥମ ଦଳ ଥିଲା। ସୋମବାର ମ୍ୟାଚ୍‌ରେ ବିଜୟ ହାସଲ କରିବା ପରେ ସନରାଇଜର୍ସ ହାଇଦ୍ରାବାଦର ପ୍ଲେଅଫ୍‌ରେ ପ୍ରବେଶ ନିଶ୍ଚିତ ହୋଇଥିଲା; ଏକକାଳୀନ, ଗୁଜୁରାଟ ଟାଇଟାନ୍ସ ମଧ୍ୟ ଯୋଗ୍ୟତା ଅର୍ଜନ କରିଥିଲା। ପଏଣ୍ଟ ଟେବୁଲର ଶୀର୍ଷ ଚାରିଟି ଦଳ ପ୍ଲେଅଫ୍‌କୁ ଉଠିଛନ୍ତି। ଲିଗ୍ ପର୍ଯ୍ୟାୟରେ ସାତଟି ମ୍ୟାଚ୍ ବାକି ଥିବା ବେଳେ ମୋଟ ପାଞ୍ଚଟି ଦଳ ବର୍ତ୍ତମାନ ଚତୁର୍ଥ ସ୍ଥାନ ପାଇଁ ଦୌଡ଼ରେ ଅଛନ୍ତି।

### ଆଫଗାନିସ୍ତାନ ବିପକ୍ଷ ସିରିଜ୍ ପାଇଁ ଦଳ ଘୋଷଣା
## ଟିମ୍ ଇଣ୍ଡିଆରେ ପୁଣି ଚାଲିବ ରୋ-କୋ ଜଲୱା

**ନୂଆଦିଲ୍ଲୀ**

ଆଫଗାନିସ୍ତାନ ବିପକ୍ଷ ସିରିଜ ପାଇଁ ଘୋଷଣା ହେଲା ଭାରତୀୟ ଦଳ। ଟେଷ୍ଟ ଏବଂ ଦିନିକିଆ ସିରିଜ୍ ପାଇଁ ଦଳ ଘୋଷଣା କରିଛି ବିସିସିଆଇ। ଦିନିକିଆ ଏବଂ ଟେଷ୍ଟ ସିରିଜ୍ ଉଭୟ ଗିଲ୍‌ଙ୍କ ଅଧିନାୟକତ୍ୱ ଖେଳିବ ଭାରତ। ଟେଷ୍ଟରେ କେ.ଏଲ ରାହୁଲ ଉପଅଧିନାୟକ ପଦ ସମ୍ଭାଳୁଥିବାବେଳେ ଦିନିକିଆରେ ଶ୍ରେୟସ ଆୟାର ଉପଅଧିନାୟକ ପଦ ସମ୍ଭାଳିବେ।

ଉଭୟ ଦିନିକିଆ ଏବଂ ଟେଷ୍ଟ ସିରିଜ୍ ପାଇଁ ଦ୍ରୁତ ବୋଲର ଜଶପ୍ରିତ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଛି। ଏହାସହ ଅଭିଜ୍ଞ ଅଲରାଉଣ୍ଡର ରବିନ୍ଦ୍ର



ଜାଡ଼େଜାଙ୍କୁ ଖେଳିବାର ସୁଯୋଗ ମିଳିନାହିଁ।

ଦିନିକିଆରେ ମୋଟ ୫ଜଣ ନୂଆ ଖେଳାଳିଙ୍କୁ ସୁଯୋଗ ମିଳିଛି। ଏଥିରେ ସେହିମାନଙ୍କୁ ସାମିଲ କରାଯାଇଛି, ଯେଉଁମାନେ ଆଇପିଏଲ୍‌ରେ ପ୍ରଦର୍ଶନ ଭଲ କରିଛନ୍ତି। ଆଫଗାନିସ୍ତାନ ବିପକ୍ଷ ଏହି ଶୃଙ୍ଖଳାରେ ମୋଟ ୫ଜଣ ନୂଆ ଖେଳାଳିଙ୍କୁ ସୁଯୋଗ ମିଳିଛି। ଟେଷ୍ଟ ଟିମ୍‌ରେ ମାନବ ସୁଥାର, ଗୁରନୁର ବ୍ରାର ଏବଂ ହର୍ଷ ଦୁବେଙ୍କୁ ନୂଆ ଖେଳାଳି ଭାବେ ସୁଯୋଗ ମିଳିଛି। ଦିନିକିଆରେ ପ୍ରିନ୍ସ ଯାଦବ ଏବଂ ଗୁରନୁର ବ୍ରାରଙ୍କୁ ଚୟନକର୍ତ୍ତାମାନେ ସାମିଲ କରିଛନ୍ତି। ଚୟନକର୍ତ୍ତାଙ୍କ ଲକ୍ଷ୍ୟ ଭାରତର ଭବିଷ୍ୟତ ଟିମ୍‌କୁ ଗଠନ କରିବା।

ଟେଷ୍ଟ ଦଳ : ଶୁଭମନ ଗିଲ୍ (କ୍ୟାପଟେନ), ଯଶସ୍ୱୀ ଜୟସ୍ୱାଲ, କେ.ଏଲ୍ ରାହୁଲ (ଉପ-କ୍ୟାପଟେନ), ସାଇ ସୁଦର୍ଶନ, ରିଷଭ ପନ୍ତ, ଦେବଦତ୍ତ ପାଡ଼ିକ୍କଲ, ନିତିଶ କୁମାର ରେଡ୍ଡୀ, ୱାଶିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣା, ମନଭ ସୁଥାର, ଗୁରୁନୁର ବରାଡ଼, ହର୍ଷ ଦୁବେ ଓ ଧ୍ରୁବ ଜୁରେଲ୍।

ଦିନିକିଆ ଦଳ : ଶୁଭମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟାସ ଆୟର (ଉପ-ଅଧିନାୟକ), କେ.ଏଲ୍ ରାହୁଲ, ଇଶାନ କିଷାନ, ହାର୍ଦ୍ଦିକ ପାଣ୍ଡ୍ୟା, ନିତିଶ ରେଡ୍ଡୀ, ୱାଶିଂଟନ୍ ସୁନ୍ଦର, କୁଲଦୀପ ଯାଦବ, ଅର୍ଶଦୀପ ସିଂ, ପ୍ରିନ୍ସ ଯାଦବ, ପ୍ରସିଦ୍ଧ କୃଷ୍ଣା, ଗୁରନୁର ବାରଡ଼ ଓ ହର୍ଷ ଦୁବେ।

## ସାଲିମା ହେଲେ ମହିଳା ହକି ଦଳର ଅଧିନାୟିକା



**ନୂଆଦିଲ୍ଲୀ**

ଆସନ୍ତା ଅଷ୍ଟ୍ରେଲିଆ ଟୁର୍ ପାଇଁ ପୁରୁଖା ମିଡ୍‌ଫିଲ୍ଡର ସାଲିମା ଟେଟେ ଭାରତୀୟ ମହିଳା ହକି ଦଳର ଅଧିନାୟିକା ମନୋନୀତ ହୋଇଛନ୍ତି। ଡିଫେଣ୍ଡର ଲାଲ୍‌ଥାଣ୍ଟଲୁଆଙ୍ଗିଙ୍କୁ ପ୍ରଥମ ଥର ଦଳରେ ନିଆଯାଇଛି। ଜୁନ୍ ୧୫ରୁ ୨୧ ଅକଲାଣ୍ଡଠାରେ ଏଫ୍‌ଆଇଏଚ୍ ମହିଳା ନେଶନ୍ସ କପ୍ ହକି ଅନୁଷ୍ଠିତ ହେବ। ମ୍ୟାଚ୍‌ଗୁଡ଼ିକ ପର୍ଥରେ ମେ' ୨୬ରୁ ୩୦ ପର୍ଯ୍ୟନ୍ତ ଖେଳାଯିବ। ଭାରତ ଚଳିତବର୍ଷ ପ୍ରଥମ ଭାଗରେ ଆର୍ଜେଣ୍ଟିନାରେ ଚମତ୍କାର ପ୍ରଦର୍ଶନ କରି ୪ ମ୍ୟାଚ୍ ବିଶିଷ୍ଟ ସିରିଜରେ ଦୁଇଟି ମ୍ୟାଚ୍‌ରେ ବିଜୟ ଲାଭ କରିଥିଲା। ସାଲିମା ହେଉଛନ୍ତି ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ବିଜେତା।

ଦଳରେ ସ୍ଥାନ ପାଇଥିବା ଅନ୍ୟ ଅଭିଜ୍ଞ ଖେଳାଳିମାନେ ହେଲେ ସବିତା, ସୁଶିଳା ଚାନୁ ପୁଖରାମବାମ୍, ଲାଲ୍‌ରେମସିଆମି ଓ ନବନୀତ କୌର। ସବିତା ଓ ବିଚୁ ଦେବୀ ହେଉଛନ୍ତି ନିର୍ଭରଯୋଗ୍ୟ ଗୋଲ୍‌କିପର। ଡିଫେନ୍ସରେ ନିକ୍କି ପ୍ରଧାନ, ଇଶିକା ଚୌଧୁରୀ, ସୁଶିଳା ଚାନୁ ପୁଖରାମବାମ୍, ଲାଲଥାଣ୍ଟ ଲୁଆଙ୍ଗି ଏବଂ ନବାଗତ ଶିଲ୍ପୀ ଦାବାସଙ୍କ ସହିତ ଜ୍ୟୋତି ସିନିୟର ଦଳରେ ସ୍ଥାନ ପାଇଛନ୍ତି। ମ୍ୟାଚଗୁଡ଼ିକ ମେ' ୨୬, ୨୭, ୨୯ ଏବଂ ୩୦ରେ ଖେଳାଯିବ।

ଭାରତୀୟ ମହିଳା ହକି ଦଳ: ଗୋଲକିପର: ସବିତା, ବିଚୁ ଦେବୀ ଖରିବାମ୍। ଡିଫେଣ୍ଡର: ନିକ୍କି ପ୍ରଧାନ, ଇଶିକା ଚୌଧୁରୀ, ସୁଶିଳା ଚାନୁ ପୁଖରାମବାମ୍, ଲାଲଥାଣ୍ଟ ଲୁଆଙ୍ଗି, ଜ୍ୟୋତି ଓ ଶିଲ୍ପୀ ଦାବାସ। ମିଡ୍‌ଫିଲ୍ଡର : ସାଲିମା ଟେଟେ, ଲାଲରେମ୍‌ସିଆମି, ନେହା, ସାକ୍ଷୀ ରାଣା, ସୁନେଲିତା ଟୋପ୍ପେ, ଦୀପିକା ସୋରେଙ୍ଗ ଓ ସୋନମ। ଫରୱାର୍ଡ : ନଭନୀତ କୌର, ବଲ୍‌ଜିତ୍ କୌର, ଦୀପିକା, ଅନୁ, ଇଶିକା, ହୀନା ବାନୋ ଓ ଋତୁଜା ଦାଦାସୋ ପିସାଲ।

## ଲକ୍ଷ୍ନୌକୁ ୭ ୱିକେଟ୍‌ରେ ହରାଇଲା ରାଜସ୍ଥାନ

**ଜୟପୁର**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୬୪ତମ ମ୍ୟାଚ୍‌ରେ ରାଜସ୍ଥାନ ବିଜୟୀ ହୋଇଛି। ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ରାଜସ୍ଥାନ ୭ ୱିକେଟ୍‌ରେ ପରାସ୍ତ କରିଛି। ରାଜସ୍ଥାନ ରୟାଲ୍ସ ୨୨୧ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୧୯.୧ ଓଭରରେ ୩ଟି ୱିକେଟ ହରାଇ ୨୨୫ ରନ୍ କରି ବିଜୟ ହାସଲ କରିନେଇଛି।

ଦଳର ପ୍ରାରମ୍ଭିକ ବ୍ୟାଟିଂ ମଧ୍ୟ ଭଲ ରହିଥିଲା। ପ୍ରାରମ୍ଭିକ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଏବଂ ବୈଭବ ସୂର୍ଯ୍ୟବଂଶୀ ପ୍ରଥମ ୱିକେଟ୍ ପାଇଁ ୭୫ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ଜୟସ୍ୱାଲ ୪୩ ରନ୍ ସଂଗ୍ରହ କରିଥିଲେ। ସେ ୨୩ଟି ବଲ୍ ଖେଳି ୮ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ରାଜସ୍ଥାନ ପାଇଁ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ମୋହସି ଖାନଙ୍କ ବଲ୍ ଅବଦୁଲ ସାମଦଙ୍କୁ କ୍ୟାଚ୍ ଦେଇ ଆଉଟ୍ ହୋଇଥିଲେ। ଧ୍ରୁବ ଜୁରେଲ ଅର୍ଦ୍ଧଶତକ ମାରିଥିଲେ। ସେ ୩୮ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ବଳରେ ଅପରାଜିତ ୫୩ ରନ୍ କରିଥିଲେ।

ଜୟପୁରସ୍ଥିତ ସୱାଇ ମାନସିଂହ ଷ୍ଟାଡିୟମରେ ଟସ୍ ଜିଣି ଘରୋଇ ଦଳ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଅତିଥି ଦଳ ବ୍ୟାଟିଂ କରିଥିଲା। ଋଷଭ ପନ୍ତଙ୍କ ନେତୃତ୍ୱରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୨୦ ରନ୍ ସଂଗ୍ରହ କରିଥିଲା। ଲକ୍ଷ୍ନୌ ପାଇଁ ମିଚେଲ ମାର୍ଶ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ଶତକ ଠାରୁ ୪ ରନ୍ ଦୂରରେ ରହି ଆଉଟ୍ ହୋଇଯାଇଥିଲେ।

ରାଜସ୍ଥାନର ପ୍ରାରମ୍ଭିକ ବ୍ୟାଟିଂ ଶକ୍ତିଶାଳୀ ଥିଲା। ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ଶ ଏବଂ ଜୋଶ ଇଂଲିଶ ଶତକୀୟ ଭାଗିଦାରୀ କରିଥିଲେ। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୧୦୯ ରନ୍ ଯୋଡ଼ିଥିଲେ। ଏଥିରୁ ଜୋଶ ଇଂଲିଶ ଏକାକୀ ୬୦ ରନ୍ ସଂଗ୍ରହ କରିଥିଲେ। ସେ ସେ ଯଶ ରାଜ ପୁଞ୍ଜାଙ୍କ ହାତରେ ଆଉଟ୍ ହେବା ପୂର୍ବରୁ ୨୯ଟି ବଲ୍ ଖେଳିଥିଲେ। ଏଥିରୁ ସେ ୭ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ଦଳ ୧୫୧ ରନ୍‌ରେ ଦ୍ୱିତୀୟ ୱିକେଟ୍ ଭାବେ ନିକୋଲାସ ପୂରନଙ୍କୁ ହରାଇଥିଲା। ସେ ୧୧ଟି ବଲ୍ ଖେଳି ୨ଟି ଛକା ବଳରେ ୧୬ ରନ୍ ସଂଗ୍ରହ କରିଥିଲେ।

ରାଜସ୍ଥାନର ତୃତୀୟ ୱିକେଟରେ ଲକ୍ଷ୍ନୌର ଅଧିନାୟକ ଋଷଭ ପନ୍ତ ଆଉଟ୍ ହୋଇଥିଲେ। ସେ ୨୩ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ବଳରେ ୩୫ ରନ୍ ସଂଗ୍ରହ କରିଥିଲେ। ମିଚେଲ ମାର୍ଶ ଦଳ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ଶତକ ପୂରଣ ପାଇଁ ଲଢ଼େଇ କରିଥିଲେ। ୫୭ଟି ବଲ୍ ଖେଳି ୧୧ଟି ଚୌକା ଏବଂ ୫ଟି ଛକା ବଳରେ ୯୬ ରନ୍ ସଂଗ୍ରହ କରିଥିଲେ। ରାଜସ୍ଥାନ ପାଇଁ ଯଶ ରାଜ ପୁଞ୍ଜା ୨ଟି ଏବଂ ଜୋଫ୍ରା ଆର୍ଚ୍ଚର ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ।

## ନିର୍ଣ୍ଣାୟକ ମୋଡ଼୍‌ରେ ବାଂଲାଦେଶ-ପାକିସ୍ତାନ ଦ୍ୱିତୀୟ ଟେଷ୍ଟ

**ଢାକା**

ଘରୋଇ ବାଂଲାଦେଶ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ମଙ୍ଗଳବାର ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ପ୍ରଥମ ଇନିଂସରେ ବାଂଲାଦେଶ ୨୭୮ ରନ କରିଥିବା ବେଳେ ପାକିସ୍ତାନ ୨୩୨ ରନ କରିଥିଲା।

ପ୍ରଥମ ଇନିଂସରେ ୪୬ ରନରେ ଆଗରେ ରହିଥିବା ବାଂଲାଦେଶ ଦ୍ୱିତୀୟ ଇନିଂସରେ ୩୯୦ ରନ କରିଥିଲା। ଫଳରେ ୪୩୭ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ଭ୍ରମଣକାରୀ ପାକିସ୍ତାନ ଚତୁର୍ଥ ଦିନ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କରି ଦ୍ୱିତୀୟ ଇନିଂସରେ ୭ ଉଇକେଟ ହରାଇ ୩୧୬ ରନ କରିଛି। ଦଳ ପାଇଁ ଅଧିନାୟକ ଶାନ ମାସୁଦ ୭୧, ସଲମାନ ଅଲୀ ଆଘା ୭୧ ଓ ବାବର ଆଜମ ୪୭ ରନ କରିଥିବା ବେଳେ ବାଂଲାଦେଶ ପାଇଁ ତାଇଜୁଲ ଇସଲାମ ୪ ଓ ନାହିଦ ରାଣା ୨ ଉଇକେଟ ନେଇଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ମହମ୍ମଦ ରିଜୱାନ ୭୫ ଓ ସାଜିଦ ଖାନ ୮ ରନରେ ବ୍ୟାଟିଂ କରୁଛନ୍ତି।

ବୁଧବାର ମ୍ୟାଚ୍‌ର ଅନ୍ତିମ ତଥା ପଞ୍ଚମ ଦିନ



ହୋଇଥିବା ବେଳେ ପାକିସ୍ତାନ ହାତରେ ୩ ଉଇକେଟ ସୁରକ୍ଷିତ ରଖି ଜିତିବା ପାଇଁ ୧୨୧ ରନ ଆବଶ୍ୟକ କରୁଛି।

## ସୁଧୀର ମେମୋରିଆଲ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ : ଫୁଲବାଣୀର ସୂରଜ ଏକାଦଶ ଚାମ୍ପିଅନ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ବରଗଡ଼ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍, ବରଗଡ଼ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଆୟୋଜିତ ପ୍ରଥମ ସୁଧୀର ମେମୋରିଆଲ ଫ୍ଲଡ୍‌ଲାଇଟ୍ ନାଇଟ୍ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ଫୁଲବାଣୀର ସୂରଜ ଏକାଦଶ ଚାମ୍ପିଅନ ହୋଇଛି। ୟୁନାଇଟେଡ ସ୍ପୋର୍ଟସ କ୍ଲବ ଓ ଫୁଲବାଣୀର ସୂରଜ ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ୍ ଖୁବ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଖେଳର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରିପାରି ନଥିଲେ। ଫଳରେ ମ୍ୟାଚ୍ ଅମୀମାଂସିତ ରହିଥିଲା ଏବଂ ଟ୍ରାଇବ୍ରେକରର ସାହାଯ୍ୟ ନିଆଯାଇଥିଲା। ଏଥିରେ ଫୁଲବାଣୀ ଦଳ ୩-୧ ଗୋଲରେ ବିଜୟୀ ହୋଇ ପ୍ରଥମ ସୁଧୀର ମେମୋରିଆଲ ଫ୍ଲଡ୍‌ଲାଇଟ୍ ନାଇଟ୍ ସର୍ବଭାରତୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଥିଲା। ଖେଳକୁ ଶିବ ଶଙ୍କର ପଣ୍ଡା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସୁବ୍ରତ ପୁରୋହିତ ଓ ଜିତେନ୍ଦ୍ର ପାତ୍ର ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ଶଶିକାନ୍ତ ଦାସିଆ। ପ୍ରଥମ ସେମି ଫାଇନାଲ ୟୁନାଇଟେଡ୍ ସ୍ପୋର୍ଟସ କ୍ଲବ, ବରଗଡ଼ ଓ ବ୍ଲାକ ଟାଇଗର, ରାଞ୍ଚି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନାଇଟେଡ ସ୍ପୋର୍ଟସ କ୍ଲବ, ରାଞ୍ଚି ଦଳକୁ ୨-୦ ଗୋଲରେ ହରାଇ ପ୍ରଥମ ଦଳ ଭାବରେ ଫାଇନାଲକୁ ପ୍ରବେଶ କରିଥିଲା। ଖେଳକୁ ଶିବଶଙ୍କର ପଣ୍ଡା ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେସ ଶଶିକାନ୍ତ ଦାସିଆ ଓ ଜିତେନ୍ଦ୍ର ପାତ୍ର ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ପଞ୍ଚାନନ ପାତ୍ର। ପ୍ରଥମ ମ୍ୟାଚର ଶ୍ରେଷ୍ଠ ଖେଳାଳି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଦଳର ଆକାଶ ବେକଙ୍କୁ ଶ୍ରେଷ୍ଠ ଖେଳାଳି ଭାବରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ଜିଲ୍ଲା କ୍ରୀଡ଼ା ସଂସଦ ପ୍ରାକ୍ତନ ସମ୍ପାଦକ ପ୍ରଭାତାଦିତ୍ୟ ମିଶ୍ର ପୁରସ୍କୃତ କରିଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ଆଫ୍ରିକୀୟ ଏକାଦଶ ଓ ସୂରଜ ଏକାଦଶ, ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଫ୍ରିକୀୟ ଏକାଦଶ ଦଳକୁ ଫୁଲବାଣୀ ଦଳ ୧-୦ ଗୋଲରେ ହରାଇ ଦ୍ୱିତୀୟ ଦଳ ଭାବରେ ଫାଇନାଲକୁ ପ୍ରବେଶ କରିଥିଲା। ଖେଳକୁ ଜାତୀୟ ରେଫରୀ ସୁବ୍ରତ ପୁରୋହିତ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଫାଓ ରେଫରୀ ରୋଶନ ଖାନ୍ ଓ ପ୍ରଶାନ୍ତ ବେହେରା ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ଶୁଭମ୍ ପାତ୍ର। ଏହି ଖେଳର ଶ୍ରେଷ୍ଠ ଖେଳାଳି ଫୁଲବାଣୀ ଦଳର ଗୋଲକିପର ରାହୁଲ ଓରାମଙ୍କୁ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ଜିଲ୍ଲା କ୍ରୀଡ଼ା ସଂସଦ ପ୍ରାକ୍ତନ ସମ୍ପାଦକ ପ୍ରଭାତାଦିତ୍ୟ ମିଶ୍ର ପୁରସ୍କୃତ କରିଥିଲେ। ସ୍ୱର୍ଗତ ସୁଧୀର ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥିଭାବେ ଫାଓ ଉପସଭାପତି ରବି ପଣ୍ଡା, ଜିଲ୍ଲା କ୍ରୀଡ଼ା ସଂସଦ ଉପ- ସଭାପତି ଯୁଗଳ ପ୍ରସାଦ ସିଂହ, ପୂର୍ବତନ ସମ୍ପାଦକ ପ୍ରଭାତାଦିତ୍ୟ ମିଶ୍ର, କ୍ରୀଡ଼ା ସମ୍ପାଦକ ହରଦୀପ ସିଂ, ପୂର୍ବତନ ଫୁଟବଲର୍ ଜ୍ଞାନ ରଞ୍ଜନ ପୂଜାରୀ, ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍‌ର ସଭାପତି ପ୍ରେମନାଥ ଗିରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହକୁ କ୍ରୀଡ଼ା ସଂଗଠକ ସଚ୍ଚିଦାନନ୍ଦ ପଣ୍ଡା ସଂଯୋଜନା କରିଥିଲେ। କ୍ଲବ୍‌ର ସମ୍ପାଦକ ଅତିଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ବିଜେତା ଫୁଲବାଣୀ ଦଳକୁ ଟ୍ରଫି ସହ ୧ ଲକ୍ଷ ଟଙ୍କା ଓ ଉପବିଜେତା ୟୁନାଇଟେଡ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବରେ ବରଗଡ଼ ଦଳର ସଞ୍ଜୀବ ଓରାମଙ୍କୁ ଅର୍ଥ ରାଶି ସହ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ସ୍କୋରର ଭାବରେ ବରଗଡ଼ ୟୁନାଇଟେଡ୍ ଦଳର ଆକାଶ ବେକଙ୍କୁ ଟ୍ରଫି, ନଗଦ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖେଳାଳି ଭାବରେ ବରଗଡ଼ ଦଳର ଆକାଶ ବେକଙ୍କୁ ନଗଦ ୫ହଜାର ଟଙ୍କା ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇ ଥିଲା। ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ସ୍ୱର୍ଗତ ସୁଧୀର ମିଶ୍ର ବରଗଡ଼ର କ୍ରୀଡ଼ା କ୍ଷେତ୍ରକୁ ଯେଉଁ ଅବଦାନ ଦେଇଛନ୍ତି, ତାହା ଚିର ସ୍ମରଣୀୟ। ଏଭଳି ଜାତୀୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ଦ୍ୱାରା ସ୍ଥାନୀୟ ପ୍ରତିଭାମାନେ ପ୍ରୋତ୍ସାହିତ ହେବେ। ଫ୍ଲଡ୍‌ଲାଇଟ୍‌ରେ ଖେଳାଯାଇ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ରାଜ୍ୟରୁ ପ୍ରମୁଖ ଦଳମାନେ ଅଂଶଗ୍ରହଣ କରିଥିଲେ। ହଜାର ହଜାର କ୍ରୀଡ଼ାପ୍ରେମୀ ଉପସ୍ଥିତ ରହି ଖେଳ ଉପଭୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ସଫଳ କରିବାରେ ୟୁନାଇଟେଡ୍ ସ୍ପୋର୍ଟସ୍ କ୍ଲବ୍‌ର ସମସ୍ତ ସଦସ୍ୟଙ୍କ ଉଦ୍ୟମକୁ ଅତିଥିମାନେ ପ୍ରଶଂସା କରିଥିଲେ। ପ୍ରତିଯୋଗିତାଟି ସେକ ସବଦର୍, ସଚିଦାନନ୍ଦ ପଣ୍ଡା, ସୁରେଶ ଦାଶ, ଅମିୟ ଶର୍ମା, ଅକ୍ଷୟ ଯୋଶୀ, ଶ୍ରଦ୍ଧାରଞ୍ଜନ ମିଶ୍ର, ସନୀପଲ୍ ନାୟକ, ପ୍ରତାପ ଦାଶ, ମୋହନ ନାଗ, ରମାକାନ୍ତ ଦାଶ, ବିକାଶ ବିଶ୍ୱାଳ, ପ୍ରଶାନ୍ତ ଜେନା, ରୁଦ୍ର ପ୍ରଧାନ, ଦୀପକ ପ୍ରଧାନ ପ୍ରମୁଖଙ୍କ ସକ୍ରିୟ ଯୋଗଦାନ ଫଳରେ ସଫଳ ଭାବରେ ଉଦ୍‌ଯାପିତ ହୋଇଥିଲ।

## ଭାରତ-ଇଟାଲୀ ସମ୍ପର୍କ : ଭାରତ-ଭୂମଧ୍ୟସାଗର କ୍ଷେତ୍ର ପାଇଁ ଏକ ରଣନୀତିକ ଭାଗୀଦାରୀ



-ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ
ଏବଂ ଜର୍ଜିଆ ମେଲୋନି, ଇଟାଲୀ ମନ୍ତ୍ରୀ ପରିଷଦର ଅଧ୍ୟକ୍ଷ

ଭାରତ ଓ ଇଟାଲୀ ମଧ୍ୟରେ ସମ୍ପର୍କ ଏବେ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଗତ କିଛି ବର୍ଷ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଅଭୂତପୂର୍ବ ଗତିରେ ବିସ୍ତାରିତ ହୋଇଛି। ଏହି ସମ୍ପର୍କ କେବଳ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତା ମଧ୍ୟରେ ସୀମିତ ହୋଇ ରହିନାହିଁ, ବରଂ ଏହା ଏବେ ସ୍ୱାଧୀନତା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥା ଭବିଷ୍ୟତର ସହଭାଗୀ ଦୃଷ୍ଟିକୋଣ ଉପରେ ଆଧାରିତ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀରେ ପରିବର୍ତ୍ତିତ ହୋଇଛି।

ସମ୍ପ୍ରତି ସମଗ୍ର ବିଶ୍ୱର ବ୍ୟବସ୍ଥା ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରୁଥିବା ସମୟରେ, ଭାରତ ଓ ଇଟାଲୀ ସମ୍ପର୍କ ଉଚ୍ଚ ରାଜନୈତିକ ଏବଂ ସଂସ୍ଥାଗତ ସ୍ତରରେ କ୍ରମାଗତ ଆଲୋଚନା ଠାରୁ ଆଗକୁ ବଢ଼ୁଛି। ଏହି ସମ୍ପର୍କ ଏବେ ଏକ ନୂଆ ଓ ଅଧିକ ବ୍ୟାପକ ସ୍ତରରେ ପହଞ୍ଚିଛି। ଏଥିରେ ଦୁଇ ଦେଶର ଆର୍ଥିକ ଶକ୍ତି, ସାମାଜିକ ସୃଜନଶୀଳତା ଏବଂ ହଜାର ହଜାର ବର୍ଷ ପୁରୁଣା ସଭ୍ୟତାଗତ ଐତିହ୍ୟ ସାମିଲ ରହିଛି।

ଏକବିଂଶ ଶତାବ୍ଦୀରେ ନବସୃଜନ କ୍ଷମତା, ଶକ୍ତି ପରିବର୍ତ୍ତନ ପରିଚାଳନା ଏବଂ ରଣନୀତିକ ଆତ୍ମନିର୍ଭରଶୀଳତାକୁ ମଜବୁତ କରିବା ଉପରେ ଦେଶର ସମୃଦ୍ଧି ଓ ସୁରକ୍ଷା ନିର୍ଭର କରିଥାଏ। ଆମ ସହଯୋଗ ଏହି ସହଭାଗୀ ଦୃଷ୍ଟିକୋଣକୁ ଦର୍ଶାଇଥାଏ। ଏହି ଉଦ୍ଦେଶ୍ୟ ନେଇ ଆମେ ଆମ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର ତଥା ବିବିଧ କରିବା ଲାଗି ସଂକଳ୍ପ ନେଇଛୁ, ଯାହାଫଳରେ ନୂଆ ଲକ୍ଷ୍ୟ ହାସଲ କରାଯାଇପାରିବ ଏବଂ ଦୁଇ ଦେଶର ସହଯୋଗୀ ସାମର୍ଥ୍ୟକୁ ଉନ୍ନତ ଢଙ୍ଗରେ ଉପଯୋଗ କରାଯାଇପାରିବ।

ଡିଜାଇନ୍ କ୍ଷମତା, ଉନ୍ନତ ଉତ୍ପାଦନ କୌଶଳ ଏବଂ ବିଶ୍ୱସ୍ତରୀୟ ସୁପର କମ୍ପ୍ୟୁଟର ପ୍ରଯୁକ୍ତିବିଦ୍ୟା ଇଟାଲୀକୁ ଏକ ଶିଳ୍ପ ମହାଶକ୍ତିରେ ପରିଣତ କରିଛି। ଆମେ ଏହାକୁ ଭାରତର ଦ୍ରୁତ ଆର୍ଥିକ ଅଭିବୃଦ୍ଧି, ଇଞ୍ଜିନିୟରିଂ ପ୍ରତିଭା, ବ୍ୟାପକ କ୍ଷମତା, ନବସୃଜନ ଏବଂ ୧୦୦ରୁ ଅଧିକ ୟୁନିକର୍ଣ୍ଣ ତଥା ୨ ଲକ୍ଷ ଷ୍ଟାର୍ଟଅପ୍ ଆଧାରିତ ଉଦ୍ୟୋଗ ଇକୋସିଷ୍ଟମ ସହ ଯୋଡ଼ି ଏକ ଶକ୍ତିଶାଳୀ ସନ୍ତୁଳନ ସୃଷ୍ଟି କରିବାକୁ ଚାହୁଁଛୁ। ଏହା କେବଳ ଏକ ସାଧାରଣ ସମନ୍ୱୟ ନୁହେଁ, ବରଂ ସହଭାଗୀ ମୂଲ୍ୟ ସୃଷ୍ଟି ଯେଉଁଥିରେ ଆମ ଦୁଇ ଦେଶର ଶିଳ୍ପ ସାମର୍ଥ୍ୟ ପରସ୍ପରକୁ ଅଧିକ ସୁଦୃଢ଼ କରିବ।

ୟୁରୋପୀୟ ସଂଘ ଏବଂ ଭାରତ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫଟିଏ) ଉଭୟ ଦିଗରେ ବାଣିଜ୍ୟ ଓ ନିବେଶ ବଢ଼ାଇବାର ମାର୍ଗ ଖୋଲିଥାଏ। ୨୦୨୯ ସୁଦ୍ଧା ଭାରତ ଓ ଇଟାଲୀ ମଧ୍ୟରେ ବ୍ୟବସାୟିକ କାରବାରକୁ ୨୦ ବିଲିୟନ ୟୁରୋ ଠାରୁ ଆଗକୁ ବଢ଼ାଇବା ଲାଗି ଆମେ ଲକ୍ଷ୍ୟ ରଖିଛୁ। ଏଥିରେ ପ୍ରତିରକ୍ଷା ଓ ଏରୋସ୍ପେସ୍, ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା, ଯନ୍ତ୍ରାଂଶ, ଯାନବାହନ ସରଞ୍ଜାମ, ରସାୟନ, ଔଷଧ, ବୟନ, କୃଷି-ଖାଦ୍ୟ କ୍ଷେତ୍ର ଏବଂ ପର୍ଯ୍ୟଟନ ସମେତ ଅନେକ କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯିବ। 'ମେଡ୍ ଇନ୍ ଇଟାଲୀ' ସବୁବେଳେ ସାରା ବିଶ୍ୱରେ ଉତ୍କୃଷ୍ଟତାର ପ୍ରତୀକ ଭାବେ ଖ୍ୟାତି ଅର୍ଜନ କରିଛି। ଆଜି 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମର ଉଚ୍ଚ ଗୁଣବତ୍ତା ଆଧାରିତ ଲକ୍ଷ୍ୟ ସହ ଏହାର ସ୍ୱାଭାବିକ ତାଳମେଳ ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ, ଭାରତ ପାଇଁ ଉତ୍ପାଦନରେ ଇଟାଲୀୟ କମ୍ପାନୀଗୁଡ଼ିକର ଆଗ୍ରହ ବୃଦ୍ଧି ପାଇବା ଏବଂ ଇଟାଲୀରେ ଭାରତୀୟ ଉଦ୍ୟୋଗଗୁଡ଼ିକର ପ୍ରଭାବ ମଜବୁତ ହେବା ଏକ ସକାରାତ୍ମକ ସଂକେତ ଦେଉଛି। ବର୍ତ୍ତମାନ ଦୁଇ ପକ୍ଷକୁ ମିଶାଇଲେ ୧୦୦୦ରୁ ଅଧିକ ଉଦ୍ୟୋଗ ଉଭୟ ଦେଶରେ କାର୍ଯ୍ୟ କରୁଛନ୍ତି। ଏହା ଆମ ଯୋଗାଣ ଶୃଙ୍ଖଳର ଏକୀକରଣକୁ ଆହୁରି ଅଧିକ ମଜବୁତ କରିବ।

ବୈଷୟିକ ନବସୃଜନ ଆମ ଭାଗୀଦାରୀର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଧାର। ଆଗାମୀ ଦଶନ୍ଧିରେ ବିଶ୍ୱରେ ଏକ ବଡ଼ ବୈଷୟିକ ପରିବର୍ତ୍ତନ ଦେଖାଦେବ। ଏଥିରେ କୃତ୍ରିମ ବୁଦ୍ଧିମତା, କ୍ୱାଣ୍ଟମ କମ୍ପ୍ୟୁଟିଂ, ଅତ୍ୟାଧୁନିକ ଉତ୍ପାଦନ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଡିଜିଟାଲ ମୌଳିକ ଭିତ୍ତିଭୂମି ଭଳି କ୍ଷେତ୍ରରେ ଦ୍ରୁତ ପ୍ରଗତି ହେବ। ଭାରତରେ ଦ୍ରୁତ ଗତିରେ ବଢ଼ୁଥିବା ନବସୃଜନ ପରିବେଶ ଏବଂ ବହୁସଂଖ୍ୟକ କୁଶଳୀ ପେସାଦାର ତଥା ଇଟାଲୀର ଉନ୍ନତ ଶିଳ୍ପ କ୍ଷମତା ଏସବୁ କ୍ଷେତ୍ରରେ ଦୁଇ ଦେଶର ସହଯୋଗକୁ ସ୍ୱାଭାବିକ ଏବଂ ରଣନୀତିକ କରିଥାଏ। ଦୁଇ ଦେଶର ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ବର୍ଦ୍ଧିତ ଭାଗୀଦାରୀ ମଧ୍ୟ ଏହାକୁ ଆହୁରି ମଜବୁତ କରିବ। ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) ବିଶ୍ୱର ଅନେକ ଦେଶ, ବିଶେଷକରି ଗ୍ଲୋବାଲ୍ ସାଉଥ୍ ପାଇଁ ଆକର୍ଷଣର କେନ୍ଦ୍ର ହୋଇପାରିଛି। ମୁଖ୍ୟତଃ କୃତ୍ରିମ ବୁଦ୍ଧିମତା (ଏଆଇ) ଆଜି ଆମ ସମାଜ ଏବଂ ବିଶ୍ୱ ଅର୍ଥବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପକାଇଛି। ଭାରତ ଓ ଇଟାଲୀ ଦୀର୍ଘ ସମୟ ଧରି ଏ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଉଛନ୍ତି, ଯାହାଫଳରେ ଏଆଇର ବିକାଶ ଉତ୍ତରଦାୟୀ ଏବଂ ମାନବ କୈନ୍ଦ୍ରିକ ହୋଇପାରିବ।

ଏହି ପରିପ୍ରେକ୍ଷୀରେ ଭାରତ ଓ ଇଟାଲୀ ଏଆଇକୁ ସମାବେଶୀ ବିକାଶର ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି। ବିଶେଷ କରି ଗ୍ଲୋବାଲ୍ ସାଉଥ୍ ଦେଶଗୁଡ଼ିକରେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଏବଂ ସହଜରେ ଉପଲବ୍ଧ ବହୁଭାଷୀ ଜ୍ଞାନକୌଶଳ ଜରିଆରେ ଏଆଇ ସାମାଜିକ ଓ ଡିଜିଟାଲ ବ୍ୟବଧାନକୁ ଅଧିକ ବଢ଼ାଇବା ପରିବର୍ତ୍ତେ ଭରଣା କରିପାରିବ। ମଣିଷକୁ ପ୍ରଯୁକ୍ତି ପ୍ରୟୋଗର କେନ୍ଦ୍ରରେ ରଖିବା ଲାଗି ଭାରତର 'ମାନବକୈନ୍ଦ୍ରିକ' ଦୃଷ୍ଟିକୋଣ ଏବଂ ମାନବବାଦୀ ପରମ୍ପରା ଉପରେ ଆଧାରିତ ଇଟାଲୀର ମାନବ କୈନ୍ଦ୍ରିକ 'ଏଲ୍ଗୋର-ଏଥିକ୍ସ' ଅବଧାରଣାକୁ ଆମେ ଆଗକୁ ବଢ଼ାଉଛୁ। କୃତ୍ରିମ ବୁଦ୍ଧିମତ୍ତାକୁ ସାମାଜିକ ସଶକ୍ତିକରଣର ମାଧ୍ୟମରେ ପରିଣତ କରିବା ଆମ ଭାଗୀଦାରୀର ଉଦ୍ଦେଶ୍ୟ।

ଭାରତର ବିଶାଳ ଡିଜିଟାଲ କ୍ଷମତାକୁ ଇଟାଲୀର ନୈତିକ ଏବଂ ଔଦ୍ୟୋଗିକ ବିଶେଷଜ୍ଞତା ସହ ଯୋଡ଼ିବାକୁ ଆମେ ଲକ୍ଷ୍ୟ ରଖିଛୁ, ଯାହାଫଳରେ ପ୍ରଯୁକ୍ତିବିଦ୍ୟା ମାନବ ମର୍ଯ୍ୟାଦାକୁ ରକ୍ଷା କରିବାରେ ବିନିଯୋଗ ହୋଇପାରିବ। ସୁରକ୍ଷିତ ଡିଜିଟାଲ୍ ସହଯୋଗ, କ୍ଷମତା-ନିର୍ମାଣ ଏବଂ ମଜବୁତ ସାଇବର ଭିତ୍ତିଭୂମି ସହ ଜଡ଼ିତ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ବାଣ୍ଟିବା ଜରିଆରେ ଆମେ ଏକ ଖୋଲା, ବିଶ୍ୱସନୀୟ ଏବଂ ସମାନ ଡିଜିଟାଲ୍ ବାତାବରଣ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ଯେଉଁଥିରେ ପ୍ରତ୍ୟେକ ଦେଶ ଏଆଇକୁ ଉପଯୋଗ କରିପାରିବେ ଏବଂ ଏଥିରୁ ଲାଭ ପାଇପାରିବେ। ଏହି ଦୃଷ୍ଟିକୋଣକୁ ଆଧାର କରି ଇଟାଲୀ ଅଧ୍ୟକ୍ଷତାରେ ଜି-୭ ବୈଠକ ଏବଂ ୨୦୨୬ରେ ନୂଆଦିଲ୍ଲୀରେ ଆୟୋଜିତ ଏଆଇ ଇମ୍ପାକ୍ଟ ସମ୍ମିଳନୀର ନିଷ୍କର୍ଷ ପ୍ରସ୍ତୁତ କରାଯାଇଥିଲା। ଏଆଇକୁ ମଣିଷ ଦ୍ୱାରା ଏବଂ ମଣିଷ ପାଇଁ ସୃଷ୍ଟି କରାଯାଇଥିବା ଏକ ପ୍ରଯୁକ୍ତିବିଦ୍ୟା ଭାବରେ ସ୍ୱୀକାର କରିବାର ଅର୍ଥ ହେଉଛି ଏହା ସ୍ପଷ୍ଟ କରିବା ଯେ ପ୍ରଯୁକ୍ତିବିଦ୍ୟା ମଣିଷର ସ୍ଥାନ ଗ୍ରହଣ କରିପାରିବ ନାହିଁ କିମ୍ବା ସେମାନଙ୍କର ମୌଳିକ ଅଧିକାରକୁ ଦୁର୍ବଳ କରିପାରିବ ନାହିଁ। ଜନମତକୁ ପ୍ରଭାବିତ କରିବା କିମ୍ବା ଗଣତାନ୍ତ୍ରିକ ପ୍ରକ୍ରିୟାରେ ହସ୍ତକ୍ଷେପ କରିବା ଲାଗି ମଧ୍ୟ ଏହାର ଉପଯୋଗ କରାଯିବା ଉଚିତ୍ ନୁହେଁ। ବ୍ୟାପକ ଭାବେ ପରସ୍ପର ସହ ଜଡ଼ିତ ବିଶ୍ୱରେ ସ୍ୱାଧୀନତା ଏବଂ ମାନବ ମର୍ଯ୍ୟାଦାକୁ ରକ୍ଷା କରିବା ଲାଗି ଆମର ଦୃଷ୍ଟିକୋଣ ଏହି ଆହ୍ୱାନ ଉପରେ ଆଧାରିତ।

ଆମ ସହଯୋଗ ମହାକାଶ କ୍ଷେତ୍ରରେ ମଧ ବିସ୍ତାରିତ। ମହାକାଶ ଗବେଷଣା ଏବଂ ଉପଗ୍ରହ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି। ସେହିପରି ମହାକାଶ ଇଞ୍ଜିନିୟରିଂରେ ଇଟାଲୀର ଉତ୍କର୍ଷତା ରହିଛି। ଏହା ମିଳିତ ପ୍ରକଳ୍ପ ଏବଂ ନୂତନ ପିଢ଼ିର ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରେ।

ରାଷ୍ଟ୍ରଗୁଡ଼ିକର ସମୃଦ୍ଧି ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ଓ ସ୍ଥିରତା ଅତ୍ୟନ୍ତ ଜରୁରୀ। ତେଣୁ, ଇଟାଲୀ ଓ ଭାରତ ପ୍ରତିରକ୍ଷା, ସୁରକ୍ଷା ଏବଂ ରଣନୀତିକ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ସେମାନଙ୍କର ସହଯୋଗକୁ ଆହୁରି ମଜବୁତ କରିବାକୁ ଚାହାନ୍ତି। ଆମ ସହଯୋଗ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗର ସୁରକ୍ଷା ସୁନିଶ୍ଚିତ କରିବା ତଥା ଆତଙ୍କବାଦ, ଅନ୍ତର୍ଜାତୀୟ ଅପରାଧ ନେଟୱର୍କ, ନିଶାଦ୍ରବ୍ୟ ଚୋରା କାରବାର, ସାଇବର ଅପରାଧ ଏବଂ ମାନବ ତସ୍କରି ଭଳି ସମସ୍ୟାର ମୁକାବିଲାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ।

ଶକ୍ତି ହେଉଛି ଆମ ସହଭାଗୀତାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ବିଶ୍ୱରେ ବିବିଧ ଶକ୍ତି ଉତ୍ସ ଦିଗରେ ହେଉଥିବା ପରିବର୍ତ୍ତନ ଲାଗି ନବସୃଜନ, ନିବେଶ ଏବଂ ସହଯୋଗ ଆବଶ୍ୟକ। ଭାରତ ଓ ଇଟାଲୀ ଅକ୍ଷୟ ଶକ୍ତି ଠାରୁ ଆରମ୍ଭ କରି ହାଇଡ୍ରୋଜେନ ପ୍ରଯୁକ୍ତି ଏବଂ ସ୍ମାର୍ଟ ଗ୍ରୀଡ୍ ଠାରୁ ଆରମ୍ଭ କରି ସୁଦୃଢ଼ ଭିତ୍ତିଭୂମି ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଏକାଠି କାମ କରୁଛନ୍ତି। ସବୁଜ ହାଇଡ୍ରୋଜେନ୍ ରପ୍ତାନିର ବିଶ୍ୱସ୍ତରୀୟ କେନ୍ଦ୍ର ହେବା ପାଇଁ ଭାରତର ପ୍ରୟାସରେ ଅପାର ସମ୍ଭାବନା ରହିଛି। ଏହା ଇଟାଲୀର ଉନ୍ନତ ଅକ୍ଷୟ ଶକ୍ତି ଭିତ୍ତିଭୂମି ଏବଂ ୟୁରୋପ ଲାଗି ଏକ ଶକ୍ତି ପ୍ରଦେଶ ଦ୍ୱାର ରୂପେ ଏହାର ରଣନୀତିକ ଭୂମିକା ସହ ସମ୍ପୂର୍ଣ୍ଣ ମେଳ ଖାଉଛି। ଏହି ପରିପ୍ରେକ୍ଷୀରେ, ଭାରତ ନେତୃତ୍ୱରେ ହେଉଥିବା ପ୍ରମୁଖ ପ୍ରୟାସ – ଅନ୍ତର୍ଜାତୀୟ ସୌର ମେଣ୍ଟ (ଆଇଏସଏ), ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ପାଇଁ ମେଣ୍ଟ (ସିଡିଆରଆଇ) ଏବଂ ଗ୍ଲୋବାଲ୍ ବାୟୋଫୁଏଲ୍ସ ଆଲାଏନ୍ସ (ଜିବିଏ)ରେ ଅନ୍ୟ ଦେଶ ସହ ଆମ ସହଯୋଗ ମଧ୍ୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ।

ଭୌତିକ, ଡିଜିଟାଲ ଏବଂ ମାନବୀୟ ସମ୍ପର୍କର ଖିଅରେ ଆମେ ପରସ୍ପର ସହ ବାନ୍ଧି ହୋଇ ରହିଛୁ। ଭାରତ ଓ ଇଟାଲୀ ଉଭୟ ଭାରତ-ପ୍ରଶାନ୍ତ ମହାସାଗର ଏବଂ ଭୂମଧ୍ୟସାଗର କ୍ଷେତ୍ର ଭଳି ବିଶ୍ୱ ଅର୍ଥବ୍ୟବସ୍ଥାର ଦୁଇଟି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର କେନ୍ଦ୍ରରେ ରହିଛନ୍ତି। ଏବେ ଏହି କ୍ଷେତ୍ରଗୁଡ଼ିକୁ ଭିନ୍ନ ଭିନ୍ନ ନୁହେଁ, ବରଂ ପରସ୍ପର ସହ ଜଡ଼ିତ ଅଞ୍ଚଳ ରୂପରେ ଦେଖାଯାଉଛି। ବାସ୍ତବରେ ଏକ ନୂଆ 'ଭାରତ-ଭୂମଧ୍ୟସାଗର' (ଇଣ୍ଡୋ-ମେଡିଟେରେନିୟାନ) କ୍ଷେତ୍ର ବିକଶିତ ହେଉଥିବା ଆମେ ଦେଖୁଛୁ। ଏହି କ୍ଷେତ୍ର ବାଣିଜ୍ୟ କାରବାର, ପ୍ରଯୁକ୍ତିବିଦ୍ୟା, ଶକ୍ତି, ଡାଟା ଏବଂ ବିଚାରଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ କରିଡର ଯାହା ଭାରତ ମହାସାଗରକୁ ୟୁରୋପ ସହ ଯୋଡ଼ିଥାଏ। ପରସ୍ପର ସହ ଜଡ଼ିତ ଏହି କ୍ଷେତ୍ରରେ ଆମ ସମ୍ପର୍କ ସ୍ୱାଭାବିକ ଭାବେ ଏକ ସ୍ୱତନ୍ତ୍ର ରଣନୀତିକ ଭାଗୀଦାରୀ ରୂପେ ବିକଶିତ ହେଉଛି। ଏପରି ଭାଗୀଦାରୀ ଦୁଇଟି ମହାଦେଶକୁ ଯୋଡ଼ିଥାଏ ଏବଂ ନୂଆ ବିଶ୍ୱ ପରିସ୍ଥିତିକୁ ଆକାର ଦେଇଥାଏ।

ଏହି ପରିପ୍ରେକ୍ଷୀରେ, ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଆର୍ଥିକ କରିଡ଼ର (ଆଇଏମଇସି) ଏକ ଦୂରଦୃଷ୍ଟିପୂର୍ଣ୍ଣ ଯୋଜନା। ଏହାର ଲକ୍ଷ୍ୟ ହେଉଛି, ଆଧୁନିକ ପରିବହନ ଓ ଭିତ୍ତିଭୂମି, ଡିଜିଟାଲ ନେଟୱାର୍କ, ଶକ୍ତି ବ୍ୟବସ୍ଥା ଏବଂ ଦୃଢ଼ ଯୋଗାଣ ଶୃଙ୍ଖଳ ମାଧ୍ୟମରେ ଆମ କ୍ଷେତ୍ରଗୁଡ଼ିକୁ ସଂଯୋଗ କରିବା। ଭାରତ ଓ ଇଟାଲୀ ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବା ପାଇଁ ଅନ୍ୟ ଅଂଶୀଦାର ଦେଶମାନଙ୍କ ସହିତ ମିଶି କାମ କରିବାକୁ ସଂକଳ୍ପବଦ୍ଧ ଅଛନ୍ତି।

ଦୁଇ ଦେଶ ମଧ୍ୟରେ ଗଭୀର ସମ୍ପର୍କ ଏବଂ ଲମ୍ବା ସାଂସ୍କୃତିକ ସଂଲଗ୍ନତା ଆଧାରରେ ଆମେ ଆମ ସହଭାଗୀ ସମସ୍ୟାର ସମାଧାନ କରିପାରିବା। ଭାରତୀୟ ସଂସ୍କୃତିରେ 'ଧର୍ମ'ର ବିଚାର ସେହି ଉତ୍ତରଦାୟୀ ଭାବନାକୁ ଦର୍ଶାଇଥାଏ ଯାହା ଆମ କାର୍ଯ୍ୟକୁ ମାର୍ଗଦର୍ଶନ କରିବା ଉଚିତ୍। ସେହିପରି 'ବସୁଧୈବ କୁଟୁମ୍ବକମ୍' – ଅର୍ଥାତ୍ 'ସାରା ବିଶ୍ୱ ଏକ ପରିବାର'ର ସିଦ୍ଧାନ୍ତ ବର୍ତ୍ତମାନ ପରସ୍ପର ସହ ଜଡ଼ିତ ଡିଜିଟାଲ ଯୁଗରେ ଆହୁରି ଅଧିକ ପ୍ରାସଙ୍ଗିକ ପ୍ରତୀୟମାନ ହେଉଛି।

ଏହି ମୂଲ୍ୟବୋଧ ନବଜାଗରଣ କାଳରେ ସୃଷ୍ଟି ହୋଇଥିବା ଇଟାଲୀର ମାନବତାବାଦୀ ପରମ୍ପରା ସହ ମଧ୍ୟ ମେଳ ଖାଉଛି। ଏହି ପରମ୍ପରା ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ସଂସ୍କୃତିର ସେହି ଶକ୍ତି ଉପରେ ଗୁରୁତ୍ୱାରୋପ କରିଥାଏ ଯାହା ସମାଜ ଓ ଲୋକମାନଙ୍କୁ ଏକଜୁଟ୍ କରିପାରେ। ସେଥିପାଇଁ ଲୋକମାନଙ୍କୁ କେନ୍ଦ୍ରରେ ରଖି ଭାରତ-ଇଟାଲୀ ସମ୍ପର୍କକୁ ଅଧିକ ସୁଦୃଢ଼, ଆଧୁନିକ ଏବଂ ଭବିଷ୍ୟ ଉନ୍ମୁଖୀ ଆଧାର ପ୍ରଦାନ କରିବା ଆମ ସହଭାଗୀ ଦୃଷ୍ଟିକୋଣର ଉଦ୍ଦେଶ୍ୟ।

ଭୁବନେଶ୍ୱର, ୨୦ ମଇ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ରଥଖଳା ହାଲ୍‌ଚାଲ୍ : ତିନି ରଥର ସମସ୍ତ ଚକର ନିର୍ମାଣ କାର୍ଯ୍ୟ ଶେଷ, ତାଳଧ୍ୱଜର ପୋଲ ଗୟଳ ଚିରଟ ଆରମ୍ଭ

**ପୁରୀ,୧୯/୦୫ ନ୍ୟୁଜ ବ୍ୟୁରୋ**

ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ତିନି ରଥର ନିର୍ମାଣ କାର୍ଯ୍ୟକୁ ସମସ୍ତ ରଥ ନିର୍ମାଣକାରୀ ସେବକମାନେ ଦ୍ରୁତ ଗତିରେ ଆଗେଇ ନେଉଛନ୍ତି । ପୁରୀ ଶ୍ରୀନଅର ସମ୍ମୁଖ ରଥଖଳା ସମ୍ପୂର୍ଣ୍ଣ ଚଳଚଞ୍ଚଳ ହୋଇପଡିଛି । ତିନି ରଥର ସମସ୍ତ ଚକର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ତିନି ରଥର ଚକ ନିର୍ମାଣ ପାଇଁ ସମସ୍ତ ସିଙ୍ଗଡ଼ା ବାଡିଆ କାର୍ଯ୍ୟ ଯନ୍ତା ଗାଡରେ ଶେଷ ହେବା ପରେ ଯନ୍ତା ଗାଡ ମୂଜା ଶେଷ କରିଛନ୍ତି ଭୋଇ ସେବକ । ତିନି ରଥର ପାଞ୍ଚଟି ଲେଖାଏ ଜଗତପୃଷ୍ଠ ଶେଣୀର ଚଉପଟ କାର୍ଯ୍ୟ ସହିତ ଦୁଇଟି ଲେଖାଏଁ ଧୂଳିଦଣ୍ଡାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ।

ରଥଖଳାରେ ମହାରଣାମାନେ ଚାର ପରଛାର ଚଉପଟ କାର୍ଯ୍ୟ ଜାରି ରଖିଛନ୍ତି । ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ ପାଇଁ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ୪୦ ଫୁଟିଆ ଧଉରା କାଠ କରତି ସେବକଙ୍କୁ ଯୋଗା ଯାଇଛି । ପୋଲ ଗୟଳ କାଠ ଚିରଟ ପୂର୍ବରୁ ଚିତା କାର୍ଯ୍ୟ ଆରମ୍ଭ କରିଛନ୍ତି । ରୂପକାର ସେବକମାନେ ନୃସିଂହ ରୂପ ଖୋଦେଇ ଜାରୀ ରଖିଛନ୍ତି । ରଥର ନିର୍ମାଣ ସରିଥିବା ସମସ୍ତ ଚକ ଏବଂ ଅନ୍ୟ ଅଂଶ ଗୁଡ଼ିକୁ ପ୍ରବଳ ଖରା ଦାଉରୁ ରକ୍ଷା ପାଇବା ପାଇଁ ସ୍ୱତନ୍ତ୍ର ସ୍ଥାନରେ ଶ୍ରୀମନ୍ଦିର ପ୍ରଶାସନ ରଖିଛି । ଭଉଁରୀ ଉତ୍ସବରେ ପ୍ରତି ରଥର ଦୁଇଟି ଲେଖାଏଁ ଚକ ସହ ଅଖ ସଂଯୁକ୍ତ ହୋଇଥିଲା । ମୋଟ ୨୧ ଅଖ ଭିତରୁ ନାହାକା ଅଖ ତିନୋଟି ପ୍ରସ୍ତୁତ ହୋଇ ଚକ ସଂଯୁକ୍ତ ସରିଛି । ଏବେ ଆଉ ୧୮ଟି ଅଖ ତିଆରି ଶେଷ ହେଲେ ବାକି ୩୬ ଚକ ସହ ଯୋଡ଼ା ହେଲେ ରଥ କାର୍ଯ୍ୟ ଉପରକୁ ଉଠିବ । ରଥର ଧୂଳିଦଣ୍ଡା ଓ ଜଗତପୃଷ୍ଠ ଶେଣି ତିଆରି ଚାଲିଛି । ଶେଷ ୩ଟି ସିଙ୍ଗଡ଼ା ଚାଲିକୁ ଆସିବା ପରେ ବିଲେଇ ବାଡ଼ିଆ ପଦ୍ଧତିରେ ଶେଷ ଚକ ପ୍ରସ୍ତୁତ ହେଉଛି । ରଥ ଅମିନଙ୍କ ତତ୍ତ୍ୱାବଧାନରେ ରଥ ଖଳାକୁ ଅଖ କାଠ ଓ ଦଣ୍ଡା କାଠ ଯୋଗାଇ ଦିଆଯାଇଛି । ତାଳଧ୍ୱଜ ରଥ ଓ ନନ୍ଦିଘୋଷ ରଥର ୯ଟି ଲେଖାଏଁ ଦଣ୍ଡା ରହିଥିବା ବେଳେ ଦେବଦଳନ ରଥର ୭ ଦଣ୍ଡା । ଅଖ ଉପରେ ଦଣ୍ଡା ରହିବ । ତାଳଧ୍ୱଜ ରଥ ମୁଖ୍ୟ ବିଶ୍ୱକର୍ମା ନରସିଂହ ମହାପାତ୍ର, ନନ୍ଦିଘୋଷର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର ଓ ଦେବଦଳନର ମୁଖ୍ୟ ବିଶ୍ୱକର୍ମା ନାରାୟଣ ମହାରଣାଙ୍କ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ଚାଲିଛି । ରୂପକାର ସେବକମାନେ ତିନି ରଥର କୋଣଗୁଜରେ ରୂପ ଖୋଦେଇ ସାରି ତୀଖ ଗୁଜରେ ସିଂହବିରାଳ ମୂର୍ତ୍ତି ତିଆରୁଛନ୍ତି । ଦୋଳବେଦି ପରିସରରେ ଓଝା ସେବକମାନେ ରଥ ପାଇଁ ଦରକାର ଲୁହା କଣ୍ଟା ତିଆରୁଛନ୍ତି । ସିଙ୍ଗଡ଼ା ବାଡ଼ିଆ ଶେଷ ପରେ ଯନ୍ତା ଗାଡ଼ ବୁଜାଯାଇଛି । ରଥଖଳା ଭଳି ଦୋଳବେଦୀ ସମ୍ପୂର୍ଣ୍ଣ ଚଳଚଞ୍ଚଳ ହୋଇପଡିଛି । ପବିତ୍ର ସ୍ନାନଯାତ୍ରା ଏବଂ ରଥଯାତ୍ରା ନିମନ୍ତେ ଠାକୁରଙ୍କ ପୂଜା ନୀତି ପାଇଁ ପାହି ମହାରଣା ବିଭିନ୍ନ ପ୍ରକାରର ସରଞ୍ଜାମ ନିର୍ମାଣ କରୁଛନ୍ତି । ଠାକୁରଙ୍କ ପୂଜା ନୀତି ପାଇଁ କୁରୁମ ପିଢ଼ା, ମହାପ୍ରଭୁଙ୍କ ବିଜେ ଡୋରି, ଶ୍ରୀଅଙ୍ଗ ପଇତା ପ୍ରସ୍ତୁତି ସହ ପାଟରା ସେବକମାନଙ୍କ ପାଇଁ ବାଉଁଶ କାଠି ସରଞ୍ଜାମ ନିର୍ମାଣ କରୁଛନ୍ତି ।



# ଆଜି ମହାପ୍ରଭୁଙ୍କ ବନକଲାଗି ନୀତି : ୪ ଘଣ୍ଟା ଦର୍ଶନ ବନ୍ଦ



**ପୁରୀ, ୧୯/୦୫ ନ୍ୟୁଜ ବ୍ୟୁରୋ**

ବୁଧବାର ଜ୍ୟେଷ୍ଠ କୃଷ୍ଣ ମଳ ଚତୁର୍ଥୀ ତିଥିରେ ଶ୍ରୀବିଗ୍ରହମାନଙ୍କ 'ବନକଲାଗି' ନୀତି ଅନୁଷ୍ଠିତ ହେବ । ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ସନ୍ଧ୍ୟା ଘ.୬.୦୦ ଟିକା ଠାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

# ଶ୍ରୀମନ୍ଦିରରେ ପତ୍ନୀଙ୍କ ସହ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ କେନ୍ଦ୍ର କୃଷି ମନ୍ତ୍ରୀ



**ପୁରୀ, ୧୯/୦୫ ନ୍ୟୁଜ ବ୍ୟୁରୋ**

ପୁରୀରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ । ପତ୍ନୀଙ୍କ ସହ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ତାଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା ।

କେନ୍ଦ୍ର କୃଷି ମନ୍ତ୍ରୀଙ୍କ ସହ ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର ମଧ୍ୟ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ମହାପ୍ରଭୁଙ୍କ ଦର୍ଶନ କରିବା ସହ ପାର୍ଶ୍ୱ ଦେବାଦେବୀଙ୍କୁ ମଧ୍ୟ ଦର୍ଶନ କରି ନିଜକୁ ଧନ୍ୟମନେ କରିଛନ୍ତି । ଶ୍ରୀମନ୍ଦିରକୁ ଯିବା ସମୟରେ ବ୍ୟାରିକେଡ଼ରେ ଥିବା ଭକ୍ତମାନଙ୍କୁ ହାତ ହଲାଇ ଅଭିବାଦନ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ।

## ସର୍ବୋଚ୍ଚ ଅଦାଲତଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ବନ୍ଦ ହୋଇଥିବା ମେଡିକାଲ କଲେଜ ଛାତ୍ରଙ୍କୁ ସରକାରୀ ଫି' ଲାଭ ମିଳିବନି

**ନୂଆଦିଲ୍ଲୀ,୧୯/୦୫**

ଓଡ଼ିଶାରେ ବନ୍ଦ ହୋଇଯାଇଥିବା ସର୍ଦ୍ଦାର ରାଜାସ୍ ମେଡିକାଲ କଲେଜ ଓ ହସ୍ପିଟାଲ (ଏସ୍‌ଆରଏମ୍‌ସିଏଚ୍)ରୁ ଅନ୍ୟ ଘରୋଇ ମେଡିକାଲ କଲେଜକୁ ସ୍ଥାନାନ୍ତରିତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟ୍‌କା ମିଳିଛି । ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ସେମାନେ ସରକାରୀ ମେଡିକାଲ କଲେଜ୍‌ର ରିହାତି ଫିସ୍ ଦେଇ ପାଠ ପଢ଼ିବାର ଦାବି କରିପାରିବେ ନାହିଁ । ଏହି ଛାତ୍ରଛାତ୍ରୀଙ୍କ ଠାରୁ ଏସ୍‌ଆରଏମ୍‌ସିଏଚ୍ ଧାର୍ଯ୍ୟ କରିଥିବା ଫି ଅନୁସାରେ ବକେୟା ଅର୍ଥ ଆଦାୟ କରାଯାଇ ପାରିବ ବୋଲି ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଦେଇଛନ୍ତି । ବିଚାରପତି ବିକ୍ରମ ନାଥ ଓ ସନ୍ଦୀପ ମେହଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏସ୍‌ଆରଏମ୍‌ସିଏଚ୍‌ର ପରିଚାଳନା କରୁଥିବା ସେଲଭମ ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଠାରୁ ସଂରକ୍ଷିତ କରାଯାଇଥିବା ଟଙ୍କାକୁ ଛାତ୍ରଛାତ୍ରୀଙ୍କ ନାମ ଲେଖାଇଥିବା ୩ଟି ଘରୋଇ ମେଡିକାଲ କଲେଜକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅର୍ଥ ମଧ୍ୟରେ ମେଡିକାଲ କାଉନସିଲ୍ ଅଫ୍



ଇଣ୍ଡିଆ/ନ୍ୟାସନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ପାଖରେ ଜମା ରହିଥିବା ୧୦ କୋଟିର ବ୍ୟାଙ୍କ ଗ୍ୟାରେଣ୍ଟି, ସୁପ୍ରିମକୋର୍ଟରେ ଜମା ରହିଥିବା ୨ କୋଟି ଏବଂ ତା'ର ସୁଧ ସାମିଲ ଅଛି । ଏଥିସହ ସେମାନଙ୍କର ପ୍ରକୃତ ଫି କେତେ ଓ ଆଉ କେତେ ଟଙ୍କା ସେମାନଙ୍କୁ ଦେବାକୁ ପଡିବ ସେହି ବିଷୟରେ ସବିଶେଷ ତଥ୍ୟ ଏନ୍‌ଏମ୍‌ସିକୁ ଜଣାଇବା ଲାଗି ଖଣ୍ଡପୀଠ ଘରୋଇ ମେଡିକାଲ କଲେଜକୁ କହିଛନ୍ତି । ସେହିଭଳି ଏହି ଅର୍ଥ କିଭଳି ଆଦାୟ କରାଯିବ ଓ ଘରୋଇ ମେଡିକାଲ କଲେଜକୁ ଭରଣା କରାଯିବ ତା'ର ସମାଧାନ ବାଟ ଏନ୍‌ଏମ୍‌ସି ବାହାର କରିବ । ଫି ସମସ୍ୟାର ସମାଧାନ ହେବା ପରେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତାର ଚୂଡ଼ାନ୍ତ ପ୍ରମାଣପତ୍ର ମିଳିପାରିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ଛାତ୍ରଛାତ୍ରୀ ସରକାରୀ ସବ୍‌ସିଡି ଆଧାରରେ ସେହି ଘରୋଇ ମେଡିକାଲ କଲେଜରେ ପଢ଼ିବା ଲାଗି ଦର୍ଶାଇଥିବା ଯୁକ୍ତିକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି ଯେ, ଏଭଳି ହେଲେ ତାହା ଅନୁଚିତ ଲାଭ ଭାବେ ପରିଗଣିତ ହେବ । ଛାତ୍ରଛାତ୍ରୀ ପରିସ୍ଥିତି ପାଇଁ ଯଦିଓ ଦାୟୀ ନୁହନ୍ତି, କିନ୍ତୁ ସେମାନେ ମୂଳରୁ ଏକ ଘରୋଇ ମେଡିକାଲ କଲେଜରେ ପ୍ରବେଶ କରିଥିଲେ । ଯେଉଁଠାରେ ଫି ଢ଼ାଞ୍ଚା ସରକାରୀ ମେଡିକାଲ କଲେଜ ଠାରୁ ବହୁ ଅଧିକ ଥିଲା । ସୂଚନାଯୋଗ୍ୟ ଯେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରେ ପ୍ରତିଷ୍ଠା କରାଯାଇଥିବା ସର୍ଦ୍ଦାର ରାଜାସ୍ ମେଡିକାଲ କଲେଜ ଓ ହସ୍ପିଟାଲ (ଏସ୍‌ଆରଏମ୍‌ସଏଚ୍)ରେ ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆ ଯାଞ୍ଚ କରିବା ପରେ ସେଠାରେ ଭିତ୍ତିଭୂମି, ଫାକଲ୍ଟି ଓ ନିୟମ କାନୁନରେ ବ୍ୟାପକ ତ୍ରୁଟି ନଜରକୁ ଆସିଥିଲା । ଏହା ପରେ କଲେଜର ମାନ୍ୟତାକୁ ରଦ୍ଦ କରିଦିଆଯାଇଥିଲା । ସେଠାରେ ପଢୁଥିବା ୨୦୧୩-୧୪ ଓ ୨୦୧୪-୧୫ ବ୍ୟାଚ୍ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସଙ୍କଟରେ ପଡିଥିଲା । ହାଇକୋର୍ଟ ମ୍ୟାନେଜମେଣ୍ଟ କୋଟାରେ ସରକାରୀ ମେଡିକାଲ କଲେଜରେ ସେମାନଙ୍କୁ ଭର୍ତ୍ତି କରାଇବାକୁ କହିଥିଲେ । କିନ୍ତୁ ଏହାକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଥିଲା । ଛାତ୍ରଛାତ୍ରୀଙ୍କର ଗୋଟିଏ ଶିକ୍ଷାବର୍ଷ ଯେଭଳି ନଷ୍ଟ ନହେବ ସେଥିପାଇଁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ କାଉନସେଲିଂ ପ୍ରକ୍ରିୟାରେ ସେମାନଙ୍କୁ ଆଇଏମ୍‌ଏସ୍-ସମ୍ ହସ୍ପିଟାଲ, କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ (କିମ୍ସ) ଏବଂ ହାଇଟେକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ । ୧୨୨ ଜଣ ଛାତ୍ରଛାତ୍ରୀ ଉପରୋକ୍ତ ୩ ମେଡିକାଲ କଲେଜରେ ପଢ଼ିଥିଲେ । ପାଠପଢ଼ା ଭିତରେ ସେମାନେ କୋର୍ଟଙ୍କ ଅନ୍ତରୀଣ ସୁରକ୍ଷା ଆଧାରରେ ସରକାରୀ ଫି ହିସାବରେ ବାର୍ଷିକ ପ୍ରାୟ ୩୦ ହଜାର ଟଙ୍କା ଲେଖାଏ ଦେଇଥିଲେ । ତେବେ ପାଠପଢ଼ା ଶେଷ ହେବା ପରେ ଘରୋଇ ମେଡିକାଲ କଲେଜ କର୍ତ୍ତୃପକ୍ଷ ଛାତ୍ରଛାତ୍ରୀଙ୍କ ଠାରୁ ପୂର୍ଣ୍ଣ ଫି ଓ ଦେଇଥିବା ଷ୍ଟାଇପେଣ୍ଡ ବାବଦ ଅର୍ଥ ଦାବିରେ ସୁପ୍ରିମକୋର୍ଟରେ ପିଟିସନ ଫାଇଲ କରିଥିଲେ ।

# ଜନାକୀର୍ଣ୍ଣ ରାସ୍ତାରେ ଆତଙ୍କରାଜ : ଯୁବକ ଓ ବାନ୍ଧବୀଙ୍କୁ ଘେରି ପିଟିଲେ ଦୁର୍ବୃତ୍ତ

**ବ୍ରହ୍ମପୁର,୧୯/୦୫ ନ୍ୟୁଜ ବ୍ୟୁରୋ**

ଜଣେ ଯୁବକ ଓ ଯୁବତୀଙ୍କୁ ନିର୍ମମ ଭାବେ ପିଟୁଛନ୍ତି କେତେକ ଦୁର୍ବୃତ୍ତ । ଚାରିପାଖରେ ଲୋକ ଅଛନ୍ତି, କିନ୍ତୁ ଦୁର୍ବୃତ୍ତଙ୍କ ସେଥିକୁ ଖାତିର ନାହିଁ । ଜନାକୀର୍ଣ୍ଣ ଗିରିରୋଡ୍‌ରେ ରାତି ୯ଟା ବେଳର ଦୃଶ୍ୟ । ଏହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଘୂରି ବୁଲୁଛି । ଦିନକ ପୂର୍ବରୁ ଜଣେ ଅପରାଧୀକୁ ପୁଲିସ ଏନ୍‌କାଉଣ୍ଟର କରିଛି । ସୋମବାର ସନ୍ଧ୍ୟାରେ ପୁଣି ଅପରାଧୀଙ୍କ ଆତଙ୍କରାଜ । ଆକ୍ରମଣରେ ଆହତ ହୋଇଛନ୍ତି ଗଜପତି ନଗରର ଉମେଶ ରଥ । ତାଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଥିବା ବାନ୍ଧବୀଙ୍କୁ ମଧ୍ୟ ପିଟିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଉମେଶ ଓ ତାଙ୍କ ବାନ୍ଧବୀ ଗିରିରୋଡ଼ରେ ଏକ ମୋମୋ ଦୋକାନ ଆଗରେ ଠିଆ ହୋଇଥିବାବେଳେ ଏଭଳି ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ପାଖରୁ ପ୍ରକାଶ । ଆହତ ଉମେଶ ଓ ତାଙ୍କ ବାନ୍ଧବୀଙ୍କୁ ସ୍ଥାନୀୟ ଲୋକ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଉମେଶଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ବିଭିନ୍ନ ଅଙ୍ଗରେ କ୍ଷତ ଲାଗିଛି । ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଡାକ୍ତରଖାନାରେ ଏସ୍‌ପି ଡା. ସରବଣା ବିବେକ ଏମ୍ ପହଞ୍ଚି ଅନୁଧ୍ୟାନ କରିବା ସହ ଘଟଣା ସମ୍ପର୍କରେ ପଚରାଉଚରା କରି ଫେରିଛନ୍ତି । ଘଟଣାସ୍ଥଳରେ ଟାଉନ୍ ଥାନା ଆଇଆଇସି ରାମ ସୁବ୍ରମଣ୍ୟମ୍ ପ୍ରଧାନ ଓ ବୈଦ୍ୟନାଥପୁର ଥାନା ଆଇଆଇସି ସୁବ୍ରତ ବେହୁରା ପହଞ୍ଚି ଛାନଭିନ୍ କରିଛନ୍ତି । ପୂର୍ବ ଶତ୍ରୁତାରୁ ଉମେଶ ଉପରେ ଆକ୍ରମଣ ହୋଇଥିବା ପୁଲିସର ପ୍ରାଥମିକ ତଦନ୍ତରେ ଜଣାପଡିଛି । ପୂର୍ବ ଶତ୍ରୁତା କାରଣରୁ ଏପରି ଘଟଣା ଘଟିଥିବା କହିଛନ୍ତି ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ । ଏ ସମ୍ପର୍କରେ ବ୍ରହ୍ମପୁର ଟାଉନ ଥାନାରେ ମାମଲା ରୁଜୁ ହୋଇଛି । ଆକ୍ରମଣର ଶିକାର ହୋଇଥିବା ଯୁବକ ଏବଂ ଆକ୍ରମଣ କରିଥିବା ଗୋଷ୍ଠୀଙ୍କ ମଧ୍ୟରେ ପୂର୍ବରୁ ବହୁ ମାମଲା ରହିଥିବା କହିଛନ୍ତି ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ ।

## ଓଡ଼ିଶାରେ ଅରାଜକତାର ଭୟଙ୍କର ଚିତ୍ର

# ସରକାର ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ : ବିରୋଧି ଦଳ ନେତା

**ଭୁବନେଶ୍ୱର,୧୯/୦୫ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଅସାମାଜିକ ଦୁର୍ବୃତ୍ତଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ି ଚାଲିଛି । ଦିନ ଦ୍ୱିପ୍ରହରେ ସେମାନେ ଆତଙ୍କରାଜ ଚଳାଇଛନ୍ତି । ବାଲିଅନ୍ତା ପରେ ଏବେ ବ୍ରହ୍ମପୁରରେ ଘଟିଛି ଅମାନୁଷିକ କାଣ୍ଡ । ବିଚ୍ ରାସ୍ତାରେ ଜଣେ ଯୁବକ ଏବଂ ମହିଳାଙ୍କୁ ସର୍ବସମ୍ମୁଖରେ ଅତି ନିର୍ମମ ଭାବେ ପିଟି ପିଟି ମରଣାନ୍ତକ ଆକ୍ରମଣ କରାଯିବାର ଦୃଶ୍ୟ ଅତ୍ୟନ୍ତ ଅମାନୁଷିକ । ସାରା ଓଡ଼ିଶାବାସୀଙ୍କୁ ଏହା ଆତଙ୍କିତ ଓ ବିଚଳିତ କରିଛି । ଭୟଶୂନ୍ୟ ହୋଇ ଅପରାଧିମାନେ ଅତ୍ୟନ୍ତ ନୃଶଂସ କାଣ୍ଡ ଘଟାଉଛନ୍ତି । କୁଆଡ଼େ ଯାଉଛି ପୁଲିସ ପ୍ରଶାସନ ? କୁଆଡ଼େ ଯାଉଛି ଆଇନ କାନୁନର ବ୍ୟବସ୍ଥା ? ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ଗୁଣ୍ଡାରାଜ୍ ଶାସନ ପାଇଁ ଓଡ଼ିଶା ସାରା ଦେଶରେ ନିନ୍ଦିତ ହେଉଛି । ସରକାର ତୁରନ୍ତ ଦୋଷୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନେଇ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରୁ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟ୍ୱିଟ୍ କରି କହିଛନ୍ତି । ସେହିପରି ସେପଟେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ପୋଷ୍ଟର ଜବାବ ରଖିଛନ୍ତି ଆସ୍କା ବିଧାୟକ ସରୋଜ ପାଢ଼ୀ । ଶ୍ରୀ ପାଢୀ କହିଛନ୍ତି, 'ଗତକାଲି ଯାହା ହେଇଛି ବ୍ୟକ୍ତିଗତ ଘଟଣା । ଏବେ ଏନକାଉଣ୍ଟର ହେଇଛି । ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ କାହାକୁ କ୍ଷମା ଦିଆଯିବନାହିଁ । ଏବେ ଯାହା ଘଟିଲେ ସାଙ୍ଗେ ସାଙ୍ଗେ ଆକ୍ସନ ନେଉଛି ଆମ ସରକାର । ଡିଜି ମଧ୍ୟ କହିଛନ୍ତି ସିଧା ଏନକାଉଣ୍ଟର ହେବ'' । ସେ ଆହୁରି ମଧ୍ୟ କହିଛନ୍ତି, 'ବିଜେଡି ସରକାର ଭଳି



ଟୁଇଟ କରି ଦେଇ କାମ ସାରି ଦିଆଯାଉନାହିଁ । ସାଧାରଣରେ ଆଲୋଚନା ହେଉଛି ଯେ, ପୋଲିସ ଏନ୍‌କାଉଣ୍ଟର ପରେ ବି ବ୍ରହ୍ମପୁର ପୋଲିସକୁ ଅପରାଧୀଙ୍କ ଭୟ ନାହିଁ । ନିକଟରେ ଗୋପାଳପୁର ଜମି ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଅପହରଣ ଓ ହତ୍ୟା ଘଟଣା ଏବଂ ବାଲିଅନ୍ତା ଭିଡ ହିଂସା ଘଟଣା ପରେ ଏବେ ଏହି ଭାଇରାଲ ଭିଡିଓ ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୯/୦୫/୨୦୨୬
୦୫,୯୫,୨୩୭/- ଟଙ୍କା
ସୁନା:- ଶୂନ୍ୟ
ରୂପା:- ଶୂନ୍ୟ

# ଅଲିଭ୍ ରିଡ୍‌ଲେ ଅଣ୍ଡା ସଂଗ୍ରହ ଓ ଛୁଆ ଛାଡ଼ିବାରେ ରେକର୍ଡ କଲା ବ୍ରହ୍ମଗିରି ରେଞ୍ଜ୍

**ବ୍ରହ୍ମଗିରି, ୧୯/୦୫ ନ୍ୟୁଜ ବ୍ୟୁରୋ**

ବିରଳ ଅଲିଭ୍ ରିଡ୍‌ଲେ ଅଣ୍ଡା ସଂଗ୍ରହ କରିବା, ସଫଳତାର ସହକାରେ ଅଣ୍ଡାରୁ ଛୁଆ ଫୁଟିବାରେ ବ୍ୟବସ୍ଥା କରିବା ଓ ଛୁଆଙ୍କୁ ସମୁଦ୍ରରେ ଛାଡ଼ିବା ପ୍ରକ୍ରିୟାରେ ବ୍ରହ୍ମଗିରି ବନାଞ୍ଚଳ ପୂର୍ବବର୍ଷର ସମସ୍ତ ରେକର୍ଡ ଭାଙ୍ଗିଛି । ୬୪୬ଟି ହେଚେରିରୁ ୬୬ ହଜାର ୪୫୧ଟି ଛୁଆ ସମୁଦ୍ରକୁ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସୂଚନାନୁସାରେ, ବ୍ରହ୍ମଗିରି ବନାଞ୍ଚଳରେ ବାଲିହରଚଣ୍ଡି ବିଚ୍‌ରେ ମୋଟ ୨୧୬ଟି ବସାରୁ ୨୫ ହଜାର ୩୦୩ଟି କଇଁଛ ଅଣ୍ଡା ସଂଗ୍ରହ କରାଯାଇ ଅସ୍ଥାୟୀ ହେଚେରିରେ ରଖାଯାଇଥିଲା । ସେଥିମଧ୍ୟରୁ ୨୨ ହଜାର ୨୯୭ଟି ଛୁଆ ଫୁଟି ସମୁଦ୍ରକୁ ଯାଇଛନ୍ତି । ୩୦୦୬ଟି ଅଣ୍ଡା ବିଭିନ୍ନ ପ୍ରାକୃତିକ କାରଣରୁ ନଷ୍ଟ ହୋଇଛି । ସେହିଭଳି ଚାପମାଣିକ ବିଚ୍‌ରେ ୪୩୦ଟି ବସାରୁ ୪୯ ହଜାର ୬୧୭ଟି ଅଣ୍ଡା ସଂଗ୍ରହ ହୋଇଥିବା ବେଳେ ୪୪ ହଜାର ୧୫୪ଟି କଇଁଛ ଛୁଆ ସମୁଦ୍ରକୁ ଛଡ଼ାଯାଇଛି । ବାକି ୫୪୬୩ଟି ଅଣ୍ଡା ନଷ୍ଟ ହୋଇଛି । ଦୁଇଟି ବିଚ୍‌ରେ ମୋଟ ୬୪୬ଟି ବସାରୁ ୭୪ ହଜାର ୯୨୦ଟି କଇଁଛ ଅଣ୍ଡା ସଂଗ୍ରହ ହୋଇଥିବା ବେଳେ ୬୬ ହଜାର ୪୫୧ଟି ଛୁଆ ସମୁଦ୍ରକୁ ଯାଇଛି ଏବଂ ୮୪୬୯ଟି ଅଣ୍ଡା ନଷ୍ଟ ହୋଇଛି । ଏହି ସଂଖ୍ୟା ବ୍ରହ୍ମଗିରି ବନାଞ୍ଚଳରେ ସର୍ବକାଳୀନ ରେକର୍ଡ ହୋଇଛି । ପୁରୀ ମଙ୍ଗଳା ନଈ ମୁହାଣ ଠାରୁ ବାଲିହରଚଣ୍ଡି ମୁହାଣ ପର୍ଯ୍ୟନ୍ତ ଦୀର୍ଘ ୨୬ କିଲୋମିଟର ସମୁଦ୍ର ଉପକୂଳରେ ବନ ବିଭାଗ ୨୦୨୫ ନଭେମ୍ବର ମାସ ଠାରୁ ୨୦୨୬ ମଇ ମାସ ୧୮ ତାରିଖ ପର୍ଯ୍ୟନ୍ତ ଅର୍ଥାତ ଦୀର୍ଘ ସାଢେ ୬ମାସ ହେବ ନିରନ୍ତର ୨୪ ଘଣ୍ଟିଆ ପହରା ଦେଇ ଆସୁଥିଲା । ଦୁଇଟି ବିଚ୍‌ରେ ଅଲିଭ ରିଡ୍‌ଲେ କଇଁଛ ଚଳିତ ବର୍ଷ ସୁରକ୍ଷିତ ଭାବରେ ଆସି ଅଣ୍ଡା ଦେଇ ପୁଣି ସମୁଦ୍ରକୁ ଯାଇଥିଲେ । ବନ ବିଭାଗ ଅଣ୍ଡା ଗୁଡିକୁ ସଂଗ୍ରହ କରି ଅସ୍ଥାୟୀ ହେଚେରିରେ ରଖି ଛୁଆ ଫୁଟିବା ପରେ ସମୁଦ୍ରକୁ ଛାଡ଼ିଛି । ଦୁଇଟି ବିଚ୍‌ରେ ଥିବା ଅସ୍ଥାୟୀ ହେଚେରିରୁ ସମସ୍ତ ଅଣ୍ଡା ଫୁଟି ଛୁଆ ସମୁଦ୍ରକୁ ଯାଇଛନ୍ତି । ଚଳିତ ବର୍ଷର କଇଁଛ କ୍ୟାମ୍ପ ବନ୍ଦ ହୋଇଛି । ବନ ବିଭାଗ ସାଢେ ୬ ମାସ ଧରି ଉପକୂଳରେ କଡା ପହରା ଦେବା ସହିତ ବେଆଇନ ଟ୍ରଲର ଉପରେ କଠୋର ନିୟନ୍ତ୍ରଣ କରାଯାଇଥିଲା ବୋଲି ବ୍ରହ୍ମଗିରି ବନାଞ୍ଚଳ ଅଧିକାରୀ ଚନ୍ଦ୍ରଶେଖର ସାହୁ କହିଛନ୍ତି । ଗତ କିଛି ବର୍ଷ ହେଲା ବ୍ରହ୍ମଗିରି ରେଞ୍ଜ ଅଲିଭ ରିଡ୍‌ଲେ କଇଁଛଙ୍କ ପାଇଁ ଭୂସ୍ୱର୍ଗ ହୋଇଛି । ସୁରକ୍ଷିତ ଅବସ୍ଥାରେ ଉପକୂଳକୁ ଉଠି ଅଣ୍ଡା ଦେଉଥିବାରୁ ପରିବେଶବିତ୍ ଖୁସି ପ୍ରକଟ କରିଛନ୍ତି ।






## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

# ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ : ୩୯.୬୪ ଏକର ପ୍ଲଟ୍ ସାଙ୍ଗକୁ ରହିଛି ବିଳାସପୂର୍ଣ୍ଣ ଫାର୍ମହାଉସ

**ଭୁବନେଶ୍ୱର/ଭବାନୀପାଟଣା, ୧୯/୦୫ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ପୂର୍ତ୍ତ ବିଭାଗର ଅଧିକାରୀ ଭୁବନେଶ୍ୱର ଶବର । ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୬ ଟି ସ୍ଥାନରେ ଏକକାଳୀନ ଚଢାଉ କରିଛି ଭିଜିଲାନ୍ସ ନିର୍ଦ୍ଦେଶାଳୟ । ବିଳାସପୂର୍ଣ୍ଣ ଫାର୍ମ ହାଉସ ଦେଖି ଛାନିଆ ଭିଜିଲାନ୍ସ ଟିମ୍ । ଏହି ଚଢଉରେ ୬ ଜଣ ଡିଏସ୍‌ପି ଓ ୯ ଜଣ ଇନ୍ସପେକ୍ଟର ସାମିଲ ହୋଇଛନ୍ତି । ଏହି ଚଢଉ ବେଳେ ଅନେକ ସମ୍ପତ୍ତି ଠାବ ହୋଇଛି । ପୂର୍ତ୍ତ ବିଭାଗ ଅଧିନ କଳାହାଣ୍ଡି ଜିଲ୍ଲା ଧର୍ମଗଡ ରାସ୍ତା ଓ ଗୃହ ଉପ-ବିଭାଜନର ନିର୍ବାହୀ ଯନ୍ତ୍ରୀ ତଥା ଭବାନୀପାଟଣା ଆର୍ ଆଣ୍ଡ ବି ଡିଭିଜନର ଇଇ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଭୁବନେଶ୍ୱର ସବର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱରଙ୍କ ୬ଟି ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି । ଚଢ଼ଉ ହେଉଥିବା ସ୍ଥାନ ମଧ୍ୟରେ ଭବାନୀପାଟଣାସ୍ଥିତ ଅଫିସ ଚାମ୍ବର, ପିଡବ୍ଲ୍ୟୁଡି କଲୋନିସ୍ଥିତ ସରକାରୀ କ୍ୱାର୍ଟର ଆଦି ରହିଛି । ଭିଜିଲାନ୍ସ ଚଢ଼ଉରେ ଭୁବନେଶ୍ୱରଙ୍କ ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହେବାରେ ଲାଗିଛି । ଏଯାବତ ୩୩ଟି ପ୍ଲଟ୍ ସମେତ ୪ ବହୁତଳ କୋଠା ଏବଂ ଅନ୍ୟାନ୍ୟ ସମ୍ପତ୍ତି ଠାବ ହୋଇଛି । ତେବେ ଭୁବନେଶ୍ୱର ମାତ୍ର ୬ ହଜାର ଟଙ୍କାରେ ଚାକିରି ଆରମ୍ଭ କରିଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି ।

ସେହିପରି ଭବାନୀପାଟଣା ବ୍ଲକ ଗୋଷାଣୀମୁଣ୍ଡା ସ୍ଥିତ ଘରେ, କୁସୁମଖୁଣ୍ଟିରେ ଥିବା ପୈତୃକ ବାସଭବନ, ଦୁଆରସୁନି ଠାରେ ଥିବା ଘର ଓ ଏକ ନିର୍ମାଣଧିନ କୋଠା, କିଟ୍ ପଦର ଠାରେ ଥିବା ବିଳାସପୂର୍ଣ୍ଣ ଫାର୍ମହାଉସ ସମେତ ଧର୍ମଗଡ ଏବଂ ଭବାନୀପାଟଣା ସ୍ଥିତ ସରକାରୀ କାର୍ଯ୍ୟାଳୟରେ ଚଢ଼ଉ କରିଥିଲେ । ଭିଜିଲାନ୍ସ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ବ୍ୟାଙ୍କ ଡକ୍ୟୁମେଣ୍ଟ ଯାଞ୍ଚ କରୁଛି ।



ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରଙ୍କ ଭବାନୀପାଟଣା ବ୍ଲକ ଗୋଷାଣୀମୁଣ୍ଡାରେ ୪୫୦୦ ବର୍ଗଫୁଟରେ ଏକ ଦୁଇ ମହଲା କୋଠା, କୁସୁମଖୁଣ୍ଟିରେ ୨୬୨୫ ବର୍ଗଫୁଟରେ ଏକ ଦୁଇ ମହଲା କୋଠା, ସେଠାରେ ୧୩୦୦ ବର୍ଗଫୁଟରେ ଆଉ ଏକ ଦୁଇ ମହଲା କୋଠା ଏବଂ କୋକସରା ମୋଟର ଛକରେ ୪୨୨୮ ବର୍ଗଫୁଟରେ ଏକ ଦୁଇ ମହଲା କୋଠା ଠାବ ହୋଇଛି । ସେହିପରି କୋକସରା ମୋଟର ଛକରେ ୮ଟି କାବିନ ଥିବା ଏକ ମାର୍କେଟ୍ କମ୍ପ୍ଲେକ୍ସ ଏବଂ କିଟପଦରରେ ଥିବା ଫାର୍ମହାଉସ ଠାବ ହୋଇଛି । ତେବେ ଭବାନୀପାଟଣା ଓ କୋକସରା ଉପକଣ୍ଠରେ ଭୁବନେଶ୍ୱର ୩୩ଟି ପ୍ଲଟ୍ ରଖିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି ।

ଏହି ପ୍ଲଟଗୁଡ଼ିକ ମୋଟ୍ ୩୯.୬୪ ଏକର ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି । ତେବେ କୋଠା, ଫାର୍ମ ହାଉସ, ମାର୍କେଟ୍ କମ୍ପ୍ଲେକ୍ସ ଓ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି । ଭୁବନେଶ୍ୱରଙ୍କ ଘରୁ ଗୋଟିଏ ଚାରି ଚକିଆ ଯାନ ଠାବ ହୋଇଛି । ସେହିପରି ଭୁବନେଶ୍ୱରଙ୍କ ବ୍ୟାଙ୍କ୍, ପୋଷ୍ଟାଲ ଜମା ଏବଂ ଅନ୍ୟାନ୍ୟ ନିବେଶ ସଂକ୍ରାନ୍ତରେ ଭିଜିଲାନ୍ସ ଅଧିକ ଖୋଳତାଡ ଚଳାଇଛି । ଭିଜିଲାନ୍ସ ପକ୍ଷରୁ ହେଉଥିବା ଏହି ଚଢ଼ଉରେ ୬ ଜଣ ଡିଏସପି, ୬ ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି । ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଯାଞ୍ଚ ୱାରେଣ୍ଟ ବଳରେ ଏହି ଚଢ଼ଉ କରାଯାଇଛି । ଭୁବନେଶ୍ୱରଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

ଭିଜିଲାନ୍ସ ସୂଚନା ଅନୁଯାୟୀ, ଭୁବନେଶ୍ୱର ୧୯୯୯ ମସିହା ଜୁଲାଇ ୧ରେ ଭୁବନେଶ୍ୱର କନିଷ୍ଠ ଯନ୍ତ୍ରୀ ଭାବେ ଚାକିରି ଆରମ୍ଭ କରି କୋରାପୁଟ ଆର ଆଣ୍ଡ ବି ବିଭାଜନ ସୁନାବେଡା ସେକ୍ସନରେ ନିଯୁକ୍ତି ପାଇଥିଲେ । ସେତେବେଳେ ତାଙ୍କର ଦରମା ଥିଲା ମାତ୍ର ୬ ହଜାର । ଏହାପରେ ସେ ୨୦୦୩ରୁ ୨୦୦୬ ଯାଏ ନବରଙ୍ଗପୁର ଆର ଆଣ୍ଡ ବି ଡିଭିଜନରେ କାର୍ଯ୍ୟ କରିଥିଲେ । ୨୦୦୬ରୁ ୨୦୧୩ ପର୍ଯ୍ୟନ୍ତ ଭୁବନେଶ୍ୱର ଭବାନୀପାଟଣା ଆର ଆଣ୍ଡ ବି ସେକ୍ସନ-୨ରେ ରହିଥିଲେ । ୨୦୧୩ରେ ସେ ସହକାରୀ ଯନ୍ତ୍ରୀ ଭାବେ ପଦନ୍ନୋତି ପାଇଥିଲେ । ଏହାପରେ ସେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ପଦନ୍ନୋତି ପାଇ ୨୦୧୬ରୁ ୨୦୨୪ ଯାଏ ଧର୍ମଗଡ ଆର ଆଣ୍ଡ ବି ଉପ ବିଭାଜନରେ ଅବସ୍ଥାପିତ ହୋଇଥିଲେ । ୨୦୨୪ ମାର୍ଚ୍ଚରେ ସେ ପୁଣି ନିର୍ବାହୀ ଯନ୍ତ୍ରୀ ଭାବେ ପଦନ୍ନୋତି ପାଇଥିଲେ । ସେ ଧର୍ମଗଡ଼ରେ କାର୍ଯ୍ୟ କରୁଥିବା ବେଳେ ୨୦୨୫ ଜାନୁଆରୀରୁ ଭବାନୀପାଟଣା ଆର ଆଣ୍ଡ ବି ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି ।